


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 67 | ଭାଗ ୩୪ | ସଂଖ୍ୟା ୬୭ Bhubaneswar | Friday 30 May 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୩୦ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଇଡି ହାତରେ ସିବିଆଇ ହାତକଡ଼ି

### ଲାଞ୍ଚ ନେବା ବେଳେ ବନ୍ଧାହେଲେ ଡିଡି



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ସିବିଆଇ ଜାଲରେ ପଡ଼ିଛନ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଉପନିର୍ଦ୍ଦେଶକ (ଡିଡି)। ଇଡି ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଧରିଛି। ଢେଙ୍କାନାଳର ଜଣେ ଖଣି ବ୍ୟବସାୟୀଙ୍କର ଏକ ମାମଲାକୁ ରଫାଦଫା କରିବାକୁ ଏହି ଲାଞ୍ଚ କାରବାରରେ ତାଙ୍କୁ ସିବିଆଇ ଧରିଥିବା ସୂଚନା ମିଳିଛି ।

ପ୍ରାଥମିକ ଭାବେ ମିଳିଥିବା ସୂଚନାନୁଯାୟୀ, ଢେଙ୍କାନାଳର ଖଣି ବିଶିଷ୍ଟ ବ୍ୟବସାୟୀ ରତିକାନ୍ତ ରାଉତଙ୍କ ୫ଟି ଖଣି ଓ ବାସଭବନ ସମେତ ୧୪ଟି ସ୍ଥାନରେ ଗତ ଜାନୁଆରୀ ୮ ଓ ୯ ତାରିଖ ଦୁଇ ଦିନ ଧରି ଇଡି ରେଡ କରିଥିଲା। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଏହି ମାମଲାର ରଫାଦଫା ପାଇଁ ଇଡି ଅଧିକାରୀ ଜଣକ କୁଆଡ଼େ ୫୦ ଲକ୍ଷ ଟଙ୍କା ମାଗିଥିଲେ। ଏହି ଅର୍ଥ ଦେବାକୁ ଖଣି ବ୍ୟବସାୟୀ ମଧ୍ୟ ରାଜି ହୋଇଥିବା ଜଣାପଡ଼ିଛି। ଆଜି ଜଣେ ମଧ୍ୟସ୍ଥିଙ୍କ ଜରିଆରେ ଅଗ୍ରୀମ ଆକାରରେ ୨୦ ଲକ୍ଷ ଟଙ୍କା ଲଞ୍ଚ ନେବା ବେଳେ ସିବିଆଇ ଉଭୟଙ୍କୁ ମାଡ଼ିବସିଥିବା ଜଣାପଡିଛି।

ସମ୍ପୃକ୍ତ ଇଡି ଅଧିକାରୀ ଓ ଖଣି ବ୍ୟବସାୟୀଙ୍କୁ ଏବେ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଜେରା ଚାଲିଛି। ଆଜି ସନ୍ଧ୍ୟାରେ ଉଭୟଙ୍କୁ ସିବିଆଇ ଉଠେଇ ଆଣିଥିବା ବେଳେ ମୁହାଁମୁହିଁ ଜେରା କରାଯାଉଛି। ସମ୍ପୃକ୍ତ ଖଣି ବ୍ୟବସାୟୀଙ୍କ ସମ୍ପର୍କୀୟମାନେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ସିବିଆଇ କାର୍ଯ୍ୟାଳୟ ବାହାରେ ଅପେକ୍ଷା କରିଥିଲେ। ସେମାନେ ମଧ୍ୟ ଗଣମାଧ୍ୟମରେ ବିଧିବଦ୍ଧ ଭାବେ ମୁହଁ ଖୋଲୁନାହାଁନ୍ତି। କିନ୍ତୁ ଅନୌପଚାରିକ ଭାବେ କହୁଛନ୍ତି ମାମଲା ରଫାଦଫା କରିବାକୁ ୫୦ ଲକ୍ଷ ନୁହେଁ ➾ପୃଷ୍ଠା-୬

### ସାକ୍ଷୀଗୋପାଳରୁ ଆରମ୍ଭ ହେଲା ବିକଶିତ କୃଷି ସଂକଳ୍ପ ଅଭିଯାନ

## ଦେଶ ପାଇଁ ଉଦାହରଣ ପାଲଟିଛି ଓଡ଼ିଶା



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ପୁରୀର ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଜାତୀୟ କାର୍ଯ୍ୟକ୍ରମ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ 'ଏକ ପେଡ ମା' କେ ନାମ' ଅଭିଯାନ ଆଧାରରେ ଚାରା ରୋପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ସୂଚନାଯୋଗ୍ୟ ଯେ ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହ ସରକାର ସିଧାସଳଖ ସାକ୍ଷାତକାର କରି ସେମାନଙ୍କୁ ନୂତନ କୃଷି ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ

- ୧୫ ଦିନ ଧରି ଦେଶ ବ୍ୟାପୀ ଚାଲିବ ଅଭିଯାନ
- ଦେଢ଼ କୋଟି ଚାଷୀଙ୍କୁ ଭେଟିବେ ବୈଜ୍ଞାନିକ
- ଚାଷୀମାନେ ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ ହେବେ: ମୁଖ୍ୟମନ୍ତ୍ରୀ

ଅବଗତ କରାଇବେ। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜିଠାରୁ ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନ କେନ୍ଦ୍ର ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ମାଧ୍ୟମରେ ଦେଶର ୭୦୦ ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବେ ଓ ସେମାନଙ୍କୁ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ଅବଗତ କରାଇବେ।

ଏଥିପାଇଁ ଜିଲ୍ଲା ସ୍ତରରେ ୩ଟି ଦଳ ଗଠନ କରାଯାଇଥିବା ବେଳେ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟବସ୍ତୁ ବିଷୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ ଗ୍ରାମୀଣ କୃଷକଙ୍କୁ ବୁଝାଇବେ। ପ୍ରତି ଦଳ ଦୈନିକ ଦୁଇଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ ➾ପୃଷ୍ଠା-୬



### ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

## ଦେଶର ମୁଖ୍ୟ ଆଧାର ହେବ କୃଷି

### ଆଧୁନିକୀକରଣକୁ ଆପଣେଇଥିବା ଚାଷୀଙ୍କ ମାର୍ଗ ପ୍ରଶସ୍ତ

ଆଜି ପୂର୍ବାହ୍ନରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅପରାହ୍ନରେ ସ୍ଥାନୀୟ ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷକଙ୍କୁ ଭେଟି ଆଗାମୀ ୧୫ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକାଶ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କୃଷକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ କୃଷି ବିକାଶକୁ ସମର୍ଥନ କରିବା ଦିଗରେ ଏକ ଅନନ୍ୟ ପ୍ରୟାସ। କୃଷି କ୍ଷେତ୍ରରେ ଆଧୁନିକୀକରଣକୁ ଆଗେଇ ନେଉଥିବା କୃଷକଙ୍କ ପ୍ରଗତି ପାଇଁ ଏହି ଅଭିଯାନ ନୂତନ ପଥ ଖୋଲିବ। ମୌସୁମୀ ଆସିବା ଏବଂ ଖରିଫ ଋତୁ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହ ଆଗାମୀ ୧୨ରୁ ୧୫ ଦିନ ମଧ୍ୟରେ ବୈଜ୍ଞାନିକ, ବିଶେଷଜ୍ଞ, ଅଧିକାରୀ ଏବଂ ପ୍ରଗତିଶୀଳ କୃଷକଙ୍କ ଦ୍ୱାରା ଗଠିତ ୨୦୦୦ ଦଳ ୭୦୦ରୁ ଅଧିକ ଜିଲ୍ଲା ଭ୍ରମଣ କରିବେ ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଚାଷୀଙ୍କ ନିକଟରେ ପହଞ୍ଚିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ସମସ୍ତ ଚାଷୀ ଏବଂ ଏହି ଦଳର ଅଂଶଗ୍ରହଣକାରୀଙ୍କୁ ଶୁଭକାମନା ଜଣାଇ ଭାରତର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ➾ପୃଷ୍ଠା-୬

### ୪ ଦଶନ୍ଧି ଲଢ଼େଇରେ ବିରାମ

## ନକ୍ସଲମୁକ୍ତ ହେଲା ବସ୍ତର



**ରାୟପୁର,୨୯।୫:** ନକ୍ସଲ ଦମନ ଅଭିଯାନରେ ଛତିଶଗଡ଼ ପାଇଁ ଆଜିର ଦିନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଆଜି ଦୀର୍ଘ ୪ ଦଶନ୍ଧି ଧରି ନକ୍ସଲବାଦ ବିରୋଧରେ ଚାଲିଥିବା ଲଢ଼େଇର ଅବସାନ ଘଟିଛି ଓ ବସ୍ତର ଜିଲ୍ଲା ନକ୍ସଲମୁକ୍ତ ହୋଇଛି। ଫଳସ୍ୱରୂପ ଛତିଶଗଡ଼ର ବସ୍ତର ଜିଲ୍ଲାରେ ନକ୍ସଲଙ୍କ ଉପଦ୍ରବରେ ସ୍ଥାୟୀ ବ୍ରେକ୍ ଲାଗିଛି। ଏନେଇ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ୪୦ ବର୍ଷ ପରେ ବସ୍ତରକୁ ବାମପନ୍ଥୀ ଉଗ୍ରବାଦୀଙ୍କ କବଳରୁ ମୁକ୍ତ ଘୋଷଣା କରିଛନ୍ତି ସରକାର। ➾ପୃଷ୍ଠା-୬

## ବିଜେଡିରେ ପୁଣି ବିସ୍ଫୋରଣ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** କିଛି ଦିନର ନିରବତା ପରେ ପୁଣି ଥରେ ମେ' ୨୯ ବିଜେଡି ବିଭାଜନ ଚକ୍ରାନ୍ତକୁ ନେଇ ମୁହଁ ଖୋଲିଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ। ଆଜିକୁ ଠିକ ୧୩ ବର୍ଷ ତଳେ ବିଜେଡି ବିଭାଜନ ପାଇଁ ଚକ୍ରାନ୍ତ କରିଥିଲେ ଦିବଂଗତ ସାଂସଦ ତଥା ବିଜେଡିର ପୂର୍ବତନ ଦ୍ୱିତୀୟ କ୍ଷମତା କେନ୍ଦ୍ର ପ୍ୟାରୀମୋହନ ମହାପାତ୍ର। ୧୩ ବର୍ଷ ତଳର ସେହି ଦିନକୁ ମନେ ପକେଇ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ତାଙ୍କୁ ଚକ୍ରାନ୍ତ କରି ଦୁଇ ଜଣ ମନ୍ତ୍ରୀ ଫସେଇ ଦେଇଥିଲେ। ଯେଉଁଥିପାଇଁ ସେ ଧଳା ପୋଷାକ ଛାଡ଼ି ନାଲି ପୋଷାକ ପିନ୍ଧୁଛନ୍ତି।

ଶ୍ରୀ ବିଶ୍ୱାଳ ସେତେବେଳର ସେଇ ମନ୍ତ୍ରୀଙ୍କ ନାଁ କହିନଥିଲେ ମଧ୍ୟ କାହାକୁ ଇଙ୍ଗିତ କରିଛନ୍ତି, ତାହା ରାଜ୍ୟବାସୀଙ୍କ ପାଖରେ ଅଛପା ନାହିଁ। ସେଇ ଚର୍ଚ୍ଚିତ ମନ୍ତ୍ରୀ ଦୁଇ ଜଣ ଚୋରି କରି ତାଙ୍କ ମୁଣ୍ଡରେ ଅଠା ବୋଲିଦେଇଥିବା ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି।





- ମୁହଁ ଖୋଲିଲେ ପ୍ରଭାତ ବିଶ୍ୱାଳ, ସୁନୀଲ ମହାନ୍ତି
- ଦୁଇ ମନ୍ତ୍ରୀ ଚୋରି କରି ମୋ ମୁଣ୍ଡରେ ଅଠା ବୋଳିଲେ : ପ୍ରଭାତ
- ପ୍ରତାପଙ୍କ ଘରେ ବସିଥିବା ବୈଠକକୁ ନେଇ ପ୍ରଶ୍ନ କଲେ ସୁନୀଲ

ସେମାନଙ୍କ ପାଇଁ ତାଙ୍କର ରାଜନୈତିକ କ୍ୟାରିୟର ବେଶ୍ ପ୍ରଭାବିତ ହୋଇଛି। ବିଜେଡି ସଫଳତାରେ ପ୍ୟାରୀମୋହନଙ୍କର ମଧ୍ୟ ଭୂମିକା ଥିଲା। କିନ୍ତୁ କିଛି ନେତା ଏହାକୁ ଚକ୍ରାନ୍ତର ରୂପ ଦେଇ ରାଜନୀତି କରିଥିଲେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ସେପଟେ ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତି ମଧ୍ୟ ନିକଟରେ ପ୍ରତାପ ଦେବଙ୍କ ଘରେ ବସିଥିବା ବୈଠକକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦଳୀୟ ବୈଠକ ଶଙ୍ଖ ଭବନ ଛଡ଼ା ହୋଟେଲ, ରେଷ୍ଟୁରାଣ୍ଟ ଏବଂ କାହା ଘରେ ହେବ ନାହିଁ ବୋଲି କହିଥିଲେ ନବୀନ। ଦଳୀୟ ବୈଠକ କୌଣସି ନେତାଙ୍କ ଘରେ ହେଲେ ତାକୁ ଦଳୀୟ ବୈଠକ କୁହାଯିବ ନାହିଁ ବୋଲି ମଧ୍ୟ ଦଳରେ ନିଷ୍ପତ୍ତି ହୋଇଥିଲା। ସେହିପରି ଜଣେ ଦୁଇ ଜଣଙ୍କୁ ନେଇ ଜିଲ୍ଲା ସ୍ତରରେ ➾ପୃଷ୍ଠା-୬

## 'ଶୀତଳଷଷ୍ଠୀ' ପାଇଁ ୫୦ ଲକ୍ଷ ଅନୁଦାନ

### ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁରର ପ୍ରସିଦ୍ଧ 'ଶୀତଳଷଷ୍ଠୀ ଯାତ୍ରା' ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଆମ ସଂସ୍କୃତି ଓ ପରମ୍ପରାର ଅନନ୍ୟ ବାର୍ତ୍ତାବହ ହେଉଛି ଶୀତଳଷଷ୍ଠୀ। ଏହି ଅନୁଦାନ ଦେବଦମ୍ପତିଙ୍କ ବିବାହ ଉତ୍ସବ ଓ ଐତିହ୍ୟସମ୍ପନ୍ନ 'ଶୀତଳ ଷଷ୍ଠୀ' ଯାତ୍ରାକୁ ଆହୁରି ଭବ୍ୟ କରିବ। ଏହାର ପ୍ରଚାର ଓ ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ନିଜସ୍ୱ ପାଣ୍ଠିରୁ ଏହି ଅନୁଦାନ ରାଶି ଘୋଷଣା କରିଥିବା ସୂଚନା ଦେଇଛନ୍ତି। ବିଜେପି ସରକାର ଲୋକଙ୍କ ସରକାର ଓ ଏହି ସରକାରରେ ଲୋକ ପରମ୍ପରା ଓ ଓଡ଼ିଆ ଅସ୍ମିତା ଗରିମାମୟ ହେବା ନିଶ୍ଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ସମ୍ବଲପୁର ସହର। ବରପିତା ରାମଚରଣ ମିଶ୍ର, ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର, ବିବାହ ପୁରୋହିତ ଶଶାଙ୍କ ମିଶ୍ର ଓ ସପ୍ତଋଷି ସୁସଜ୍ଜିତ ରଥରେ ସବାର ହୋଇ ଶୋଭାଯାତ୍ରାରେ ଦେବଦେବ ମହାଦେବଙ୍କ ପାଇଁ କନ୍ୟା ଅନ୍ୱେଷଣରେ ବାହାରିଛନ୍ତି। ଶଙ୍ଖ, ଘଣ୍ଟ, ଦୁଲ୍‌ଦୁଲି, ଧମାଲ ବାଦ୍ୟ, ମୟୂର ଝାର ନୃତ୍ୟ, ଯୋଡ଼ି ଶଙ୍ଖ ଆଦିରେ ରାସ୍ତା କମ୍ପମାନ ହୋଇଥିଲା। ଆସନ୍ତାକାଲି ବାଲୁଙ୍କେଶ୍ୱର ବାବାଙ୍କ ➾ପୃଷ୍ଠା-୬

## ବୁନୁଙ୍କ ସୁବିଧାବାଦୀ ଏକ୍‌ଲା ଚଲୋ ନୀତି



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓରଫ ବୁନୁଙ୍କ ସୁବିଧାବାଦୀ ଏକ୍‌ଲା ଚଲୋ ନୀତି ଏବେ ଚର୍ଚ୍ଚାରେ। ଖୋଦ ବିଜେଡି କର୍ମୀମାନେ ଏହାକୁ ନେଇ ଆଲୋଚନା କରୁଛନ୍ତି। ହେଉଥିବା ଆଲୋଚନା ଅନୁଯାୟୀ, ବୁନୁ ଯେତେବେଳେ ବିପଦରେ ପଡୁଛନ୍ତି ସାଙ୍ଗରେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ନେଇ ମାଡ଼ିଯାଉଛନ୍ତି। ହେଲେ ଜନ୍ମଦିନ ବଧାଇ ଜଣାଇବାକୁ ଗଲାବେଳେ ଏମାନଙ୍କୁ ଭୁଲିଯାଉଛନ୍ତି। ଆଜି ପୂର୍ବତନ ବିଜେଡି ନେତା ଭିକେ ପାଣ୍ଡିଆନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ବୁନୁ ଯିବାବେଳେ ସାଙ୍ଗରେ ଅଶୋକ କିମ୍ବା ସୁଶାନ୍ତ କାହାରିକୁ ନେଇନଥିଲେ। ସାଙ୍ଗରେ ସେଭଳି ବି କୌଣସି ଆଗଧାଡ଼ିର ବଡ଼ନେତା ନଥିଲେ। ଏବେ ତାଙ୍କର କିଛି ଅନୁଗତଙ୍କୁ ଏହା ବେଶ୍ ବାଧିଛି । ସେମାନଙ୍କ କହିବା କଥା ହେଲା, ଯେତେବେଳେ ବୁନୁ ବିପଦରେ ପଡୁଛନ୍ତି, ସେତେବେଳେ ବିଜେଡିର ଅନ୍ୟ ନେତାମାନଙ୍କୁ ଖୋଜୁଛନ୍ତି। ସରକାରୀ ➾ପୃଷ୍ଠା-୬

### କନଷ୍ଟେବଲ ପରୀକ୍ଷାରେ ଅଘଟଣ

## ପ୍ରାଣ ହରାଇଲେ ଦୁଇ ପ୍ରାର୍ଥୀ, ୭ ଗୁରୁତର

**ଗଜପତି,୨୯।୫ (ସଂଚାର ବ୍ୟୁରୋ): କେତେ ଆଶା ନେଇ ଆସିଥିଲେ କନଷ୍ଟେବଳ ପରୀକ୍ଷା ଦେବା ପାଇଁ। କିନ୍ତୁ କିଏ ଜାଣିଥିଲା ଏହି ପରୀକ୍ଷା ସେମାନଙ୍କ ଜୀବନର ଅନ୍ତିମ ପରୀକ୍ଷା ହେବ ବୋଲି।** ଗଜପତିରେ ହୋମଗାର୍ଡ ପଦବୀ ଲାଗି ଚାଲିଥିବା ଶାରୀରିକ ପରୀକ୍ଷାରେ ଅଘଟଣ ଘଟିଛି ଓ ଦୁଇ ଜଣ ପରୀକ୍ଷାର୍ଥୀ ପ୍ରାଣ ହରାଇଛନ୍ତି। ଏହାଛଡ଼ା ଆହୁରି ୬ ଜଣ ପ୍ରାର୍ଥୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ ରାମଗିରି ଥାନା ଅନ୍ତର୍ଗତ ପରିସଲ ଗ୍ରାମର ସୁଲନ୍ତ ମିଶାଲ ଓ ଦୀପକ ପାଡାଲ୍।

ମିଳିଥିବା ସୂଚନାନୁସାରେ, ଆଜି ଗଜପତି ଜିଲ୍ଲାରେ କନେଷ୍ଟବଳ ପ୍ରାର୍ଥୀ ଚୟନ ସକାଶେ ଶାରୀରିକ ପରୀକ୍ଷା ଚାଲିଥିଲା। ତେବେ ପରୀକ୍ଷା ଚାଲିଥିବା ସମୟରେ ଅଚାନକ ୮ ଜଣ ଆଶାୟୀ ଟଳିପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ୍ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ସୁଲନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏହାଛଡ଼ା ସନ୍ଧ୍ୟାରେ ଚିକିତ୍ସାଧୀନ ଅନ୍ୟ ୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦୀପକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏପରି ଏକ ଅଘଟଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଚିକିତ୍ସାଧୀନ ➾ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀ ଘୋଷଣା କଲେ ୪ ଲକ୍ଷର ଅନୁକମ୍ପା ରାଶି



## ପୂର୍ବତନ ଆଇଜି କୁଳମଣି ଦେଓଙ୍କ ପରଲୋକ



- ଚାକିରି ଜୀବନ ଥିଲା ଘଟଣାବହୁଳ
- ବାଲେଶ୍ୱରରେ ଡକାୟତ ଗ୍ୟାଙ୍ଗ୍‌କୁ କାବୁ କରିଥିଲେ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ପୂର୍ବତନ ଆଇପିଏସ ଅଫିସର କୁଳମଣୀ ଦେଓଙ୍କର ଆଜି ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୁଇ ତିନି ଦିନ ପୂର୍ବରୁ ସେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଓଡ଼ିଶା ପୁଲିସରେ କୁଳମଣି ଦେଓ ସେତେବେଳେ ବଡ଼ ଚର୍ଚ୍ଚିତ ଅଫିସର ଥିଲେ। ଯାଜପୁର ଜିଲ୍ଲା ଡୁବୁରୀ ନିକଟସ୍ଥ ନଡିଆଭଙ୍ଗା ଗାଁରେ ଜନ୍ମଗ୍ରହଣ କରିଥିବା କୁଳମଣି ଦେଓ ନିଜ ଚାକିରି କାଳ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଛନ୍ତି। କୋରାପୁଟରେ କିଛି ଦିନ ଡିଏସପି ଭାବେ କାର୍ଯ୍ୟ କରିବା ସହ ଭୁବନେଶ୍ୱର ଏସପି, କଟକ ଗ୍ରାମାଞ୍ଚଳ ଏସପି, ବାଲେଶ୍ୱର ଏସପି, ବ୍ରହ୍ମପୁର ଡିଆଇଜି ଓ ରେଳବାଇ ଡିଆଇଜି ଭାବେ କାର୍ଯ୍ୟ କରିଥିଲେ। ବାଲେଶ୍ୱରରେ ଏସପି ଭାବେ ଦାୟିତ୍ୱରେ ଥିବା ସମୟରେ ସେ ଏକ ବଡ଼ ଡକାୟତ ଗ୍ୟାଙ୍ଗ୍‌କୁ ଧରିଥିଲେ। ସେ ସମୟରେ ଡକାୟତମାନେ ତାଙ୍କୁ ଆକ୍ରମଣ କରି ଗୁରୁତର କରିଦେଇଥିଲେ। ତଥାପି ସେ ଡକାୟତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ସେ ଆଜି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିଥିଲେ। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ସେ ଅବସର ନେଇଥିଲେ। ଅବସର ପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଜଡ଼ିତ ଥିଲେ। ଜଣେ ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ।



### କାନ ଡେରିଥା

ଦମକଳ ଏଠି ପହଁଚୁଛି ଖାଲି
ନିଆଁ ଲିଭା ସରିଗଲେ
ପୋଲିସ ବିଭାଗ ପହଞ୍ଚି ଯାଉଛି
ଗଣ୍ଡଗୋଳ ଥମି ଗଲେ
ଘରେ ଯେ କରେଣ୍ଟ ଥିଲେ...
ଫୋନ୍ ଉଠାଇବେ ବିଦ୍ୟୁତ୍
ବିଭାଗ
ଉଠେଇବେନି ନଥିଲେ।

■ ଦେବାଶିଷ

## ଆସୁଛି ବର୍ଷପୂର୍ତ୍ତି, ସଚିବାଳୟ ଚଳଚଞ୍ଚଳ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଜୁନ୍ ୧୨ ତାରିଖରେ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ଏଥିପାଇଁ ରାଜ୍ୟ ସଚିବାଳୟ ଚଳଚଞ୍ଚଳ ହୋଇଉଠିଛି। ବିଭାଗମାନେ ବର୍ଷକ ଭିତରେ କରିଥିବା କାର୍ଯ୍ୟର ହିସାବ ଦେବା ସହିତ ଆଗାମୀ ବର୍ଷ ପାଇଁ ସେମାନଙ୍କର କଣସବୁ ଯୋଜନା ରହିଛି ତାହାକୁ ଏକାଠି କରିବାରେ ଲାଗିଛନ୍ତି । ତେବେ ଏହି ହିସାବ କିତାବ

- ବିଭାଗରେ ଚାଲିଛି କସରତ
- ଧରାପଡ଼ିବେ ଅଳସୁଆ ବାବୁ

ଭିତରେ ବହୁ ଅଳସୁଆ ବାବୁ ଧରାପଡିବେ ବୋଲି ସଚିବାଳୟରେ ଚର୍ଚ୍ଚା ଚାଲିଛି ।

ବର୍ଷପୂର୍ତ୍ତି ପାଳନ ଅବସରରେ ମନ୍ତ୍ରୀମାନେ ନିଜ ନିଜର ରିପୋର୍ଟକାର୍ଡ ଉପସ୍ଥାପନ କରିବେ। ତେଣୁ ସେମାନେ ଏହି ବର୍ଷକ ଭିତରେ କ'ଣ ସବୁ କାର୍ଯ୍ୟ କରିଛନ୍ତି, ତା'ର ହିସାବ ଏକାଠି କରିବା ପାଇଁ ବିଭାଗକୁ ସମ୍ପୃକ୍ତ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇବା ପରେ ବିଭାଗୀୟ ସଚିବମାନେ ନିୟମିତ ଭାବେ ବିଭାଗର ସମୀକ୍ଷା ବୈଠକ କରୁଛନ୍ତି। କ'ଣସବୁ ସଫଳ କାର୍ଯ୍ୟ ହୋଇଛି, ତା'ର ଚିଠା ପ୍ରସ୍ତୁତି ପାଇଁ ତଳକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବିଭାଗର ଆଗାମୀ ଯୋଜନା ସବୁ କ'ଣ ରହିଛି, ତା'ର ଏକ ଚିଠା ପ୍ରସ୍ତୁତ କରି ଜଣାଇବାକୁ ବି ବିଭାଗଗୁଡ଼ିକୁ କୁହାଯାଇଛି।



ମିଳିଥିବା ସୂଚନାନୁଯାୟୀ, କେତେକ ବିଭାଗ ଏବେ ସଫଳତା ଓ ଆଗାମୀ ଯୋଜନା ପ୍ରସ୍ତୁତ କ୍ଷେତ୍ରରେ ପଛରେ ପଡିଛନ୍ତି। ସଫଳତାକୁ କିଭଳି ଭାବେ ଉପସ୍ଥାପନ କରିବେ, ତାହା ଜାଣିପାରୁନାହାନ୍ତି। ଆଗାମୀ ଯୋଜନା ନେଇ ଅନେକ ବି ବୁଦ୍ଧି ପ୍ରୟୋଗ କରିପାରୁନାହାନ୍ତି। ତେବେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଯେଉଁସବୁ ବିଭାଗରେ ବର୍ଷକ ମଧ୍ୟରେ ଏକାଧିକ ବାର ସଚିବ, ନିର୍ଦ୍ଦେଶକଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ବଦଳିଛନ୍ତି, ସେହିସବୁ ବିଭାଗରେ ଏବେ ସମସ୍ୟା ଦେଖାଦେଇଛି।

ରାଜ୍ୟ ସରକାରଙ୍କ ସଫଳତାର ତାଲିକା ପ୍ରସ୍ତୁତ କରି ତାହାକୁ ଛପାଇବା ପାଇଁ ପ୍ରତ୍ୟେକ ବିଭାଗରେ ଅଭିଜ୍ଞ କର୍ମଚାରୀମାନେ ରହିଥାନ୍ତି। ସେହିଭଳି ଆଗାମୀ ଯୋଜନା କ'ଣ ହେବ, ବିଭାଗର ବଜେଟ୍‌କୁ ଆଖିରେ ରଖି ତାହା ସ୍ଥିର ହୋଇଥାଏ। ସଫଳତାର ତାଲିକା ପ୍ରସ୍ତୁତି ଭଳି ପ୍ରତ୍ୟେକ ବିଭାଗରେ ଯୋଜନା ବିଶାରଦମାନେ ରହିଥାନ୍ତି। ଗତ ସରକାର ସମୟରେ ଏଭଳି କିଛି ମାର୍କାମରା ବାବୁ ରହିଥିଲେ। ତେବେ ଇତିମଧ୍ୟରେ ଅନେକ ଅଭିଜ୍ଞ ଅଧିକାରୀ ଅବସର ନେବା ସହ ଅନ୍ୟ ବିଭାଗକୁ ବଦଳି ହୋଇ ଯାଇଛନ୍ତି। ନୂଆ ସରକାର ଗଠନ ପରେ ➾ପୃଷ୍ଠା-୬

# ଅଧାରେ ଅଟକିଛି ଜୁଣଛକ ମାର୍କେଟ କମ୍ପ୍ଲେକ୍ସ

**ମାର୍ଶାଘାଇ,୨୯।୫ (ସଂଚାର ବ୍ୟୁରୋ):** ନିର୍ମାଣ ଆରମ୍ଭର ୧୭ ବର୍ଷ ପରେ ବି ପୂରଣ ହୋଇପାରିଲା ନାହିଁ ମାର୍ଶାଘାଇ ଜୁଣଛକର ମାର୍କେଟ କମ୍ପ୍ଲେକ୍ସ ଗୃହ । ମାର୍ଶାଘାଇ ବଜାର ରାସ୍ତାକୁ ପ୍ରଶସ୍ତିକରଣ ଏବଂ ସୁଦୃଢ଼ କରିବା ପାଇଁ ପତ୍ତା - ପେହେଣ୍ଟା ରାସ୍ତା ଅନ୍ତର୍ଗତ ଏହି ରାସ୍ତାକୁ

## ୧୭ ବର୍ଷ ପରେ ବି ଶେଷ ହେଲାନି

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ କାମ ଆରମ୍ଭ ହୋଇଥିଲା । ଜୁଣ ଛକରେ ପୂର୍ବରୁ ଦୋକାନ କରିଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରାଯାଇ ରାସ୍ତା ପ୍ରଶସ୍ତିକରଣ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା ହୋଇଥିଲା ।

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ବେଦପ୍ରକାଶ ଅଗ୍ରୱାଲ ଏବଂ ତତ୍କାଳୀନ ଜିଲ୍ଲାପରିଷଦ




ସଦସ୍ୟ ପ୍ରମୋଦ କୁମାର ରଥଙ୍କ ଦ୍ୱାରା ୨୦୦୪ ମସିହାରେ ଏହି ମାର୍କେଟ ଗୃହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା ବେଳେ ୨୦୦୮ ମସିହାରେ ନିର୍ମାଣ କାମ ଆରମ୍ଭ ହୋଇଥିଲା। ତତ୍କାଳୀନ ମାର୍ଶାଘାଇ ସରପଞ୍ଚ ଅଶୋକ କୁମାର ଚୌଧୁରୀଙ୍କ ତତ୍ୱାବଧାନରେ ନିର୍ମାଣ କାମ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସାଢେ ୫ ଲକ୍ଷ ଅନୁଦାନରେ ପ୍ରଥମେ କାମ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଧୀରେନ୍ଦ୍ର ପ୍ରସାଦ ପୃଷ୍ଟିଙ୍କ ସହଯୋଗକ୍ରମେ ପ୍ରାୟ ତିନି ଲକ୍ଷ ୯୦ ହଜାର ଟଙ୍କାର ଅନୁଦାନ ଜିଲ୍ଲା ପ୍ରକଳ୍ପ ଉନ୍ନୟନ ବିଭାଗରୁ ଅନୁଦାନ ଦ୍ୱିତୀୟ ପର୍ଯ୍ୟାୟରେ ମିଳିଥିଲା । ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବା ଏହି ପ୍ରକଳ୍ପ ମିଳିଥିବା ଅନୁଦାନରେ ଛାତପତନ ପର୍ଯ୍ୟନ୍ତ ନିର୍ମାଣ ହୋଇ ପଡିରହିଲା ।

ଦୀର୍ଘବର୍ଷ ପଡ଼ି ରହିବା ପରେ ୨୦୨୧ ମସିହାରେ ପଞ୍ଚାୟତ ସମିତି ଅନୁଦାନରେ ସେହି ଗୃହର ଛାତ ପଡିବା ସହିତ ପ୍ଲାଷ୍ଟର କାମ କରାଯାଇଥିଲା । ୨୦୨୪ ମସିହା ଶେଷ ବେଳକୁ ସରପଞ୍ଚ ଭାଗବତ ବେହେରାଙ୍କ ଉଦ୍ୟମକ୍ରମେ ସଟର ଲାଗିବା ଏବଂ ମେଜିଆ କାମ ଆରମ୍ଭ କରାଯାଇଥିବା ବେଳେ ଅନୁଦାନର ଅଭାବ ଯୋଗୁଁ କାମ ପୂର୍ଣ୍ଣାଙ୍ଗ ହେବାରେ ବାଧା ସୃଷ୍ଟି ହୋଇଛି । ତେବେ ନିର୍ମାଣ ଆରମ୍ଭର ୧୭ ବର୍ଷ ଭିତରେ ୧୦ ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଶେଷ ହୋଇ ନ ପାରିବା ସମସ୍ତଙ୍କୁ ଚକିତ କରିଛି ।

## ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ସାରା ଅଞ୍ଚଳ

# ଜଣେ ମୃତ, ପୁଲିସର ତଦନ୍ତ ଜାରି



**ନିଶ୍ଚିନ୍ତକୋଇଲି,୨୯।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ୍ ନେମାଳ ଥାନା ଝାଡେଶ୍ୱରପୁର ପଂଚାୟତ ଅନ୍ତର୍ଗତ ସାଲେପୁର କୋରୁଆ ପୂର୍ତ୍ତ ବିଭାଗ ରାସ୍ତାର କୁସୁମଣ୍ଡଳ ଗୋପିନାଥପୁର ଗ୍ରାମ ମନାନଗଡ଼ା ଛକରେ ଏକ ଭଡା ଘରେ ବୁଧବାର ବିଳମ୍ବିତ ରାତ୍ରି ପ୍ରାୟ ୧ଘଟିକା ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଘଟିବା ଫଳରେ ଆଖ ପାଖ ଅଞ୍ଚଳ ଥରି ଉଠିଥିଲା। ଏହି ବିସ୍ଫୋରଣରେ ଦାଉଦପୁର ଅଞ୍ଚଳର ଜଣେ ମୁସଲିମ୍ ସମ୍ପ୍ରଦାୟ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଉକ୍ତ ଅଞ୍ଚଳରେ ଭୟରେ ବାତାବରଣ ସୃଷ୍ଟି ହୋଇଛି। ନେମାଳ ଥାନା ପୋଲିସ କେସ ନମ୍ବର ୧୩୧/୨୦୨୫ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ନେମାଳ ଥାନା ଆଇଆଇସି ସୁଶିଲ ନାୟକଙ୍କ ସୂତ୍ରରୁ ପ୍ରକାଶ।

ବୁଧବାର ବିଳମ୍ବିତ ରାତ୍ରିରେ ମାଙ୍ଗିଗଡା ଛକରେ ଏକ ବିସ୍ଫୋରଣ ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଂଚିଥିଲା। ବିସ୍ଫୋରଣରେ ଭଡା ଘରେ ରହୁଥିବା ଉକ୍ତ ଅଂଚଳର ସେଖ ସୁଖା ଶରୀରର ବହୁ ଅଂଶ କ୍ଷତାକ୍ତ ହୋଇ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ପ୍ରଥମେ ତାକୁ ନିଶ୍ଚିନ୍ତକୋଇଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମେଡିକାଲ ନେବା ରାସ୍ତାରେ ତାର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ତେବେ ଏହି ଘଟଣାଟି ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବୋମା ଭିଡୁଥିବା ବେଳେ ଏଭଳି ଅଘଟଣ ହୋଇଛି ବୋଲି କିଛି ଲୋକ କହୁଥିବା ବେଳେ ବାଣ ବିସ୍ଫୋରଣରେ ଏପରି ହୋଇଛି ବୋଲି ପୁଲିସ ସୂଚନା ଦେଇଛନ୍ତି।

ଅନ୍ୟ ପଟେ ଉକ୍ତ ବିସ୍ଫୋରଣରେ ଛାତ ଘର ଭାଙ୍ଗି ରୁଜି ଯାଇଥିବା ବେଳେ ଆଜବେଷ୍ଟସ ଉଡି ବହୁ ଦୂରରେ ପଡିଥିବା ଦେଖିବାକୁ ମିଳିଛି। ଉକ୍ତ କୋଠରି ଭିତରେ କେତୋଟି ଅଫୁଟାବୋମା ପଡିଥିବା ମଧ ଦେଖିବାକୁ ମିଳିଛି। ନେମାଳ ଥାନା ପୁଲିସ ତଦନ୍ତ ଜାରି ରଖିଛି।

## ଉତ୍କଳଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ଅଧ୍ୟାପକ ଡକ୍ଟର ବିବେକାନନ୍ଦ ସିଂହ



**ମାହାଙ୍ଗା,୨୯।୫ (ସଂଚାର ବ୍ୟୁରୋ):** ରାଉରକେଲାର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୋମେଂଟସ ଇଣ୍ଡିଆ ପକ୍ଷରୁ ୧୩ ତମ ପ୍ରତିଷ୍ଠା ଦିବସ, ଆଲୋଚନାଚକ୍ର ଓ ପ୍ରତିଭା ସମ୍ମାନ ସମାରୋହ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ (ଗୀତଗୋବିନ୍ଦ ସଦନ) ଠାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଙ୍କ ଆବାହକତ୍ୱ ଓ ଶିବାନନ୍ଦ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ତାମିଲନାଡୁ ତିରୁବନ୍ତପୁରମ ବେଦ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ ହରିହର କାନୁନଗୋ, ରାଉରକେଲା ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ଦାର୍ଶନିକ ପ୍ରଫେସର ନୀଳକଣ୍ଠ ରାଉତ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ରାଜ୍ୟ ସଭାପତି ଶଶଧର ପଣ୍ଡା, ସମାଜସେବୀ ସକୀଲ ରହମାନ, ଡ଼ଃ ଅଭୟ ମହାରଣା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବର୍ଷ ତମାମ କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ହୋଇପାରିଛି ବୋଲି ମତ ରଖିଥିଲେ। ଏହି ଅବସରରେ ମାହାଙ୍ଗା ମାଟିର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶାର ମୁଖ୍ୟତଃ ମାହାଙ୍ଗା,ସାଲେପୁର, କଟକ, ତିର୍ତ୍ତୋଲ, ଜଗତସିଂହପୁର ଓ ଭୁବନେଶ୍ୱର ଅଂଚଳର ଜଣାଶୁଣା ଶିକ୍ଷାବିତ, ସାହିତ୍ୟିକ, କୃଷକ ଓ ସାମାଜିକ କର୍ମୀ ଅଧୁନା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ବାୟା ଅବଧୂତ କଲେଜ, କନିମୂଳର ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ସିଂହଙ୍କୁ ଅନୁଷ୍ଠାନ ତରଫରୁ ମର୍ଯ୍ୟାଦା ଜନକ "ଉତ୍କଳ ଶ୍ରୀ ସମ୍ମାନ"ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ଡକ୍ଟର ବିବେକାନନ୍ଦ ସିଂହ ଙ୍କୁ ମର୍ଯ୍ୟାଦା ଜନକ "ଜୟଦେବ ସମ୍ମାନ" ଓ "ଉତ୍କଳ ପ୍ରତିଭା ସମ୍ମାନ" ରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାରମ୍ଭରେ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ ମନ୍ତ୍ରୋଚ୍ଚାରଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥଲେ। ମାହାଙ୍ଗା ପଂଚାୟତ ଅର୍ନ୍ତଗତ ଯଶୁଆପୁର ଗ୍ରାମରେ ୨୮ ତାରିଖ, ଜୁନ ମାସ ୧୯୬୯ ମସିହାରେ ଜନ୍ମଗ୍ରହଣ କରିଥିବା ଡକ୍ଟର ବିବେକାନନ୍ଦ ସିଂହଙ୍କ ସଫଳତା ଓ କୃତିତ୍ୱ ମାହାଙ୍ଗା ଅଂଚଳରେ ଆନନ୍ଦ ଓ ଉଲ୍ଲାସର ବାତାବରଣ ଆଣିଛି।

## ପ୍ରେସ୍ କାଉନ୍ସିଲ୍ ନାମ ବ୍ୟବହାର ଉପରେ ନିଷେଧାଦେଶ

**କେନ୍ଦ୍ରାପଡ଼ା,୨୯।୫ (ସଂଚାର ବ୍ୟୁରୋ):** ପ୍ରେସ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ର ଏକ ବୈଧାନିକା ସଂସ୍ଥା ହୋଇଥିବାରୁ କୌଣସି ସଂସ୍ଥା ଓ ଗଣମାଧ୍ୟମ ପ୍ରେସ୍ କାଉନ୍ସିଲ୍ ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାର କୌଣସି ସରକାରୀ ସଂଘ ଓ ଗଣମାଧ୍ୟମ ସଂସ୍ଥା ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ୍ କାଉନ୍ସିଲ୍ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ବିନା ଅନୁମତି ରେ ଏହି ନାମ ବ୍ୟବହାର କରାଗଲେ ଏହା ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ । ଜିଲ୍ଲାର କୈାଣସି ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମ ସହିତ ପ୍ରେସ୍ କାଉନ୍ସିଲ୍ ବ୍ୟବହାର ନ କରିବାକୁ କେନ୍ଦ୍ରାପଡା ଜିଲ୍ଲାସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚିତ କରାଇ ଦିଆଯାଇଛି । ନୂଆ ଦିଲ୍ଲୀରେ ପ୍ରେସ୍ କାଉନ୍ସିଲ୍ ର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର କୌଣସି ରାଜ୍ୟ ଶାଖା କୌଣସି ଠାରେ କାର୍ଯ୍ୟ କରେ ନାହିଁ । ଏହାର ଚିହ୍ନ ଓ ନାମ ବ୍ୟବହାର ଅବୈଧ ଅଟେ ବୋଲି କେନ୍ଦ୍ରାପଡା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

## ସାମ୍ବାଦିକ ୟୁନିୟନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୨୯।୫ (ସଂଚାର ବ୍ୟୁରୋ):** ଓଡିଶା ସାମ୍ବାଦିକ ୟୁନିୟନ ର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ରାଜ୍ୟରେ ସାମ୍ବାଦିକ ମାନଙ୍କ ସୁରକ୍ଷା ବିପନ୍ନ ହେଉଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଅବିଳମ୍ବେ ଏକ ସ୍ୱତନ୍ତ୍ର ଆଇନ ପଡୋଶୀ ରାଜ୍ୟ ମହାରାଷ୍ଟ୍ର ଓ ଛତିଶଗଡ ଧାଂଚାରେ ପ୍ରଣୟନ କରିବାକୁ ଦାବି କରାଯାଇଛି । ଏହା ସହ ଓୟୁଜେ ର ମୂଳ ଦାବି ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନଶନ ପ୍ରଦାନ କରିବା ଏବଂ ୧୬ ବର୍ଷ ବିତି ଯାଇଥିଲେ ମଧ୍ୟ ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନଃଗଠନ କରିବା, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣ ୮ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରଖାଯାଇଛି । ଏହି ଦାବି ଗୁଡିକୁ ଜୁନ ୧୨ ତାରିଖ ପୂର୍ବରୁ ପୂରଣ କରିବା ପାଇଁ ସାମ୍ବାଦିକ ମାନଙ୍କ ପକ୍ଷରୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ପରେଶ ଦାସ ସଂପାଦକ ଜଗନ୍ନାଥ ଦାସ, ଦୁର୍ଗା ପ୍ରସାଦ ପତି, ସନ୍ତୋଷ ପୋଥାଳ, ମୃତ୍ୟୁଞ୍ଜୟ ପରିଡା, ପ୍ରଭାତ ଲେଙ୍କା, ସୋମନାଥ ସାହୁ, ସବିର ଖାନ, ଜ୍ୟୋର୍ତିମୟ ଜେନା, ନିଳାଦ୍ରି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାମମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

**ମାର୍ଶାଘାଇ,୨୯।୫ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଶିବମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠା ହୋଇଥିବା ରାମମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା । ସକାଳେ ଶତାଧିକ ଶ୍ରଦ୍ଧାଳୁ ଲୁଣା ନଦୀଘାଟରୁ ଜଳ ଆଣି କଳସ ଶୋଭାଯାତ୍ରାରେ ମନ୍ଦିର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ହୋମ ଯଜ୍ଞ କରାଯିବା ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ଉତ୍ସବ ଆୟୋଜକ ମାର୍ଶାଘାଇ ରାମାୟଣ ପ୍ରଚାର ସମିତିର ଡାକ୍ତର କାହ୍ନୁଚରଣ ସ୍ୱାଇଁ, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ,ପ୍ରମୋଦ ଦାସ, ଅବସରପ୍ରାପ୍ତ ଶିକ୍ଷକ କେଶବ ଚରଣ ଦାସ, ପ୍ରଦୀପ୍ତ କୁମାର ରାଉତରାୟ, ରାଜେନ୍ଦ୍ର ବେହେରା, ସୁବ୍ରତ ପ୍ରଧାନ,ବିଷ୍ଣୁପ୍ରସାଦ ନାୟକ, ତ୍ରିଲୋଚନ ଯେନା, ଅରକ୍ଷିତ ବାରିକ ଅରୁଣ କୁମାର ବେଉରା,ଜ୍ଞାନ ରଞ୍ଜନ ରାଉତ, ସୁଜିତ କୁମାର ପ୍ରଧାନ,ବିଶ୍ୱଜିତ ବେହେରା, ବିଜ୍ଞାନ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ




**କେନ୍ଦ୍ରାପଡ଼ା,୨୯।୫ (ସଂଚାର ବ୍ୟୁରୋ):** ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ପ୍ରସ୍ତୁତ ରହି ତାହାର ପରିଚାଳନା କରିବା ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ଦୁର୍ବଳ ନଦୀ ବନ୍ଧର ସ୍ଥିତି ଓ ଏହାର ମରାମତି, ରାସ୍ତାରେ ପାଣି ଜମିବା, ତୁରନ୍ତ ପାଣି ନିଷ୍କାସନ, ଶୁଖିଲା ଖାଦ୍ୟ ପ୍ରସ୍ତୁତ ରଖିବା, ଔଷଧ ମହଜୁଦ ରଖିବା ସହିତ ଗର୍ଭବତୀ, ବୟସ୍କଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେଇ ପ୍ରସ୍ତୁତି ରହିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ଗୃହପାଳିତ ପଶୁ,କୃଷିକ୍ଷେତ୍ର, ଟ୍ୟାଙ୍କର ସୁବିଧା, ବାଲିବସ୍ତା ପ୍ରସ୍ତୁତ ରଖିବା, ଡ଼ଙ୍ଗା ଗୁଡିକୁ ପ୍ରସ୍ତୁତି ରଖିବା, ଅଗ୍ନିଶମ ଦଳ ସଜାଗ ରହିବା, ବିଦ୍ୟୁତ ସେବା, ଜନସଚେତନତା କରିବା, ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ ରଖିବା, ସୁଇଜ ଗେଟର ସ୍ଥିତି ଯାଞ୍ଚ କରି ସଠିକ ରଖିବା,ପାନୀୟ ଜଳ, ଡ୍ରେନେଜ ବ୍ୟବସ୍ଥା ଉତ୍ତମ କରିବା, କଣ୍ଟ୍ରୋଲ ରୁମର ଉତ୍ତମ ପରିଚାଳନା ସମେତ ପ୍ରାକୃତିକ ବିପର୍ଯ୍ୟୟ ପରେ କ୍ଷୟକ୍ଷତି ତୁରନ୍ତ ଆକଳନ ସମେତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା।

ସମସ୍ତ ବିଭାଗ ପୂର୍ବରୁ ଭଲ କାର୍ଯ୍ୟ କରିଛନ୍ତି ଚଳିତ ବର୍ଷ ମଧ ଉତ୍ତମ ଭାବେ ପ୍ରସ୍ତୁତି କରି ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଏବଂ ମାନ୍ୟବର ବିଧାୟକମାନେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, କେନ୍ଦ୍ରାପଡ଼ା ଦ୍ୱାରା ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁକାନ୍ତ କୁମାର ଦ୍ୱିବେଦୀ, ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ପଂଚାୟତ ସମିତି ଏବଂ ପୌରପାଳିକା ଅଧକ୍ଷ ଅଧକ୍ଷା,ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ,ବିଡ଼ିଓ, ତହସିଲଦାର, ଡେପୁଟି କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ ।



# ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତକୁ ନେଇ ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୨୯।୫ (ସଂଚାର ବ୍ୟୁରୋ):** ଆସନ୍ତା ଜୁନ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦ୍ରାପଡ଼ା ଗସ୍ତକୁ ନେଇ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ଜିଲ୍ଲାସଭାପତି ଶଶାଙ୍କ ଶେଖର ସେଠୀ,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ। ପ୍ରସ୍ତାବିତ କାର୍ଯ୍ୟକ୍ରମ ଅନୁସାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ାରେ ଭବ୍ୟ ସ୍ୱାଗତ ସହ ତ୍ରିରଙ୍ଗା ରାଲି କରିବେ ପରେ ବଳଦେବଜୀଉ ଙ୍କୁ ଦର୍ଶନ ଏବଂ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଛି । ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିବା ସହିତ କିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରାଯିବ ସେଥିପ୍ରତି ପ୍ରସ୍ତୁତିକୁ ଜୋରଦାର କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦିହୁଡିପୁରରେ ମୁଗ ମଣ୍ଡି ଉଦ୍‌ଘାଟିତ




**ପଟ୍ଟାମୁଣ୍ଡାଇ,୨୯।୫ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର କୃଷକ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଇ ପରିପ୍ରେକ୍ଷୀରେ ବଡ଼ ପଡା, ବଡ଼ମୋହନପୁର, ସାନ ଜରିଆ , ଅରଡ଼ପଲ୍ଲୀ ଓ ଦିହୁଡିପୁର ସମେତ ବିଭିନ୍ନ ପଂଚାୟତର କୃଷକ ମାନଙ୍କ କଲ୍ୟାଣ ପାଇଁ ଉପରୋକ୍ତ ପଂଚାୟତର କୃଷକମାନଙ୍କୁ ନେଇ ଗଠିତ ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ଦିହୁଡିପୁର ପଂଚାୟତରେ ମୁଗ ମଣ୍ଡି ଖୋଲା ଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉଦଘାଟନ ଉତ୍ସବରେ ଶିକ୍ଷାବିତ ବ୍ରହ୍ମାନନ୍ଦ ସାମନ୍ତରାୟ ମୁଖ୍ୟଅତିଥି ଓ ଦିହୁଡିପୁର ସରପଞ୍ଚ ନରେଶ ମଲିକ ମୁଖ୍ୟବକ୍ତା, ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ନିର୍ଦ୍ଦେଶକ ପ୍ରାକ୍ତନ କ୍ୟାପଟେନ ବାଣୀଭୂଷଣ ନାୟକ, ପୂର୍ବତନ ନିରୀକ୍ଷକ ଶରତ ରାଉତ,ନିର୍ଦ୍ଦେଶକ ସୁକାନ୍ତ ରାଉତ,ଗଣେଶ ନାୟକ, ଅନୁସୂୟା ସ୍ୱାଇଁ, ଅପରାଜିତା ମହାନ୍ତି ନରହରି ମହାପାତ୍ର ଓ ଶାନ୍ତନୁ ଜେନା, ବିଜୟ ଖଟୁଆ, ନିମାଇଁ ନାୟକ, ସି ଇ ଓ ଶ୍ରୀନିବାସ ମଲିକ ଓ ଆକାଉଣ୍ଟାଣ୍ଟ ବିକାଶାନନ୍ଦ ସ୍ୱାଇଁ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା,ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରି କୃଷକ ଉତ୍ପାଦକ ସଂସ୍ଥା ଦ୍ୱାରା ଖୋଲା ଯାଇଥିବା ମୁଗ ମଣ୍ଡିରେ ଉପଲବ୍ଧ ଉନ୍ନତମାନର ମୁଗ ବିହନ, ଧାନ ବିହନ ଓ ସାର ପ୍ରୟୋଗ କରି ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଚାଷ କରି ଲାଭବାନ ହେବା ସହିତ ଆର୍ଥିକ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ନିର୍ଦ୍ଦେଶକ ବାଣୀଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ । ଏହି ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ ।

### ଅଶ୍ଳୀଳ ଫଟୋ ଭାଇରାଲ ଧମକ

## ପୁଲିସର ଅନୁସନ୍ଧାନ ଜାରି

**ବୈଶିଙ୍ଗା,୨୯।୫ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ରଘୁପୁର ଗ୍ରାମର ଜନୈକ ଯୁବକ ସେହି ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେବାକୁ ଧମକ ଦେଉଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଛି। ତେବେ ପରବର୍ତ୍ତି ସମୟରେ ଗ୍ରାମର କିଛି ମଧ୍ୟସ୍ଥିଙ୍କ ସହାୟତାରେ ଆପୋଷ ବୁଝାମଣା କରାଯାଇ ଘଟଣାର ରଫାଦଫା କରିଦେବାକୁ ଉଦ୍ୟମ ଚାଲିଥିବା ନେଇ ସୂଚନା ମିଳିଛି। ଏ ସଂପର୍କରେ ଥାନାଧିକାରୀ ବାରିଣୀ ଦାସଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ତଦନ୍ତ ଚାଲିଛି ଏବଂ ତଦନ୍ତ ସରିବାପରେ ଯଦି ସତ୍ୟତା ଥିବ ତେବେ ନିଶ୍ଚିତ ଭାବରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସମାଜସେବୀ ମହେଶ୍ୱର ବିଶ୍ୱାଳଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୨୯।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ୧୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳଙ୍କ ବାପା ତଥା ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ଦିହୁଡିପୁର ପଂଚାୟତର ବିଶିଷ୍ଟ ସମାଜସେବୀ ଧର୍ମପ୍ରାଣ ବ୍ୟକ୍ତି ମହେଶ୍ୱର ବିଶ୍ୱାଳଙ୍କ ସୁଜନପୁର ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପୁତ୍ର ବଧୂ ଝିଅ ଜ୍ୱାଇଁ, ନାତିନାତୁଣୀ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ସେ ଜଣେ ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି,ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଦିହୁଡିପୁର ସରପଞ୍ଚ ନରେଶ ମଲିକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କିଶୋର ତରାଇ ଓ ଡ଼ ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଭଗବତୀ ଅଟୋ ସଂଘର ଧାରଣା ହଟିଲା

**କୋଣାର୍କ,୨୯।୫ (ସଂଚାର ବ୍ୟୁରୋ):** ଗୁରୁବାର ପୂର୍ବାହ୍ନରେ ସମୟରେ ମା ଭଗବତୀ ଅଟୋ ଆସୋସିଏସନ ପକ୍ଷରୁ କୋଣାର୍କ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। କୋଣାର୍କ ରିଙ୍ଗ ରୋଡ ନିକଟ ରାସ୍ତା ପାର୍ଶ୍ୱରେ ଜବରଦଖଲକାରୀ ଗୃହ ନିର୍ମାଣ କରି ଅଟୋ ଷ୍ଟାଣ୍ଡକୁ ବନ୍ଦ କରିବା ପ୍ରତିବାଦରେ ପ୍ରଦୀପ୍ତ ମହାନ୍ତି, ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ନଟରାଜ ପରିଡ଼ା, ବିଜୟ ନାୟକଙ୍କ ସମେତ ସମସ୍ତ ସଦସ୍ୟ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ପୁରୀ ଜିଲ୍ଲାପାଳ, ଗୋପ ତହସିଲଦାର ଓ କୋଣାର୍କ ଥାନା ଅଧିକାରୀଙ୍କୁ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା ।

ଏହି ଧାରଣାର ୩ ଘଣ୍ଟା ପରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ଶରତଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଗୋପ



ତହସିଲଦାର ଅନୀଲ କୁମାର ମହାନ୍ତି ଓ କୋଣାର୍କ ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ଧାରଣା ସ୍ଥଳରେ ପହଞ୍ଚି ଧାରଣକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଜବରଦଖଲ ଗୃହ ଉଚ୍ଛେଦ କରାଯାଇ ସେହି ସ୍ଥାନରେ ଅଟୋ ଷ୍ଟାଣ୍ଡ ଅନୁମତି ଦେବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ବେଆଇନ ଗୃହ ନିର୍ମାଣ ବିରୁଦ୍ଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ ନିମନ୍ତେ ଗୋପ ତହସିଲଦାର ଧାରଣା ଦେଇଥିବା ଅଟୋ ସଂଘ କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ବେଳେ ଅଟୋ ଷ୍ଟାଣ୍ଡ ପାଇଁ ଜାଗା ଜିଲ୍ଲା ପ୍ରଶାସନକୁ ଅବଗତ କରାଇବା ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ତହସିଲଦାର ଶ୍ରୀମହାନ୍ତି ପ୍ରତିଶୃତି ଦେବାରୁ ଧାରଣା ସ୍ଥଳରୁ ଅଟୋ ଚାଳକ ସଂଘ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଅନୁଗୋଳ ଓ କୋଲାଡ ଟ୍ରକ ମାଲିକ ସଂଘର ପ୍ରତିନିଧି ଦଳଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା



**ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀଠାରେ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନୁଗୋଳ ଓ କୋଲାଡ ଟ୍ରକ ମାଲିକ ସଂଘର ପ୍ରତିନିଧିଦଳଙ୍କ ଉପସ୍ଥିତିରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଭେଟିଛନ୍ତି। ଏହି ଆଲୋଚନା କାଳରେ ଟ୍ରକ ମାଲିକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଟ୍ରକ୍ ମାଲିକ ଓ ଚାଳକଙ୍କ କଲ୍ୟାଣ ସୁନିଶ୍ଚିତ କରିବା, ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ତଥା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରସଙ୍ଗଗୁଡ଼ିକ ସମ୍ଭାବ୍ୟ ସମାଧାନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଶ୍ରୀ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିବାରୁ ଶ୍ରୀ ପ୍ରଧାନ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବର୍ଷାକାଳୀନ ରୋଗ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ବ୍ୟାପକ ପ୍ରସ୍ତୁତି

# ସଚେତନତା ଓ ଔଷଧ ମହଜୁଦ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ବର୍ଷାଋତୁକାଳୀନ ରୋଗ ପ୍ରତିରୋଧ ଓ ନିୟନ୍ତ୍ରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ପ୍ରାକ-ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଆଜି ବିଭାଗୀୟ ସମ୍ମିଳନୀ କକ୍ଷଠାରେ କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗ ଅଧିନସ୍ଥ ବିଭିନ୍ନ ନିର୍ଦ୍ଦେଶାଳୟ ଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ବିଭିନ୍ନ ପ୍ରସ୍ତୁତିର ସେ ସମୀକ୍ଷା କରି ତୃଣମୂଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ସଘନ କରିବା ସହ ଆଶାକର୍ମୀ ଓ ଉପକେନ୍ଦ୍ର ଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ତୃଣମୂଳ ସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଲୋକ ପ୍ରତିନିଧି, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରି ଜନସାଧାରଣଙ୍କୁ ପ୍ରତିରୋଧକ ଓ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ସଠିକ୍ ସୂଚନା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘସ୍ଥାୟୀ ଔଷଧଯୁକ୍ତ ମଶାରୀର ଶତପ୍ରତିଶତ ବଣ୍ଟନ ଓ ବାସ୍ତବ କ୍ଷେତ୍ରରେ ସେଗୁଡ଼ିକର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଇ ଆଶାକର୍ମୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନଙ୍କ ମାଧ୍ୟମରେ ଏହାକୁ ସୁନିଶ୍ଚିତ ନିମନ୍ତେ ସ୍ୱାସ୍ଥ୍ୟ ସଚିବ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ସମ୍ବେଦନଶୀଳ ଜିଲ୍ଲାମାନଙ୍କୁ ଗସ୍ତ କରି ସେଠାରେ ଔଷଧଯୁକ୍ତ ମଶାରୀ ବଣ୍ଟନ, ସଚେତନତା ଅଭିଯାନ, ବିଭିନ୍ନ ସ୍ତରରେ ଆବଶ୍ୟକୀୟ ଔଷଧ ମହଜୁଦ, ମ୍ୟାଲେରିଆ ଡେଙ୍ଗୁ ଆଦି ଜ୍ୱରର ନିରୂପଣ ନିମନ୍ତେ ଟେଷ୍ଟିଂ-କିଟ୍ ର ଉପଲବ୍ଧି, ସକ୍ରିୟ କ୍ଷେତ୍ର ନିରୀକ୍ଷଣ, ନିୟମିତ ଯାଞ୍ଚ ଓ ନମୁନା ପରୀକ୍ଷଣ ଆଦି ସୁନିଶ୍ଚିତ କରାଇବା ନିମନ୍ତେ ଶାସନ ସଚିବ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବରିଷ୍ଠ ଅଧିକାରୀମାନଙ୍କ କ୍ଷେତ୍ର ପରିଦର୍ଶନ ଓ ପରିଚାଳନା ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ଓ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ସ୍ୱତନ୍ତ୍ର ଶାସନ ସଚିବ ତଥା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବିଗତ ବର୍ଷରେ ଅଧିକ ସଂଖ୍ୟକ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ୭ଟି ଜିଲ୍ଲା ରାୟଗଡ଼ା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ଗଜପତି ଓ ବୌଦ୍ଧର ସମ୍ବେଦନଶୀଳ ସାମାଜିକ ବର୍ଗମାନଙ୍କ ମଧ୍ୟରେ ଶତପ୍ରତିଶତ ବଣ୍ଟନ ପାଇଁ ୪୦.୪୯ ଲକ୍ଷରୁ ଉର୍ଦ୍ଧ୍ୱ ଔଷଧଯୁକ୍ତ ମଶାରୀ ଯୋଗାଇ ଦିଆଯାଇଛି। ତେଣୁ ଏହି ଜିଲ୍ଲାମାନଙ୍କରେ ପ୍ରତିରୋଧକ, ନିରୀକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବା ପାଇଁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ବର୍ଷ ଡେଙ୍ଗୁ ମାମଲା ଅଧିକ ଥିବା ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ବିଶେଷ ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଲକ୍ଷ୍ୟଭେଦୀ ଅଭିଯାନର ସବୁ କାର୍ଯ୍ୟକ୍ରମ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡ଼ିଶା) ନିର୍ଦ୍ଦେଶକ ଡା. ବୃନ୍ଦା ଡି'ଙ୍କ ତତ୍ତ୍ୱାବଧାନରେ ପରିଚାଳନା ପାଇଁ ନିଷ୍ପତ୍ତି ହୋଇଥିଲା। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଓ ପରାମର୍ଶଦାତା ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକଟି ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା।

### ● କଂଗ୍ରେସର ଜୟହିନ୍ଦ୍ ସଭା

# ୨୦ ପୂର୍ବତନ ସୈନିକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଗତ ଏପ୍ରିଲ୍ ୨୨ରେ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଭାରତୀୟ ସେନାବାହିନୀ ପାକିସ୍ତାନର ଆତଙ୍କୀ ମନୋଭାବକୁ ଜବରଦସ୍ତ ଝଟ୍‌କା ଦେଇଥିଲା। ପହଲଗାମ୍‌ରେ ଆତଙ୍କୀ ରଚିଥିବା ନରସିଂହାର ଠୋସ୍ ଜବାବ ଦେଇଥିଲା ସେନାବାହିନୀ। ଭାରତର ଏହି ଆତଙ୍କୀ ବିରୋଧୀ ଅଭିଯାନକୁ ସମସ୍ତ ରାଜନୈତିକ ଦଳ ସମର୍ଥନ କରିଥିଲେ। ଭାରତୀୟ ସେନାର ତିନି ବାହିନୀର ଅପୂର୍ବ ସାହସିକତା ଓ ଶୌର୍ଯ୍ୟ ତଥା ପରାକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି କ୍ରମରେ ଆଜି କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନ ସମ୍ମୁଖରେ ଏକ ବିଶାଳ ଜୟହିନ୍ଦ ସଭା ଆୟୋଜିତ ହୋଇଛି। ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ ସାଂସଦ ଦିପେନ୍ଦର ସିଂ ହୁଡ୍ଡା, ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ସୁରେଶ କୁମାର ରାଉତରାୟ, ରଞ୍ଜିବ ବିଶ୍ୱାଳ, ସନ୍ତୋଷ ସିଂ ସାଲୁଜା, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟର ୨୦ ଜଣ ଅବସରପ୍ରାପ୍ତ ସୈନିକଙ୍କୁ ସମ୍ମାନିତ କରିଛନ୍ତି। ସେମାନେ ହେଲେ ସେନାର ଦିଲ୍ଲୀପ କୁମାର ମହାପାତ୍ର, କିଶୋର ଚନ୍ଦ୍ର ମହାପାତ୍ର, ଯଯାତି କେଶରୀ କର, କୈଳାସ ଚନ୍ଦ୍ର ଧଳ, ବିଭୁଦେନ୍ଦୁ ଷଡ଼ଙ୍ଗୀ, ସାଏଦ ନୁର, ସୁଧିର ସାମଲ, କରୁଣାକର ନାଥ, ଅରୁଣ କୁମାର ପତି, ରମେଶ ଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ପତି, ଖିରୋଦ ଜେନା, ବିଶ୍ୱଭାନୁ କର, ଦେବେନ୍ଦ୍ର ମିଶ୍ର, ଧନେଶ୍ୱର ପଣ୍ଡା, ଦୀପକ କୁମାର ଜେନା, ଧର୍ମେନ୍ଦ୍ର ସାହୁ, ଶତୃଘ୍ନ ନାୟକ ପ୍ରମୁଖ। ଏହାଛଡ଼ା ପୂର୍ବତନ ସୈନିକ ତଥା କଂଗ୍ରେସ ବିଧାୟକ ଦଳ ଉପନେତା ସିଏଏସ ରାଜନ ଏକ୍କାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି।



ଗୁରୁବାର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆମ୍ବ ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଉପସ୍ଥିତ ଥିଲେ।

# ଯନ୍ତ୍ରଣାଦାୟକ ଜୀବନ ବଞ୍ଚୁଛି ଶିଶୁ



**ଯାଜପୁର,୨୯।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅର୍ଡିଆକୁସୁନୁପୁର ଗ୍ରାମରେ ଜଣେ ଶିଶୁ ଜନ୍ମରୁ ପେଟବାଟେ ମଳତ୍ୟାଗ କରିବାକୁ ବାଧ୍ୟ ହେଉଛି। ମାତ୍ର ଦେଢ଼ ବର୍ଷର ଉକ୍ତ ଶିଶୁଟି ଜନ୍ମରୁ ଏପରି ଯନ୍ତ୍ରଣାଦାୟକ ଜୀବନ ବଞ୍ଚୁଥିବା ବେଳେ ଚିକିତ୍ସା ସେବାରେ ଶିଶୁ ଭବନ କର୍ତ୍ତୃପକ୍ଷ ଅବହେଳା କରୁଥିବା ଅଭିଯୋଗ ହେଉଛି। କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତୋକତ୍ତର ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ)ରେ ଉକ୍ତ ଶିଶୁଟିର ଅସ୍ତ୍ରୋପଚାର କରାଯାଉନାହିଁ। ଏନେଇ ଶିଶୁର ପିତା ଜଗନ୍ନାଥ ମଳିକ ଅଭିଯୋଗ କରିଥିବା ବେଳେ ଧର୍ମଶାଳାର ଯୁବନେତା ସତୀଶ ବିଶ୍ୱାଳ ଏଥିରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଜଗନ୍ନାଥଙ୍କ ପୁଅ ଓମପ୍ରକାଶ ଜନ୍ମ ହେବା ପରେ ମଳଦ୍ୱାରରେ ମଳତ୍ୟାଗ ସମ୍ଭବ ହେଉନଥିବାରୁ ଶିଶୁ ଭବନରେ ପେଟରେ କଣା କରାଯାଇ ମଳତ୍ୟାଗ ବ୍ୟବସ୍ଥା କରାଯାଇଥିଲା। ଏଥିସହ କିଛିଦିନ ପରେ ମଳଦ୍ୱାରକୁ ଏଥିପାଇଁ ପ୍ରସ୍ତୁତ କରିବା ସକାଶେ ଅସ୍ତ୍ରୋପଚାର ସକାଶେ ମଧ୍ୟ ସେତେବେଳେ ଡାକ୍ତର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେବେଠାରୁ ଆଜି ପର୍ଯ୍ୟନ୍ତ ଅନେକ ଥର ଜଗନ୍ନାଥ ଶିଶୁ ଭବନ ଦୌଡ଼ୁଥିଲେ ମଧ୍ୟ ଅସ୍ତ୍ରୋଚାର ପ୍ରତି ଡାକ୍ତର ମନ ଦେଉନାହାନ୍ତି। ତେଣୁ ଜଗନ୍ନାଥ ଶ୍ରୀ ବିଶ୍ୱାଳଙ୍କୁ ଭେଟି ତାଙ୍କ ସମସ୍ୟା ସମ୍ପର୍କରେ କହିବା ପରେ ସେ ଏଥିନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଗତ ୧୬ ତାରିଖରେ ଅସ୍ତ୍ରୋପଚାର କରାଯିବା ସକାଶେ ଓମ୍‌ପ୍ରକାଶଙ୍କୁ ଶିଶୁ ଭବନରେ ଆଡମିଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ରାମଚନ୍ଦ୍ର ପୁଅକୁ ଆଡମିଶନ୍ କରି ଅସ୍ତ୍ରୋପଚାର ପାଇଁ ଅପେକ୍ଷା କରିଥିଲେ ମଧ୍ୟ ତାଙ୍କ ଅପେକ୍ଷାର ଅନ୍ତ ଘଟୁନାହିଁ। ଫଳସ୍ୱରୂପ ଦିନକୁ ଦିନ କୋମଳମତୀ ଓମ୍‌ପ୍ରକାଶର ଯନ୍ତ୍ରଣା ବଢ଼ି ବଢ଼ି ଚାଲିଛି। ଜଗନ୍ନାଥ ଜଣେ ଦିନମଜୁରିଆ ହୋଇଥିବାରୁ

**ଶିଶୁ ଭବନରେ ମିଳୁନି ଚିକିତ୍ସା ସେବା**

କୌଣସି ଘରୋଇ ଚିକିତ୍ସାଳୟରେ ମଧ୍ୟ ପୁଅର ଚିକିତ୍ସା କରାଇପାରୁନାହାନ୍ତି। ଏପରିକି ଶିଶୁ ଭବନକୁ ନିୟମିତ ଭାବେ ଦୌଡ଼ିବାକୁ ପଡୁଥିବାରୁ ଏହା ତାଙ୍କ ଆୟ ଉପରେ ମଧ୍ୟ ପ୍ରଭାବ ପକାଇଛି। ଯେଉଁଦିନ କଟକ ଆସୁଛନ୍ତି, ସେଦିନ ତାଙ୍କ ମଜୁରି ବନ୍ଦ ହେଉଥିବାରୁ ବେଳେବେଳେ ପରିବାରକୁ ଭୋକ ଉପାସରେ ମଧ୍ୟ ଦିନ କାଟିବାକୁ ପଡୁଛି। ତେଣୁ ଜଗନ୍ନାଥଙ୍କ ସମସ୍ୟା ଓ ଓମ୍‌ପ୍ରକାଶଙ୍କ ଯନ୍ତ୍ରଣାକୁ ହୃଦ୍‌ବୋଧ କରି ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବିଶ୍ୱାଳ ନିବେଦନ କରିଛନ୍ତି।

# ନିଶା ପାଇଁ ମା' ଜୀବନ ନେଲା ପୁଅ

**ପୁରୀ, ୨୯।୫ (ସଂଚାର ବ୍ୟୁରୋ):** ମରିଯାଉଛି ମାନବିକତା। ଜନ୍ମକଲା ମା'ଙ୍କୁ ବି ଛାଡୁନି ପୁଅ। ପୁଅର ଫାଉଡା ଚୋଟରେ ମା'ଙ୍କ ଜୀବନ ଯାଇଛି। ପୁରୀ ସଦର ସମଙ୍ଗରା ଗାଁରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ମୃତକ ହେଉଛନ୍ତି କନକ ପ୍ରଧାନ। ଆଜି ସକାଳେ ପୁଅ ପିଙ୍କୁ ନିଶା ଖାଇବା ପାଇଁ ମାଆ କନକଙ୍କୁ ଟଙ୍କା ମାଗିଥିଲା। ତେବେ କନକ ଟଙ୍କା ଦେବେନାହିଁ ବୋଲି ସିଧାସିଧା ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପିଙ୍କୁ ନିକଟରେ ଥିବା ଏକ ଫାଉଡ଼ାରେ କନକଙ୍କ ମୁଣ୍ଡକୁ ହାଣି ଦେଇଥିଲା। କନକ ପାଟି କରିବାରୁ ଲୋକେ ଆସିଯିବାରୁ ପିଙ୍କୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ଫାଉଡ଼ା ଚୋଟରେ ଘଟଣାସ୍ଥଳରେ ହିଁ କନକ ମୃତ୍ୟୁ ବରଣ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ପୁଅକୁ ଗିରଫ କରିଛି।

# ଘର ଭାଙ୍ଗିବା ସହ ଧାନ ଖାଇଲେ ହାତୀପଲ



**ପାଟଣା, ୨୯।୫ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜକୁ ୨୬ ଟିକିଆ ହାତୀପଲ ଆନନ୍ଦପୁର ଡିଭିଜନରୁ ବୁଧବାର ରାତିରୁ ଆସି ପାଟଣା ରେଞ୍ଜ ତଣ୍ଡବିଟ୍‌ରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ହାତୀପଲ ତଣ୍ଡବିଟ ଅନ୍ତର୍ଗତ ବଣମହୁଲଡିହା ଓ ବାଲି ଜୋଡ଼ି ଗ୍ରାମରେ ୬ଟି ଘର ଭାଙ୍ଗି ଦେଇଛନ୍ତି। ବଣ ମହୁଲ ଡିହାର ସୁଶୀଲ ମାଝୀ, ବିନୋଦିନୀ ସେଠୀ, ଶିବ ପ୍ରସାଦ ମାଝୀ, ଜୟନ୍ତୀ ମାଝୀ ଓ ବାଲିଯୋଡ଼ି ଗ୍ରାମର ମଙ୍ଗଳ ମୁଣ୍ଡା, ଚୈତନ୍ୟ ମୁଣ୍ଡାଙ୍କ ଘର ହାତୀପଲ ଭାଙ୍ଗି ଦେବା ସହ ଖରାଟିଆ ଧାନଫସଲ ଓ ପରିବା ଚାଷମାଡ଼ି ଦଳି ଉଜାଡ଼ି ଦେଇଛନ୍ତି। ହାତୀପଲ ଅଟେଇ ସଂରକ୍ଷିତ ଘାଟ ବାଲି ଯୋଡ଼ି ନିକଟରେ ଡେରା ପକାଇଥିବା ପାଟଣା ବନପାଳ ପିଅନ ନାଏକ କହିଛନ୍ତି।

# ଯାତ୍ରା ପାର୍ଟି କିଣିଲେ ରାଣୀ ପଣ୍ଡା



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ) :** ଓଡ଼ିଶାର ଲୋକପ୍ରିୟ ଯାତ୍ରା ଅନୁଷ୍ଠାନ 'ସ୍ୱର୍ଣ୍ଣ ମନ୍ଦିର'ର ନୂଆ ମାଲିକାଣୀ ହୋଇଛନ୍ତି ଜଣାଶୁଣା ଅଭିନେତ୍ରୀ ରାଣୀ ପଣ୍ଡା। ଏହି ଖବର ଯାତ୍ରା ପ୍ରେମୀଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ସୃଷ୍ଟି କରିଛି। ସ୍ୱର୍ଣ୍ଣ ମନ୍ଦିରର ଶୁଭ ମହୁରତ ଅବସରରେ ରାଣୀ ପଣ୍ଡାଙ୍କୁ ଏହି ଦାୟିତ୍ୱ ଗ୍ରହଣ କରିବାର ଘୋଷଣା କରାଯାଇଛି। ତେବେ ଯାତ୍ରା ସ୍ୱର୍ଣ୍ଣ ମନ୍ଦିରର ମାଲିକାନା ହାତକୁ ନେବା ପରେ ରାଣୀ ପଣ୍ଡା କହିଛନ୍ତି, ନୂଆ ରୂପ, ନୂଆ ରଙ୍ଗ ଓ ନୂଆ ଢଙ୍ଗରେ ଯାତ୍ରା ସ୍ୱର୍ଣ୍ଣ ମନ୍ଦିର ଦର୍ଶକଙ୍କ ପାଖରେ ପହଞ୍ଚିବ। ଆମେ ଆଧୁନିକତା ସହିତ ଓଡ଼ିଶାର ପାରମ୍ପରିକ କଳା ଓ ସଂସ୍କୃତିକୁ ଜୀବନ୍ତ ରଖିବୁ। ଏହି ଯାତ୍ରା ସଂସ୍ଥାକୁ ଆହୁରି ଲୋକପ୍ରିୟ କରିବା ପାଇଁ ନୂଆ ନୂଆ ପରୀକ୍ଷାନିରୀକ୍ଷା କରିବେ। ସେ ଦର୍ଶକଙ୍କୁ ଉନ୍ନତ ମଞ୍ଚ ପ୍ରଦର୍ଶନ, ଆଧୁନିକ ସାଉଣ୍ଡ ଓ ଲାଇଟିଂ ସିଷ୍ଟମ ଏବଂ ଆକର୍ଷଣୀୟ କାହାଣୀ ମାଧ୍ୟମରେ ଏକ ଅଭୂତପୂର୍ବ ଅନୁଭୂତି ଦେବାକୁ ଲକ୍ଷ୍ୟ ରଖିଛନ୍ତି।

# ବିଏମ୍‌ସି କମିଶନରଙ୍କ ବିରୋଧରେ ଏତଲା



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ଆଜି ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ବିରୋଧରେ ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ମୈତ୍ରୀ ବିହାର ଥାନାରେ ଏକ ଏତଲା ଦିଆଯାଇଛି। ବିଏମସି ଗାଡ଼କଣ ଡମ୍ପି ୟାର୍ଡ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦୈନିକ ମାତ୍ର ୧୫ ମେଟ୍ରିକ ଟନ ଅଳିଆ ପ୍ରକ୍ରିୟାକରଣ ପାଇଁ ଅନୁମତି ଦେଇଥିଲେ ମଧ୍ୟ ବିଏମ୍‌ସି ଦୈନିକ ୩୫୦ରୁ ଉର୍ଦ୍ଧ୍ୱ ମେଟ୍ରିକ୍ ଟନ ଅଳିଆ ଗଦେଇଚାଲିଛି। ସେହିପରି ରାଜ୍ୟର ପ୍ରକଳ୍ପ ପ୍ରଭାବ ଆକଳନ ସ୍ୱୀକୃତି ବା ଏସ୍‌ଇଆଇଏଏର ବିନା ପରିବେଶ ସୁରକ୍ଷା ଅନୁମୋଦନରେ ଜାଲ୍ କାଗଜପତ୍ର ଦେଖାଇ ଆଇନ ଉଲ୍ଲଂଘନ କରି ସଠିକ ଅନୁମୋଦନ ନ ନେଇ ବିଏମ୍‌ସି ସୈନିକ ସ୍କୁଲଠାରେ ଅଳିଆଗଦା କରିଚାଲିଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି ଓ ଛାତ୍ରଛାତ୍ରୀଙ୍କ କ୍ଷତି ପାଇଁ ଜେଜେ ଆକ୍ଟ ୨୦୧୫ ଅନୁସାରେ ମାମଲା ରୁଜୁ କରାଯିବା ସକାଶେ ପରିଷଦ ପକ୍ଷରୁ ଦାବି କରାଯାଇଛି। ସହରର ହଜାର ହଜାର ପିଲା ଓ୍ ଜନସାଧାରଣ ଦୁର୍ଗନ୍ଧରେ ଅତିଷ୍ଠ ହେବା ସହ କେତେକ ଭୟାନକ କିଡ୍‌ନି ଓ ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ଥାନାରେ ସୈନିକ ସ୍କୁଲ ବଞ୍ଚାଅ ଓ୍ ଅଳିଆଗଦା ହଟାଅ ଅଭିଯାନ ପକ୍ଷରୁ ପରିଷଦ ଏତଲା ଦେଇଛି। ଗତକାଲି ପ୍ରବଳ ବର୍ଷା ସତ୍ତ୍ୱେ ଗାଡ଼କଣ ଡମ୍ପିଂ ୟାର୍ଡ ଗେଟ ସମ୍ମୁଖରେ ଅଳିଆଗଦା ହଟାଅ ଓ୍ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ଜନପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ରବିବାର ପଳାଶୁଣୀସ୍ଥିତ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦଘାଟିତ ହେବା ପରେ ସେଠାରେ ଶୁଖିଲା ଅଳିଆର ପ୍ରକ୍ରିୟାକରଣ ହେବା କଥା। କିନ୍ତୁ ଏହା ପରିବର୍ତ୍ତେ ସେଠାରେ ଦୈନିକ ସାଢ଼େ ୩୦୦ ମେଟ୍ରିକ ଟନ୍ ଶୁଖିଲା ଓ ଓଦା ଅଳିଆ ଗଦା ଯାଉଛି। ଏହି କାରଣରୁ ଆଖପାଖ ପ୍ରାୟ ଦଶ କିମି ପରିଧିରେ ରହୁଥିବା ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି। ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ସକାଶେ ପରିଷଦ ପକ୍ଷରୁ ଦାବି କରାଯାଇଛି। ଅଭିଯାନର ବରିଷ୍ଠ ସଦସ୍ୟ ତଥା ପରିଷଦର ସଭାପତି ବାସୁଦେବ ଭଟ୍ଟ, ଅଶୋକ ପାଇକରାୟ, ପ୍ରସନ୍ନ ବିଷୋୟୀ, ଚିନ୍ତାମଣି ବାରିକ, ନିରୁପମା ପାତ୍ର, ଅସିତା ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଥାନାଧିକାରୀ ରବୀନ୍ଦ୍ର ବେହେରାଙ୍କୁ ଭେଟି ଏହି ଏତଲା ଦେଇଛନ୍ତି।

### ୪ ଟନ ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣା

# ଲୁଟ୍ ସ୍ଥଳରେ ଏନଆଇଏ ଟିମ୍

**କେ ବଲାଙ୍ଗ, ୨୯।୫ (ସଂଚାର ବ୍ୟୁରୋ):** ବିସ୍ଫୋରକ ଲୁଟ ସ୍ଥଳରେ ଏନଆଇଏ ଟିମ। ୪ ଟନ ବିସ୍ଫୋରକ ସାମଗ୍ରୀ ଲୁଟର ତଦନ୍ତ ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ଏଜେନସି। ସୁନ୍ଦରଗଡ଼ ଜିଲ୍ଲା କେ ବଲାଙ୍ଗ ଥାନା ଲୁଟ ସ୍ଥାନରେ ପହଞ୍ଚି ଖୋଳତାଡ଼ ଚଳାଇଛି ଏନଆଇଏ। କାହିଁକି, କେଉଁ ଉଦ୍ଦେଶ୍ୟରେ ଲୁଟ ହୋଇଛି ସେନେଇ ଖୋଳତାଡ଼ ଚଳାଇଛି। ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି ଏନଆଇଏ । ଅନ୍ୟପଟେ ଏହାକୁ ଗମ୍ଭୀରତା ସହ ନେଇଛି ରାଜ୍ୟ ପୋଲିସ। ରାଉରକେଲା ପୋଲିସ କାର୍ଯ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି, ସୁନ୍ଦରଗଡ଼ ଏସପି ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବୈଠକ କରିଛନ୍ତି ପୋଲିସ ଡିଜି ୱାଇ ବି ଖୁରାନିଆ । ସୀମାନ୍ତ ଅଞ୍ଚଳ ହୋଇଥିବାରୁ ସିଆଇଏସଏଫ, ଡିଭିଏଫ ସହ ଝାଡ଼ଖଣ୍ଡ ପୋଲିସର ଜାଗୁଆର ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ଟ୍ରକ ଡ୍ରାଇଭର ଅଭିଯୋଗ ଆଧାରରେ ଏତଲା ରୁଜୁ କରି ତଦନ୍ତ ଚଳାଇଛି ପୋଲିସ । ବିସ୍ଫୋରକ ଲୁଟ ଘଟଣାରେ ଏନଆଇଏର ତଦନ୍ତ ମାମଲାର ଗମ୍ଭୀରତାକୁ ଦର୍ଶାଉଛି। କେନ୍ଦ୍ର ସରକାର ଏହାକୁ ସାଧାରଣ ଅପରାଧିକ ମାମଲାରେ ଭାବେ ଗ୍ରହଣ କରିନାହାନ୍ତି। ଲୁଟରୁ ଜାତୀୟ ନିରାପତ୍ତା ପ୍ରତି ବିପଦ ଥିବା ଆଶଙ୍କା ଉପୁଜିଛି। ୨୭ ତାରିଖ ସକାଳ ପ୍ରାୟ ୯ଟା ବେଳେ ବାଙ୍କୋ ପଥର ଖଣିକୁ ଯାଉଥିବା ବିସ୍ଫୋରକ ବୋଝେଇ ଟ୍ରକକୁ ଲୁଟ ହୋଇଥିଲା। ପ୍ରାୟ ୩୦ରୁ ୪୦ ସଶସ୍ତ୍ର ଦୁର୍ବୃତ୍ତ ବିସ୍ଫୋରକ ଲୁଟିଥିଲେ । ଲୁଟ ପଛରେ ମାଓବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି । ଟ୍ରକରୁ ପ୍ରାୟ ୨ଶହ ପ୍ୟାକେଟ ବିସ୍ଫୋରକ ଲୁଟ ହୋଇଛି । ପ୍ରତି ପ୍ୟାକେଟରେ ୨୦ରୁ ୨୫ କେଜି ବିସ୍ଫୋରକ ଥିଲା । ଲୁଟ ପରେ ଟ୍ରକ ଓ ଡ୍ରାଇଭରକୁ ଛାଡି ଦେଇଛନ୍ତି ଦୁର୍ବୃତ୍ତ।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଖାଳ ଖାଇଲେ ଗ୍ରାମବାସୀ

**ବାରିପଦା,୨୯।୫(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ବସି ଖାଇଲେ ପଖାଳ, ଶୋଇଲେ ପିଣ୍ଡାରେ । ଜମି ବିବାଦ ସମାଧାନ ପାଇଁ କଲେ ଏଭଳି ଅଭିନବ ପ୍ରତିବାଦ। ସମସ୍ତଙ୍କ ନିଜ ନାମରେ ରହିଛି ଚାଷଜମି ଓ ଘରଡିହ। ମାତ୍ର ବାପ ଦାଦା ଅମଳରୁ ଥିବା ଜମିକୁ ଛଡ଼ାଇ ନେଇଛନ୍ତି ଅନ୍ୟ ଗାଁର ଲୋକେ । ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି ୪୫ରୁ ଉର୍ଦ୍ଧ୍ୱ ପରିବାର । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ । ବର୍ଷ ପରେ ବର୍ଷ ବିତିଯାଉଛି ହେଲେ ସମାଧାନ ହୋଇ ପାରୁନି ଜମି ବିବାଦ । ବାଧ୍ୟ ହୋଇ ଦେଢ ଶହ କିଲୋମିଟର ଆସି ଏକ ମାସ ପୂର୍ବେ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ ଗ୍ରାମବାସୀ । ମାତ୍ର ସମସ୍ୟାର ସମାଧାନ ନହେବାରୁ ଏଭଳି ଅଭିନବ ପ୍ରତିବାଦ କରିଛନ୍ତି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଚାନ୍ଦିକୁମାର ଗାଁ ଲୋକେ । ନିଜ ନାମରେ ଜମି ପଟ୍ଟା ଥାଇ ମଧ୍ୟ ଅନ୍ୟ ପାଖରେ ମୂଲ ଲାଗୁଛନ୍ତି ଗ୍ରାମବାସୀ । କାରଣ ତାଙ୍କ ଜମିରେ ବଳ ପୂର୍ବକ ଚାଷ କରୁଛନ୍ତି ଅନ୍ୟ ଗାଁର ଲୋକେ । ବାପ ଦାଦା ଅମଳରୁ ଏହି ଶିମିଳିପାଳ ପାଦଦେଶ ଚାନ୍ଦିକୁମାର ଗାଁରେ ରହି ଆସୁଛନ୍ତି ୪୫ରୁ ଉର୍ଦ୍ଧ୍ୱ ପରିବାର । ସମସ୍ତଙ୍କ ନିଜ ନାମରେ ରହିଛି ଚାଷଜମି ଓ ଘରଡିହ। ମାତ୍ର ଏକ ବର୍ଷ ତଳୁ ପାହାଡ ଅପର ପାର୍ଶ୍ୱ କେସଡିହା ଗ୍ରାମରୁ ଆସି କିଛି ଲୋକ ତାଙ୍କ ଜମି ଜବର ଦଖଲ କରି ଚାଷ କରି ଆସୁଛନ୍ତି। ଏପରିକି



**ଅଭିନବ ପ୍ରତିବାଦ**

ଗାଁ ଲୋକଙ୍କୁ ସେ ଚାଷ ଜମିକୁ ଯିବାକୁ ମଧ୍ୟ ଦେଉ ନାହାନ୍ତି। ଯାହାକୁ ନେଇ ଉଭୟ ଗାଁର ଲୋକଙ୍କ ମଧ୍ୟରେ ଗୋଳମାଳ ମଧ୍ୟ ସୃଷ୍ଟି ହେଉଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତହସିଲଦାର, ଉପ ଜିଲ୍ଲାପାଳଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି । କୌଣସି ସମାଧାନ ନହେବାରୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ ଗ୍ରାମବାସୀ । ମାତ୍ର ଗୁହାରୀ କରିବାର ଏକମାସ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧ୍ୟ ହୋଇ ଏଭଳି ଆନ୍ଦୋଳନ କରିଥିବାର କହିଛନ୍ତି ଗ୍ରାମବାସୀ । ତେବେ ଏହି ମାମଲା କୋର୍ଟରେ ବଚାରଧୀନ ଅଛି ବୋଲି କହିଛନ୍ତି କରଞ୍ଜିଆ ପିଏ ଆଇଟିଡିଏ। ଗରିବଗୁରୁବା ଲୋକ ଏମାନେ । ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିବାରର ପେଟ ପୋଷନ୍ତି ଏମାନେ । ନିଜ ନାମରେ ଜମି ପଟ୍ଟା ଥାଇ ମଧ୍ୟ ଅନ୍ୟ ପାଖରେ କେତେଦିନ ମୂଲ ଲାଗିବେ ଏମାନେ । ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି ଗାଁ ଲୋକେ ।

SANCHAR

ସଂଚାର

ସମ୍ପାଦକୀୟ

sanchar.live


**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଡିଜିଟାଲ ଟ୍ରାଞ୍ଜାକସନ

ରାଜ୍ୟରେ ଧର୍ତ୍ତବ୍ୟ ଅପରାଧ ବୃଦ୍ଧି ପାଇଛି। କିନ୍ତୁ ପୂର୍ବରୁ ଯେପରି ଚୋରୀ, ଡକାୟତି, ସିନ୍ଧି ଚୋରୀ ହେଉଥିଲା ତାହା କମିଛି। ଏହା ପରିବର୍ତ୍ତେ ଅପରାଧର ନୂଆ ତାରିକାକୁ ଅପରାଧୀମାନେ ଆପଣାଇଛନ୍ତି। ତାହା ହେଲା ସାଇବର ଅପରାଧ। ଭାରତରେ ଡିଜିଟାଲ କାରବାର ବା ଡିଜିଟାଲ ଅର୍ଥନୀତି ଯେତିକି ଅଗ୍ରସର ହୋଇଛି, ତଦନୁଯାୟୀ ସାଇବର ଅପରାଧ ସେତିକି ବଢ଼ିଛି। ଲୋକଙ୍କ ସରଳତାର ସୁଯୋଗ ନେଇ ଅନେକ ସେମାନଙ୍କୁ ଲୁଟ କରୁଛନ୍ତି। ଆଖି ପିଛୁଳାକେ ବ୍ୟାଙ୍କରୁ ଜମା ରାଶି ଖାଲି ହୋଇଯାଉଛି। ଲୋକଙ୍କ ମଧ୍ୟରେ ସତର୍କତା ଏବଂ ସଚେତନତା ଅଭାବରୁ ଏହା ବୃଦ୍ଧି ପାଉଛି। ସାଇବାର ଅପରାଧ ରୋକିବାକୁ ସରକାର ପର୍ଯ୍ୟାୟକ୍ରମେ ଅନେକ ପଦକ୍ଷେପ ନେଇଛନ୍ତି, ବ୍ୟାଙ୍କମାନେ ମଧ ଅନେକ ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ପ୍ରତିଦିନ କେଉଁଠି ନା କେଉଁଠି ସାଧାରଣ ଲୋକଟିଏ ସାଇବର ଅପରାଧର ଶିକାର ହେଉଛନ୍ତି। ଏହାର ମୁକାବିଲା ନିମନ୍ତେ ସରକାର ସ୍ୱତନ୍ତ୍ର ସାଇବର ଥାନା ଖୋଲିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଅପରାଧ ରୋକିବା ଏବଂ ଅପରାଧୀଙ୍କୁ ଧରିବା ଶତ ପ୍ରତିଶତ ସଫଳ ହେଉନାହିଁ। ନିକଟରେ ରାଜ୍ୟ ସରକାର ଆଉ ୨୦ଟି ସାଇବର ଥାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ କେବଳ ସାଇବର ଥାନା ଖୋଲି ଦେଲେ ହେବ ନାହିଁ। ଏ କ୍ଷେତ୍ରରେ ସ୍ୱତନ୍ତ୍ର ବୈଷୟିକ ଟିମର ଆବଶ୍ୟକତା ରହିଛି ଯେଉଁମାନେ ସାଇବର ଅପରାଧୀଙ୍କୁ ସହଜରେ ଠାବ କରିପାରିବେ ଏବଂ ଲୁଟ ଅର୍ଥ ଉଦ୍ଧାର କରିପାରିବେ। ନିକଟରେ ବିଧାନସଭାରେ ଆଗତ ଶ୍ୱେତପତ୍ରରେ ଏହା ଉଲ୍ଲେଖ ରହିଛି। ରାଜ୍ୟରେ ସାଇବର ଅପରାଧ ବହୁ ମାତ୍ରାରେ ବଢ଼ିଯାଇଛି। ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି। ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି। ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି। ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି। ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି। ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି। କାରଣ ସେମାନେ ସତର୍କ ହୋଇଯାଇଛନ୍ତି। କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି। ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ। କୋ÷ଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ। କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି। ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି। ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି। ଏହା ଅଚଳ ହୋଇଯିବ। ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ। ସେଥିରେ ମଧ ଅନେକ ଠକେଇର ଶିକାର ହେଉଛନ୍ତି। ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ



ପାଇବାର ଲୋକ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି। କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ ଏହାର ଶିକାର ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି। ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି। ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି। ରାଜଧାନୀର ସଚେତନ ନାଗରିକ ମଧ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା। ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି। ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ। କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିକୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ। ସାଇବର ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ସହ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଓଟିପି ମାଧ୍ୟମରେ ଜଣେ କିପରି ବ୍ୟାଙ୍କ ଆକାଉଣ୍ଟ ଖାଲି କରି ଦେଉଛନ୍ତି ତାହା ବଡ଼ ଆଶ୍ଚର୍ଯ୍ୟର ବିଷୟ। ଯଦି ପୋଲିସ ବା ବ୍ୟାଙ୍କ କର୍ତ୍ତୃପକ୍ଷ ଏହାର ନିରାକରଣ କରିପାରୁନାହାଁନ୍ତି ତେବେ ଅନଲାଇନ କାରବାର ବନ୍ଦ କରାଯିବା ଉଚିତ ଏବଂ ଲୋକଙ୍କୁ ଡିଜିଟାଲ କାରବାରରୁ ନିରୁତ୍ସାହିତ କରାଯିବା ଉଚିତ। ଦେଶରେ ଡିଜିଟାଲ କାରବାର ବଢୁଛି, ଡିଜିଟାଲ ଇଣ୍ଡିଆ ନେଇ ଆମେ ଗର୍ବ କରିବାର କିଛି କାରଣ ନାହିଁ, ଯଦି ଡିଜିଟାଲ କାରବାରକୁ ଆମେ ଯଥେଷ୍ଟ ସୁରକ୍ଷା ପ୍ରଦାନ କରିପାରିବ ନାହିଁ। ବିମୁଦ୍ରିକରଣ ପରେ ସରକାର କ୍ୟାସଲେସ କାରବାରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ଗତ ୫ ବର୍ଷ ଭିତରେ ଭାରତରେ ଡିଜିଟାଲ ପେମେଣ୍ଟ ବହୁ ପରିମାଣରେ ବଢ଼ିଛି। ଅତି ସାଧାରଣ ଲୋକେ ମଧ ୧୦ ଟଙ୍କାର ପେମେଣ୍ଟ ୟୁପିଆଇ ମାଧ୍ୟମରେ କରି ଦେଉଛନ୍ତି। ଏହା ଭଲ କଥା। ନଗଦ କାରବାର କମିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। କିନ୍ତୁ ଯଦି ଲୋକଙ୍କ ସଂଚିତ ଅର୍ଥର ସୁରକ୍ଷା ସମ୍ଭବ ନୁହେଁ, ତେବେ ଡିଜିଟାଲ ଅର୍ଥନୀତି ମୂଲ୍ୟହୀନ। ଏଥିଲାଗି ଲୋକଙ୍କୁ ସଚେତନ କରାଇବା ଲାଗି ସ୍ୱତନ୍ତ୍ର ଅଭିଯାନ ଆବଶ୍ୟକ। ଏହା ସହିତ ବ୍ୟାଙ୍କ ଗୁଡ଼ିକ କିଛି ନୂଆ ପଦ୍ଧତି ଆପଣାଇବା ଉଚିତ। ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ମୋଟା ଅଙ୍କର ଟଙ୍କା ଟ୍ରାନ୍ସଫର ପୂର୍ବରୁ ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ନିକଟକୁ ମେସେଜ ଯିବା କଥା। ଗ୍ରାହକଙ୍କୁ ଏଥିପାଇଁ ଘଣ୍ଟାଏ ସମୟ ଦିଆଯିବା ଉଚିତ। ଘଣ୍ଟାଏ ଭିତରେ ଯଦି ସେ ସ୍ୱୀକୃତି ପ୍ରଦାନ କରନ୍ତି ତେବେ ଯାଇ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ହେବା କଥା। ନଚେତ ଟ୍ରାଞ୍ଜାକସନ ବାତିଲ ହେବା ଉଚିତ।

# ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ



**କିଶୋର ଚନ୍ଦ୍ର ବେହେରା**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଦ୍ୱାରା ପାଳନ କରାଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ବିଶ୍ୱ ଏଡ୍ସ ଦିବସ ଓ ବିଶ୍ୱ ରକ୍ତ ଦାନକାରୀ ଦିବସ ଆଦି ସ୍ୱାସ୍ଥ୍ୟ ସଚେତନତା ଦିବସମାନଙ୍କ ମଧ୍ୟରୁ ବିଶ୍ୱ ତମାଖୁହୀନ ଦିବସ ଅନ୍ୟତମ । ପ୍ରତିବର୍ଷ ମେ ୩୧ ତାରିଖକୁ "ବିଶ୍ୱ ତମାଖୁ ବର୍ଜନ ଦିବସ" ବା 'ୱାର୍ଲଡ୍ ନୋ ଟବାକୋ ଡେ" ଭାବେ ପାଳନ କରାଯାଏ। ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଥିଲେ ମଧ କିଛି ଲୋକ ଜାଣିଶୁଣି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ସଚେତନତାର ଅଭାବ ଯୋଗୁଁ ତମାଖୁର ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି । ଫଳରେ ସାରା ବିଶ୍ୱରେ ଫୁସ୍‌ଫୁସ୍ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାର ଲାଗିଛି । ତେବେ ଏଥିରୁ ମନୁଷ୍ୟ ଜାତିକୁ ରକ୍ଷା କରିବା ପାଇଁ ପ୍ରତି ବର୍ଷ ବିଶ୍ୱ ବ୍ୟାପୀ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି। ତମାଖୁ ଦୁଇ ପ୍ରକାର ବ୍ୟବହାର ହୋଇଥାଏ। ଗୋଟିଏ ଧୂଆଁ ମାଧ୍ୟମରେ ଯେପରିକି ସିଗାରେଟ୍, ଗଞ୍ଜାଇ ଓ ବିଡ଼ି ଗୋଟିଏ ପ୍ରକାର ହୋଇଥିବାବେଳେ ଗୁଟ୍‌ଖା, ଜର୍ଦ୍ଦା, ଗୁଣ୍ଡି , ଖଇନ ,ଦୋକଦା ଓ ନାଶ ଭଳି ପଦାର୍ଥ ଚୋବାଇ ଲୋକମାନେ ବ୍ୟବହାର କରିଥାନ୍ତି। ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଥାଏ। ତହିଁରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ। ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସ୍‌ଫୁସ୍, ମୁଖଗହ୍ୱର, ଜିହ୍ୱା କର୍କଟ ରୋଗ ଦେଖାଦେଇଥାଏ। ମହିଳାମାନେ ତମାଖୁ ସେବନ କରିବା ଦ୍ୱାରା ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଓ ଜୀବନ ଉପରେ ମଧ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ ଜନ୍ମ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୮୭ରେ ପ୍ରଥମ ଥର ପାଇଁ ବିଶ୍ୱ ତମାଖୁ ଦିବସ ପାଳନ କରାଯାଇଥିଲା।

ତମାଖୁ ସେବନ ଯୋଗୁଁ ମୃତ୍ୟୁହାରର ଅହେତୁକ ବୃଦ୍ଧି ହେତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ୭୦ ଲକ୍ଷ ଲୋକ କର୍କଟ ତଥା ମୁଖଗହ୍ୱର କର୍କଟରେ ପୀଡ଼ିତ ହୋଇଥାନ୍ତି। ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼େ। ଏ ଦୃଷ୍ଟିରୁ ଏହାକୁ "ନିରବ ଘାତକ" ବୋଲି ମଧ କୁହାଯାଏ। ଏହି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଚଳଚ୍ଚିତ୍ରର ଆରମ୍ଭ ପୂର୍ବରୁ ଓ ମଧ୍ୟାହ୍ନ ବିରତି ସମୟରେ କିମ୍ବା ଦୂରଦର୍ଶନରେ ବିଭିନ୍ନ ସମୟରେ ଏକ ବାର୍ତ୍ତା ଆସିଥାଏ ଯେ 'ତମାଖୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ'। ଟିଭି, ପୋଷ୍ଟର, ବ୍ୟାନର ମାଧ୍ୟମରେ ସବୁବେଳେ ତମାଖୁ କ୍ଷତିକାରକ ଗୁଣ ସମ୍ପର୍କରେ ସଚେତନ କରାଯାଏ। ଏହି ସଚେତନତା ଅଭିଯାନକୁ ଆହୁରି ମଜଭୁତ କରିବା ପାଇଁ ପ୍ରତିବର୍ଷ ମେ' ୩୧ରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଏ। ଏହା ମାଧ୍ୟମରେ ତମାଖୁ ସେବନ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ତମାଖୁ ଆମ ପାଇଁ କିପରି ସାଂଘାତିକ ହୋଇପାରେ ସେ ବିଷୟରେ ଲୋକଙ୍କୁ କୁହାଯାଏ। ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମନଙ୍କରେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀଙ୍କୁ ତମାଖୁ ଠାରୁ ଦୂରରେ ରଖିବା ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଂସ୍ଥ ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ " ନିଶା ମୁକ୍ତ ଅଞ୍ଚଳ" ଘୋଷଣା କରିବା ନିମନ୍ତେ ବାରମ୍ବାର ତାଗିଦ କରୁଥିଲେ ମଧ ତାହା ଆଶାନୁରୂପକ ସଫଳ ହୋଇପାରୁନାହିଁ। ଶିକ୍ଷାନୁଷ୍ଠାନ ପାରିପାର୍ଶ୍ୱିକ ଅଞ୍ଚଳ ଗୁଡିକରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନ୍. ସି. ସି. ଓ ସ୍କାଉଟ ଗାଇଡ଼ି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା ଶିବିର, ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା ଏବଂ ପ୍ରତ୍ୟେକ ଗୃହ କର୍ତ୍ତାଙ୍କ ସହ ଯୋଗାଯୋଗ ସ୍ଥାପନ କରାଗଲେ ମଧ ସଂପୂର୍ଣ୍ଣ ଭାବେ ବନ୍ଦ ହେବା କଷ୍ଟକର



ହୋଇ ପଡୁଛି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିର୍ଦ୍ଦେଶାବଳୀରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଡ଼ିକର ପରିସରକୁ ସଂପୂର୍ଣ୍ଣ ତମାଖୁ ମୁକ୍ତ ରଖିବା ପାଇଁ ପରିସରରେ 'ତମାଖୁ ମୁକ୍ତ ଅଂଚଳ' ସୂଚନା ଫଳକ ପ୍ରଦର୍ଶନ, ଫାଟକର ପ୍ରବେଶ ଓ ପ୍ରସ୍ଥାନରେ 'ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ' ସୂଚନା ଫଳକ ପ୍ରଦର୍ଶନ, ପରିସରରେ ତମାଖୁ ବ୍ୟବହାରର କୌଣସି ପ୍ରମାଣ ନଥିବା ଘୋଷଣାନାମା, ତମାଖୁର କ୍ଷତି ଉପରେ ସଚେତନତା ସାମଗ୍ରୀ ପ୍ରଦର୍ଶନ, ପ୍ରତି ଛଅ ମାସରେ ଅତି କମରେ ଗୋଟିଏ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଆୟୋଜନ, ତମାଖୁ ମନିଟରଙ୍କ ନାମାଙ୍କନ ଶିକ୍ଷାନୁଷ୍ଠାନରେ ଆଚରଣ ସଂହିତା ତମାଖୁ ମୁକ୍ତ ନୀତି ଅନ୍ତର୍ଭୁକ୍ତ, ତମାଖୁ ମୁକ୍ତ ଅଞ୍ଚଳକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷାନୁଷ୍ଠାନ ଚାରିପାଖରେ ୧୦୦ ଗଜ ଦୂରରେ ଏକ ହଳଦିଆ ରେଖା ଚିହ୍ନିତ କରିବା ଓ ସେହି ୧୦୦ ଗଜ ଅଞ୍ଚଳ ମଧ୍ୟରେ କୌଣସି ଦୋକାନ କିମ୍ବା ବିକ୍ରେତା ତମାଖୁ ଉତ୍ପାଦ ବିକ୍ରି ନକରିବା ସୁନିଶ୍ଚିତ କରିବା ଆବଶ୍ୟକତା ରହିଛି। ଏହି ୯ଟି ସଚେତନତା କାର୍ଯ୍ୟକ୍ରମ ମଧ୍ୟରୁ ଦୁଇଟି ପ୍ରମୁଖ କାର୍ଯ୍ୟ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ତୁରନ୍ତ ସହାୟତା ଆବଶ୍ୟକ: ତମାଖୁ ମୁକ୍ତ ଅଞ୍ଚଳକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷାନୁଷ୍ଠାନ ଚାରିପାଖରେ ୧୦୦ ଗଜ ଦୂରରେ ଏକ ହଳଦିଆ ରେଖା ଚିହ୍ନିତ କରିବା ଓ ସେହି ୧୦୦ ଗଜ ଅଞ୍ଚଳ ମଧ୍ୟରେ କୌଣସି ଦୋକାନ କିମ୍ବା ବିକ୍ରେତା ତମାଖୁ ଉତ୍ପାଦ ବିକ୍ରି ନ କରିବା ନିଶ୍ଚିତ କରିବା ।

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ, ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନର ମହାବିଦ୍ୟାଳୟରେ କୌଣସି ପ୍ରଫେସର, ଅଧାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ କିମ୍ବା ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ଓ ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ କରାଗଲେ କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନର ପରିକଳ୍ପନା ଫଳପ୍ରଦ ହୋଇପାରିବ। ଏକ ସରକାରୀ ସର୍ବେକ୍ଷଣ ସଂସ୍ଥା ବିବରଣୀ ଅନୁଯାୟୀ ଓଡ଼ିଶାରେ ପ୍ରାୟ ଶତକଡା ଅଣତିରିସ ଭାଗ ଯୁବପିଢ଼ି ପ୍ରତ୍ୟେକ ଦିନ ତମାଖୁ ସେବନ କରୁଥିଲା ବେଳେ ଶତକଡା ପାଞ୍ଚ ଭାଗ ଯୁବକ ସାମୟିକ ଭାବେ ବ୍ୟବହାର କରିଥାନ୍ତି। ସର୍ବମୋଟ ଚଉତିରିଶ ଭାଗ ମଧ୍ୟରୁ ସେଥି ମଧ୍ୟରୁ ଶତକଡ଼ା ବାଇଶି ଭାଗ ପୁରୁଷ ଥିଲାବେଳେ ଶତକଡା ବାର ଭାଗ ମହିଳା ଅଟନ୍ତି। ବିଶେଷ କରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ଯୁବ ଗୋଷ୍ଠୀ ମାନେ ଅଧିକ ତମାଖୁ ଜାତ ଦ୍ରବ୍ୟର ବ୍ୟବହାର କରିଥାନ୍ତି। ସଚେତନତା ଉଦ୍ୟମ ଯୋଗୁଁ ପ୍ରାୟ ଚାଳିଶ ଶତକଡା ଓଡ଼ିଶା, ଜାମ୍ମୁ ଓ କାଶ୍ମୀରରେ ହ୍ରାସ ପାଇଥିବାର ସର୍ବେକ୍ଷଣ ସଂସ୍ଥାରେ କାର୍ଯ୍ୟ କରୁଥିବା ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି। ବିପୁଳ ପରିମାଣର ବ୍ୟବହାର ହେଉଥିବା ମାଦକ ଦ୍ରବ୍ୟକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱଚ୍ଛାସେବୀ ସଂଗଠନ ଉଦ୍ୟମ ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ୟବହାରକାରୀ ନିଜକୁ ଆତ୍ମସମୀକ୍ଷା କରି ସେଥିରୁ ନିବୃତ୍ତ ହୁଅନ୍ତି ତେବେ ଏକ ଜନ ମଙ୍ଗଳ ରାଷ୍ଟ୍ର ଗଠନ ହୋଇପାରିବ। ଶିକ୍ଷାନୁଷ୍ଠାନ ପରିସର ହେବ ସମ୍ପୂର୍ଣ୍ଣ ନିଶାମୁକ୍ତ। ନାମଲେଖା ପ୍ରକ୍ରିୟା କେବଳ ଛାତ୍ରଛାତ୍ରୀ ନୁହେଁ ଅଧାପକ ଓ କର୍ମଚାରୀମାନେ ମଧ ବାଧ୍ୟତାମୂଳକ ଭାବେ ଦାଖଲ କରିବ ଉଚିତ ଆଣ୍ଟି ଡ୍ରଗ୍ ଘୋଷଣା ନାମା। ନିଶା ମୁକ୍ତ ଅଭିଯାନକୁ ଅଧିକ ସଫଳ କରିବା ପାଇଁ ସରକାର ଯେତିକି ପଦକ୍ଷେପ ନେଇଛନ୍ତି ଦେଶର ସମସ୍ତ ଛାତ୍ରଛାତ୍ରୀ ଏଥିପ୍ରତି ପ୍ରୟାସ କରିବାର ଆବଶ୍ୟକତା ରହିଛି।


**ଅଧାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋବାଇଲ୍: ୯୪୩୭୯୫୫୫୬୮**


# ପହଲଗାଁଓର ନର ସଂହାର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଧର୍ମ କ'ଣ? ବୁଝି ନାହାଁନ୍ତି ସେ ମତେ ଯେମିତି ଧର୍ମଗୁରୁ ଭୂମିକା ନିଭାଇବା ପାଇଁ ଅସ୍ତ୍ରଧରି ଧର୍ମର ଆଚରଣ ପଚାରୁଛନ୍ତି। ଆମଜନତୀ କ'ଣ ଧର୍ମର ଧାରାରେ ରହିଲେ ବି କାହାକୁ ଧର୍ମର ଭିତ୍ତିଭୂମି ବୁଝାଇ ପାରିବେନି? ପହଲ ମାନେ ପ୍ରଥମ ଗାଁଓ ମାନେ ୧ମ ଗ୍ରାମ ଭାରତର ବିଖ୍ୟାତ ପୀଠ ବୈଷ୍ଣୋଦେବୀ ପରି ଉଚ୍ଚ ସ୍ଥାନକୁ ଯିବା ପଥରେ ଏଇ ସ୍ଥାନ ପହିଲ ଗ୍ରାମ ପହଲଗାଁ, ଏହି ଦେବଭୂମି ଡାକେ ମାତାନେ ବୁଲାୟା, ଶ୍ରୀଚଣ୍ଡୀରେ ମହାକାଳୀ ମହାଲକ୍ଷ୍ମୀ ମହା ସରସ୍ୱତୀଙ୍କ ପାଇଁ ତିନି ପ୍ରକାର ଦେବୀଙ୍କର ଚରିତ ଅଛି। ଏଇ ପୀଠ ହିଁ ଏପରି ପୀଠ ଯେଉଁଠି ଲୋକେ ଦର୍ଶନରେ ସମ୍ପୂର୍ଣ୍ଣ ପାଠ ନକରି ଫଳ ପାଇପାରନ୍ତି। ପୂଜା ପାଇଁ ଧାରା ନିତ୍ୟ ନୈମିତ୍ତିକ କାମ୍ୟର ଧାରା ଅଛି। କାମ୍ୟ ହେଉଛି କାମନା ରଖି ଯେଉଁ ହାସଲ ଚିନ୍ତା। ତାହା ପାଇବାକୁ ଲୋକର ଅନେକ ଚେଷ୍ଟା। ଏହି ଦେବୀ ଏ ପରିଶକ୍ତି ଯେ ଲୋକର କୁଚ୍ଛଅତିବୃଚ୍ଛ ଶରୀର କଷ୍ଟ କରି ଏ ସ୍ଥାନକୁ ଦର୍ଶନକୁ ଆସିବା ଦ୍ୱାରା କାମନା ଅନେକ ପୂରଣ ହୋଇଯାଏ।

ସେ ମା ସେରାବାଲି, ସେର ତ ବାଘ ସିଂହା ବିଶେଷ କରି ସିଂହା ମାଆ ସିଂହବାହିନୀ ପୂର୍ବେ ହିମାଳୟ ପାଦ ଦେଶରେ ବହୁ ସିଂହ ଥିଲେ। ଏଥିରେ ଦଳପତି ସିଂହ ହିଁ ଦେବୀ ବାହାନ ରୂପେ ହିମାଳୟ ତାଙ୍କର କନ୍ୟାକୁ ବାହାନ ପାଇଁ ଦେଇଥିଲେ। ସିଂହ ପଞ୍ଜାରେ ବଜ୍ରଶକ୍ତ ନଖରେ ସେ ତଳୁ ଉପରକୁ ଉଠି ପାରନ୍ତି। ପର୍ବତ ବାସିନ୍ଦା ଏପରି ତଳ ଉପର ହୋଇ ଶିଖରରୁ ନିମ୍ନ ଅବତରଣ କରିଥାନ୍ତି। ପର୍ବତଙ୍କ କନ୍ୟା ପାର୍ବତୀ। ତାଙ୍କ ବାହାନ ସିଂହା ସିଂହ ଏପରି ଜୀବ ସେ କାହାକୁ ଭୟ କରେନାହିଁ। ସେ ସ୍ୱୟଂ ଯୁଦ୍ଧ ଅସ୍ତ୍ର ସହିତ ଜନ୍ମ ବଜ୍ର ନଖ ଓ ଦାନ୍ତ ନେଇ ଜନ୍ମ। ସିଂହାର ଗର୍ଜନ ଅନେକ ଦୂର ଯାଏ ଶୁଭେ। ସିଂହର ଗର୍ଜନେ ଏକ ଦମ ସିମିତ, ସିଂହ ଅଧିକ ସନ୍ତାନ ଜନ୍ମ କରିବା କେବେ ପ୍ରକୃତି ମାଆ କରାଇ ଦିଅନ୍ତି ନାହିଁ। କାରଣ ତାର ଭୋଜନ ମାଂସ ଯେ ତୃଣ ଘାସ ଭୋଜୀ ଏଇମାନେ ଅଧିକ ଜନ୍ମ ହୋଇଥାନ୍ତି। ସେ ପଶୁରାଜ ସର୍ବୋଚ୍ଚ ଶକ୍ତି ସମ୍ପନ୍ନ ପଶୁ ହେଲେ "ରାଜ' ଲାଗିବାରୁ ସେ "ପ୍ରଶାସନ'ରେ ହିଁ ରହନ୍ତି। ଭାରତରେ ସିଂହ ବା ସିଂ ସଞ୍ଜ୍ଞା ଶିଖଙ୍କର ଓ ରାଜପୁତ ମାନଙ୍କର। ଏମାନେ ବର୍ତ୍ତମାନ ପଞ୍ଜାବ ହରିୟାନା ଓ ରାଜସ୍ଥାନର ସିମିତ ବାସିନ୍ଦା ହେଲେ ବି ଏଇମାନେ ପ୍ରକୃତରେ ଭାରତର ଆଦି ଶାସନରେ ରହି ଆସିଛନ୍ତି। ଯୁଦ୍ଧକୁ ସମ୍ପୂର୍ଣ୍ଣ ନିର୍ଭୀକ ମୋଗଲ ପ୍ରଶାସନରେ ଦେଖନ୍ତୁତ ରାଜପୁତ ବୀର ରାଣାପ୍ରତାପ, ପଞ୍ଜାଏ୍ୀର ରଣଜିତ ସିଂହ ଯେ ବ୍ରିଟିଶ ଜାତିକୁ ଛାଡ଼ି ନାହାଁନ୍ତି। କାଶ୍ମୀର ରଣବୀର ସିଂହ, ହରି ସିଂ, ଏସବୁ ମହାକ୍ଷତ୍ରୀୟ ମୋଗଲ ବାଦଶା ମାଛ ତେଲରେ ମାଛ ଭାଜୁଥିଲେ। ରାଜପୁତ୍ର କନ୍ୟାକୁ ବିବାହ କରି ଶ୍ୱଶୁର ଘର ସମ୍ବନ୍ଧ ଶାଳକ ସମ୍ବନ୍ଧ କରି ଆକବର ବଡ଼ରାଟ ସମ୍ରାଟ ପଣକୁ ଆସିଥିଲେ। କଲ୍ୟାଣମଲ୍ଲ ମାନସିଂହ ଏପରି ମହାକ୍ଷତ୍ରୀୟ ମାନସିଂହଙ୍କୁ ପାଖ ଲୋକ କରାଇ ଦିଲ୍ଲୀରେ ବସି ଏହି ଓଡ଼ିଆ ବଙ୍ଗ ବିହାର ଅଞ୍ଚଳକୁ ଶାସନ କରୁଥିଲେ।

ସିଂହ ଶକ୍ତିରେ ସିଂହମାନେ ପରିଚିତ ହେବାକୁ ଶିଖ ମାନଙ୍କର ଗୁରୁମାନେ ପ୍ରବର୍ତ୍ତାଇଛନ୍ତି । ଏହି ଓଡ଼ିଶା ରାଜ୍ୟର ପାରାଦ୍ୱୀପ ବନ୍ଦର ନିର୍ମାଣ ବେଳେ ରେଳ ରାସ୍ତାର ଉନ୍ନତି ବନ୍ଦର ପର୍ଯ୍ୟନ୍ତ ହୋଇ ନଥିଲା। ବିଜୁ ବାବୁଙ୍କ ତତ୍କାଳୀନ ପ୍ରଶାସନରେ ପଞ୍ଜାବୀ ଡ୍ରାଇଭରଗଣଙ୍କୁ ଡ୍ରାଇଭର ରୂପେ ପଥର ବୋହିବା ଟ୍ରକ ଚାଳକ ରୂପେ ପ୍ରଶୟ ଦେଇଥିଲେ। ଦିନକୁ ଶହ ଶହ ଟ୍ରକ ପାରାଦ୍ୱୀପକୁ ଚାଲୁଥିଲା ଯେଉଁ ମାନଙ୍କର ଡ୍ରାଇଭର ପଞ୍ଜାବୀ ସିଂହ ମାନେ ଥିଲେ ଟମକାରୁ ପାରାଦ୍ୱୀପ ଯେଉଁ ହାଇୱେ ହୋଇଛି ଏଠାରେ ଖଣିରୁ ବନ୍ଦର ଯାଏ ଟ୍ରକରେ ହିଁ ପ୍ରଥମ ପ୍ରଥମ ଲୁହାପଥର ଏହି ସିଂହମାନେ ହିଁ ବହନ କରି ଆଣୁଥିଲେ। ଯାହା ଅତି ସାହାସ ଓ ଧୈର୍ଯ୍ୟର କାର୍ଯ୍ୟ। ପ୍ରଜା ହିନ୍ଦୁ ରାଜା ମୁସଲମାନ ସୁଲତାନ ଶାସନ ମୋଗଲ ଶାସନରେ ଭାରତରେ ଚାଲୁଥିଲା ଏମିତି ଜମିଦାରୀ କିଣାବିକା ପୂର୍ବେ ଚାଲିଥିଲା। କାଶ୍ମୀର ଜମିଦାରୀକୁ ପଞ୍ଜାବର ଜଣେ ସିଂହ କିଣିଥିଲେ। ତାପରେ ସେଠାରେ ହିନ୍ଦୁରାଜ ହୋଇ ଆସୁଛି ମାତ୍ର ସେଠାର ଆରବରୁ ଆସିବା ଇସଲାମ ପୁରୁଷମାନେ ଆକ୍ରମଣକାରୀ ଭାବରେ ହୁଅନ୍ତୁ ବଣିକ ଭାବରେ ହୁଅନ୍ତୁ ଆସି ପରେ କାମନା ଚରିତ୍ର ପାଇଁ ପତ୍ନୀ ଗ୍ରହଣ କରି ଇସଲାମ ଧର୍ମର ସନ୍ତାନ ସୃଷ୍ଟି କଲେ। ଆମ ଦେଶର ପିତୃକେନ୍ଦ୍ରିକ ଜାତିଧର୍ମର ସନ୍ତାନ, ଏହି ନିୟମରେ ମାତୃ କେନ୍ଦ୍ରିକ ନାହିଁ। ଫଳରେ ଏକାଧିକ ପତ୍ନୀ ଗ୍ରହଣ ଓ ଅଧିକ ସନ୍ତାନ ସୃଷ୍ଟରେ ଜନସଂଖ୍ୟା ବେଳକୁ ବେଳ ବିସ୍ଫୋରଣ ହୋଇ ବାସଭୂମି ବାଣିଜ୍ୟଭୂମି, ବୃତ୍ତି ବାଧା ଅଭାବ ବୋଧ ହେଲା। କାଳକ୍ରମେ କାଶ୍ମୀର ପଣ୍ଡିତଙ୍କ ଉପରେ ହେଲା ଆକ୍ରମଣ ସେମାନେ ଡରଭୟରେ ଉଦବସ୍ତୁ ହୋଇ ଭିଟାମାଟି ଛାଡ଼ି ପ୍ରାଣଭୟରେ ଭାରତର ବିଭିନ୍ନ ଦିଗକୁ ଆସିଗଲେ। ଜନସଂଖ୍ୟା ବୃଦ୍ଧି ଏପରି ସମସ୍ୟା ସର୍ବଦା ଉପୁଜେ। ଏ ପାଇଁ ଜନଗଣନା କରାଯାଇ ଲୋକଙ୍କ ଥଇଥାନ କିପରି କରାଯିବ ଶାସନ ବିଭାଗୀୟ ଚିନ୍ତା ହୁଏ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**


# ଆର୍ଥିକ ସମ୍ପନ୍ନଙ୍କୁ ମିଳିବନି ସଂରକ୍ଷଣ !



**ଗୋପାଳ ମହାପାତ୍ର**

ଭାରତର ପ୍ରଧାନ ବିଚାରପତି ବି ଆର ଗବଇଙ୍କ ମତରେ ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ଉଚିତ୍ ନୁହେଁ। ଭାରତର ପ୍ରଦାନ ବିଚାରପତି ଗବଇଙ୍କ ଏହି ମତ ବା ବିଚାର ସାମାଜିକ ନ୍ୟାୟ ଦିଗରେ ଏକ ଗୁରୁତ୍ୱପୁର୍ଣ୍ଣ ପଦକ୍ଷେପ ହୋଇପାରେ। ଏହି ବିଚାର ସଂରକ୍ଷଣ ନୀତିକୁ ଅଧିକ ସମାବେଶୀ ଏବଂ ପ୍ରଭାବୀ କରିବା ଦିଗରେ ଏପରିକି ସାମାଜିକ ଏବଂ ଆର୍ଥୀକରୂପେ ବଞ୍ଚିତ ଲୋକଙ୍କୁ ସମାନ ଅବସର ପ୍ରଦାନ କରିବା ଦିଗରେ ଏକ ସକରାତ୍ମକ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଅନେକ ଅସୁବିଧା ମଧ ରହିଛି। ଏହି ସବୁ ଅସୁବିଧା ବା ଅବ୍ୟବସ୍ଥା ମଧ୍ୟରେ ରହିଛି ସାମାଜିକ ଭେଦଭାବର ନିରନ୍ତରତା, ସାମ୍ବିଧାନିକ ପ୍ରାବଧାନର ପାଳନ ଏବଂ ପ୍ରଶାସନିକ ଜଟିଳତା। ଭାରତରେ ସଂରକ୍ଷଣ ନିୟମ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ସମୁଦାୟକୁ ସମାନ ଅବସର/ସୁବିଧା ସୁଯୋଗ ପ୍ରଦାନ କରିବାର ଏକ ଗୁରୁତ୍ୱପୁର୍ଣ୍ଣ ସାଧନ ଅଟେ। ଏହି ନିୟମ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଅନୁସୂଚୀତ ଜାତି(ଏସ୍‌ସି), ଅନୁସୂଚୀତ ଜନଜାତି (ଏସଟି) ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଲାଗୁକରାଯାଉଛି। କିନ୍ତୁ ସମୟ ସହ ତାଳ ମିଳାଇ ସଂରକ୍ଷଣର ଦୁରୁପଯୋଗ, ଏହାର ଲାଭର ଅସମାନ ବିତରଣ ଏବଂ ସାମାଜିକ ଆର୍ଥୀକ ପରିବର୍ତ୍ତନ କାରଣରୁ ଏହି ନୀତିର ପ୍ରାସଙ୍ଗିକତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗବଇଙ୍କ ମତ ବା ବିଚାର "ସମ୍ପନ୍ନ ଲୋକଙ୍କୁ ସଂରକ୍ଷଣ ରୁ ବାହାର କରିଦେବା ଉଚିତ୍" ଏକ ଗୁରୁତ୍ୱପୁର୍ଣ୍ଣ କିନ୍ତୁ ବିବାଦୀୟ ପ୍ରସଙ୍ଗ ଭାବେ ଉଭା ହୋଇଛି।

ବିଚାରପତି ଭୂଷଣ ରାମକୃଷ୍ଣ ଗବଇ ମେ ମାସ ୧୪ ତାରିଖଦିନ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବିଚାରପତି ଗବଇ ହେଉଛନ୍ତି ପ୍ରଥମ ପ୍ରଧାନ ବିଚାରପତି ଯିଏ ଅନୁସୂଚୀତ ଜାତି (ଏସ୍‌ସି)ର ଅଟନ୍ତି। ପୂର୍ବରୁ ଅନୁସୂଚୀତ ଜାତିରୁ କେହି ପ୍ରଧାନ ବିଚାରପତି ହୋଇନଥିଲେ। ମହାରାଷ୍ଟ୍ରର ଅମରାବତୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବିଚାରପତି ଗବଇଙ୍କର ସାମ୍ବିଧାନିକ ଏବଂ ପ୍ରଶାସନିକ ଆଇନ୍ କ୍ଷେତ୍ରରେ ଅନେକ ଯୋଗଦାନ ରହିଛି। ତାଙ୍କ ପିତା ଆର ଏସ ଗବଇ ରିପବ୍ଲିକାନ ପାର୍ଟିଅଫ ଇଣ୍ଡିଆର ନେତା ଥିଲେ ଓ ତାଙ୍କର ସାମାଜିକ ନ୍ୟାୟ ପ୍ରତି ଥିବା ଦୃଷ୍ଟିକୋଣ ବିଚାରପତି ଗବଇଙ୍କୁ ପ୍ରଭାବିତ କରିଥିଲା। ଅନେକ ପ୍ରସଙ୍ଗରେ ବିଚାରପତି ଗବଇ ସଂରକ୍ଷଣ ନୀତିକୁ ସୁଧାରିବା ପାଇଁ ମତବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ବାସ୍ତବରେ ସାମାଜିକ ଏବଂ ଆର୍ଥୀକ ରୂପରେ ବଞ୍ଚିତ ଲୋକାମାନଙ୍କୁ ସଂରକ୍ଷଣର ଲାଭ ମିଳିବା ଆବଶ୍ୟକ। ସେ "କ୍ରୋମିଲେୟର" (ସମ୍ପନ୍ନ ବର୍ଗ)ର ଅବଧାରଣାକୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ବା କ୍ଷେତ୍ରରେ ଲାଗୁ କରାଯିବା ପାଇଁ ଶୁପାରିଶ କରିଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ପୁର୍ବରୁ ଏହାଲାଗୁ କରାଯାଇଛି। ପ୍ରଧାନ ବିଚାରପତିଙ୍କ ଯୁକ୍ତି ହେଉଛି ଯଦି କୌଣସି ବ୍ୟକ୍ତି ବା ତାର ପରିବାର ସଂରକ୍ଷଣର ସୁବିଧାପାଇ ଉଚ୍ଚ ପଦବୀ ଯଥା ଆଇଏଏସ୍, ଆଇପିଏସ ବା ଅନ୍ୟ ପ୍ରତିଷ୍ଠିତ ସେବାରେ ପହଞ୍ଚ ଯାଏ ତେବେ ତାଙ୍କର ଆଗାମୀ ପିଢ଼ୀଙ୍କୁ ସାମାଜିକ ଏବଂ ଆର୍ଥୀକ ଅସୁବିଧା ଭୋଗ କରିବାକୁ ପଡିନଥାଏ। ଏଭଳି ସ୍ଥିତିରେ ସେମାନଙ୍କୁ ସଂରକ୍ଷଣର ସୁବିଧା ଦିଆଯିବା ନିୟମର ମୂଳ ଉଦେଶ୍ୟକୁ ଦୁର୍ବଳ କରି ଦେଇଥାଏ। ଏ ସମ୍ପର୍କୀତ ଏକ ମାମଲାର ଶୁଣାଣୀ ବେଳେ ଗବଇ ମନ୍ତବ୍ୟ ଦେଇଥିଲେ ଯେ "ଯେଉଁମାନେ ବର୍ଗୀକରଣର ବିରୋଧ କରୁଛନ୍ତି ସେମାନେ ଏଭଳିଯାତ୍ରୀ ଯିଏ ରେଳ ଗାଡିର ଡବା ମଧ୍ୟରେ ପଶି ଯାଇଥାନ୍ତି କିନ୍ତୁ ଅନ୍ୟକୁ ପଶିବାକୁ ଦେଇନଥାନ୍ତି"। ତାଙ୍କର ଏହି ଉକ୍ତିର ଯଥାର୍ଥତା ହେଉଛି ସଂପନ୍ନ ଦଳିତ ବା ସଂରକ୍ଷଣ ପାଉଥିବା ଅନ୍ୟବର୍ଗର ଲୋକ ଯେଉଁମାନେ ସଂରକ୍ଷଣର ଲାଭ ଉଠାଇ ସାରିଛନ୍ତି ସେମାନେ ଅନ୍ୟ ବଞ୍ଚିତ ମାନଙ୍କ ହକ୍‌କୁ ଛଡାଇ ନେଉଛନ୍ତି।

"କ୍ରୋମିଲେୟର"ର ଅବଧାରଣା ପ୍ରଥମେ ୧୯୯୨ରେ ଇନ୍ଦ୍ରା ସାହାଣୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା। ଏହି ମାମଲାର ରାୟ ପ୍ରଦାନ କରି କୋର୍ଟ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣରେ କ୍ରୋମିଲେୟାରଙ୍କୁ ବାହାର କରିବା ପାଇଁ କହିଥିଲେ ଓ ଏହାର ଉଦେଶ୍ୟ ଥିଲା ସଂରକ୍ଷଣର ଲାଭ ବାସ୍ତବରେ ସାମାଜିକ ଏବଂ ଆର୍ଥୀକ ଭାବେ ପଛୁଆ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା। କ୍ରୋମି ଲେୟାରର ଚିହ୍ନଟ ଆୟ, ପେଶା ଏବଂ ସାମାଜିକ ସ୍ଥିତି ଭଳି ମାପଦଣ୍ଡର ଆଧାରରେ ସ୍ଥିର କରାଯାଇଥାଏ। ଉଦାହରଣ ସ୍ୱରୂପ ଉଚ୍ଚଆୟ କରୁଥିବା ପରିବାର, ବରିଷ୍ଠ ସରକାରୀ ଅଧିକାରୀଙ୍କ ସନ୍ତାନ ସନ୍ତତି ଏବଂ ଅନ୍ୟ କେତେକ ଅଧିକ ରୋଜଗାର ଥିବା ପେଶାର ଲୋକଙ୍କୁ କ୍ରୋମିଲେୟାର ବୋଲି କୁହାଯାଏ। ଏହି ଅବଧାରଣା କିନ୍ତୁ ଅନୁସୂଚୀତ ଜାତି ଏବଂ ଜନଜାତିଙ୍କ ପାଇଁ ଲାଗୁ କରାଯାଇନଥିଲା କାରଣ ଏହି ବର୍ଗର ସମୁଦାୟଙ୍କୁ ସାମାଜିକ ଭେଦଭାବ ଏବଂ ଛୁଆଁ ଅଛୁଆଁର ସାମନା କରିବାକୁ ପଡ଼ିଥାଏ। କିନ୍ତୁ ପ୍ରଧାନ ବିଚାରପତି ଗବଇଙ୍କ ଯୁକ୍ତି ହେଉଛି ସମୟ ସହ ତାଳମିଳାଇ ଏମାନଙ୍କର (ଏସସି ଓଏସ୍‌ଟି) ଆର୍ଥୀକ ଏବଂ ସାମାଜିକ ଅସମାନତା ହ୍ରାସ ପାଉଛି। କିନ୍ତୁ ଅନେକେ ଏବେବି ମୂଳଭୁତ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଣୁ କ୍ରୋମି ଲେୟରର ଅବଧାରଣାକୁ ଅନୁସୂଚୀତ ଜାତି ଓ ଜନଜାତିଙ୍କ କ୍ଷେତ୍ରରେ ଲାଗୁ କରାଗଲେ ଏହା ସାମାଜିକ ନ୍ୟାୟକୁ ଅଧିକ ସମାବେଶି କରିପାରିବ। ସରକାରୀ ନିଯୁକ୍ତି, ଶିକ୍ଷା ଏବଂ ଅନ୍ୟ କ୍ଷେତ୍ରରେ ସଂରକ୍ଷଣ ରହିଛି। ଯଦି ଅନୁସୂଚୀତ ଜାତି ଓ ଜନଜାତିର ସମ୍ପନ୍ନ ଲୋକେ ଏହାର ଲାଭ ଉଠାଇବେ ତେବେ ପ୍ରକୃତ ପକ୍ଷେ ଆବଶ୍ୟକତା ଥିବା ବା ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଏହାର ଲାଭ ମିଳି ପାରିବ ନାହିଁ। କ୍ରୋମି ଲେୟାରଙ୍କୁ ବାହାର କରାଗଲେ ହିଁ ପ୍ରକୃତ ହକ୍‌ଦାର ଲୋକେ ସୁବିଧା ପାଇପାରିବେ ଓ ଅସମାନତା ହ୍ରାସ ପାଇବ। ପ୍ରଧାନ ବିଚାରପତି ଗବଇଙ୍କ ଏହି ବିଚାର ଭାରତର ସାମାଜିକ ଏବଂ ରାଜନୈତିକ ଗତିଶୀଳତାକୁ ପ୍ରଭାବିତ କରିପାରେ। ଏହା ସଂରକ୍ଷଣ ନୀତିକୁ ସମାବେଶୀ ଏବଂ ନ୍ୟାୟସଙ୍ଗତ କରିପାରେ।

କିନ୍ତୁ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ଜଟିଳତା ରହିଛି। ପ୍ରଧାନ ବିଚାରପତି ଗବଇଙ୍କ ବିଚାରକୁ ଲାଗୁ କରିବା ପାଇଁ ସଂସଦର ମଞ୍ଜୁରୀ ତଥା ବ୍ୟାପକ ସାମାଜିକ ସହମତିର ଆବଶ୍ୟକତା ରହିଛି। ଏଥିପାଇଁ ସଂରକ୍ଷଣ ବର୍ଗଙ୍କ ଆର୍ଥୀକ ଏବଂ ସାମାଜିକ ଅସମାନତାର ଆକଳନ ପାଇଁ ଏକ ସର୍ବେକ୍ଷଣ କରାଯିବା ମଧ ଜରୁରୀ। ଏ ପ୍ରସଙ୍ଗରେ ସବୁ ସାମାଜିକ ସଂଗଠନ, ରାଜନୈତିକ ଦଳ ଏବଂ ବୁଦ୍ଧିଜୀବିଙ୍କ ମଧ୍ୟରେ ଖୋଲାଖୋଲି ଆଲୋଚନା ମଧ ହେବା ଆବଶ୍ୟକ। କ୍ରୋମିଲେୟରର ଅବଧାରଣାକୁ ପ୍ରଥମେ ପ୍ରୟୋଗାତ୍ମକ ଭାବେ କିଛି ରାଜ୍ୟରେ ବା ଅଞ୍ଚଳରେ ଲାଗୁ କରାଗଲେ ଏହାର ପ୍ରଭାବକୁ ମଧ ଆକଳନ କରାଯାଇପାରିବ।


**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**

# ରାଜସ୍ଥାନରୁ ଆଉ ଜଣେ ପାକ ଗୁପ୍ତଚର ଗିରଫ

● ୭ଥର ପାକିସ୍ତାନ ଯାଇଥିଲେ



**ଜୟପୁର,୨୯।୫:** ରାଜସ୍ଥାନରୁ ଆଉ ଜଣେ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରାଯାଇଛି। ସେ ହେଉଛନ୍ତି ଜଣେ ସରକାରୀ କର୍ମଚାରୀ ଏବଂ ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ବା ପର୍ସନାଲ୍ ଆସିଷ୍ଟାଣ୍ଟ୍। ତାଙ୍କୁ ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଅଭିଯୋଗରେ ଅଟକ ରଖାଯାଇଛି। ସେ ୬-୭ ଥର ପାକିସ୍ତାନ ଯାଇଥିବା ବି ସୂଚନା ରହିଛି। ରାଜସ୍ଥାନ ଇଣ୍ଟେଲିଜେନ୍ସର ସ୍ୱତନ୍ତ୍ର ଦଳ ଜୟସଲମେରର ଏକ ସରକାରୀ କାର୍ଯ୍ୟାଳୟରୁ ଶକୁର ଖାନ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି। ଖାନ ଜୈସଲମେର ଜିଲ୍ଲାର ବାସିନ୍ଦା ଏବଂ ବର୍ତ୍ତମାନ ରାଜ୍ୟର ନିଯୁକ୍ତି କାର୍ଯ୍ୟାଳୟରେ କାର୍ଯ୍ୟରତ। ଅଧିକାରୀମାନେ ଖାନଙ୍କୁ ସନ୍ଦେହଜନକ କାର୍ଯ୍ୟକଳାପରେ ଜଡିତ ଥିବା ସନ୍ଦେହ କରୁଛନ୍ତି। ପାକିସ୍ତାନୀ ଦୂତାବାସ ଅଧିକାରୀଙ୍କ ସହିତ ତାଙ୍କର କଥିତ ସମ୍ପର୍କ ଏବଂ ଆଇଏସ୍ଆଇ ସହିତ ସମ୍ଭାବ୍ୟ ସମ୍ପର୍କ ବିଷୟରେ ସୂଚନା ପାଇବା ପରେ ଗୁଇନ୍ଦା ସଂସ୍ଥାଗୁଡ଼ିକ କିଛି ସମୟ ଧରି ତାଙ୍କ ଉପରେ ନଜର ରଖି ଆସୁଥିଲେ। ଅଧିକାରୀମାନେ ତାଙ୍କ ଫୋନରେ ଅନେକ ପାକିସ୍ତାନୀ ଫୋନ୍ ନମ୍ବର ପାଇଛନ୍ତି। ଯାହାର ଉତ୍ତର ଠିକ ଭାବେ ଦେଇପାରି ନାହାନ୍ତି ଶକୁର। ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେ ଗତ କିଛି ବର୍ଷ ମଧ୍ୟରେ ଅତି କମରେ ସାତ ଥର ପାକିସ୍ତାନ ଯାତ୍ରା କରିଛନ୍ତି।

## ଗୁପ୍ତ ତଥ୍ୟ ଚୋରି କରୁଛି ଚୀନ ସିସିଟିଭି

**ନୂଆଦିଲ୍ଲୀ, ୨୯।୫:** ଚୀନ ନିର୍ମିତ ସିସିଟିଭିରେ ହେଉଛି ଭାରତର ଜାସୁସୀ। ଗୁପ୍ତଚର ଚାଲ୍ ଖେଳୁଛି ବଦମାସ ଚୀନ୍। ଭାରତର ଗୁପ୍ତ ତଥ୍ୟ ଚୋରି କରୁଛି ଚୀନ। ତେଣୁ ଏହାର ମୁକାବିଲା ପାଇଁ କଠୋର ପଦକ୍ଷେପ ନେବା ସହ ଚୀନ ଗାଲରେ ଭାରତ ମାରିଛି ଶକ୍ତ ଚାପୁଡା। ଏଣିକି ଭାରତରେ ସରକାରୀ ଲାବରେ ବିଦେଶ ନିର୍ମିତ ସିସିଟିଭି ଓ ଅନ୍ୟାନ୍ୟ ନିରୀକ୍ଷଣ ଉପକରଣର ପରୀକ୍ଷା କରାଯିବ। ଏନେଇ ଜାରି ହୋଇଛି ନୂଆ ନିର୍ଦ୍ଦେଶନାମା। ସିସିଟିଭି ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଏବେ ପରୀକ୍ଷା ପାଇଁ ସରକାରୀ ଲ୍ୟାବରେ ହାର୍ଡୱେୟାର୍, ସଫ୍ଟୱେୟାର୍ ଓ ସୋର୍ସ କୋଡ୍ ଦାଖଲ କରିବେ। ତାପରେ ସେମାନଙ୍କୁ ଭାରତରେ ବିକ୍ରି କରିବାକୁ ଅନୁମତି ଦିଆଯିବ। ଏବେ ଦିଲ୍ଲୀର ବିଭିନ୍ନ ଲୋକେସନରେ ପ୍ରାୟ ୨୫ ହଜାର ସିସିଟିଭି ଲାଗିଛି। ସିସିଟିଭିରେ ଲାଗିଥିବା ୮୦ ପ୍ରତିଶତ ସାମଗ୍ରୀ ଚୀନର ବୋଲି ଜଣାପଡିଛି। ଏଥିସହ ମେକ୍ ଇନ୍ ଇଣ୍ଡିଆକୁ ଅଧିକ ପ୍ରୋତ୍ସାହନ ମିଳିପାରିବ।

## ମୁର୍ଶିଦାବାଦ ହିଂସା ନେଇ ଟାର୍ଗେଟ

# ମମତାଙ୍କୁ ନିର୍ମମତା କହିଲେ ମୋଦି



**କୋଲକାତା, ୨୯।୫:** ମୁର୍ଶିଦାବାଦ ଏବଂ ମାଲଦାରେ ହୋଇଥିବା ହିଂସାକାଣ୍ଡକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ମମତା ସରକାରଙ୍କର ନିଷ୍ଠୁରତା ଏବଂ ଭେଦଭାବକୁ ଦର୍ଶାଉଛି ବୋଲି ମୋଦି କହିଛନ୍ତି। ଗୁରୁବାର ମମତା ବାନାର୍ଜୀଙ୍କ ବିରୁଦ୍ଧରେ ନିର୍ମମତା ଶବ୍ଦ ବ୍ୟବହାର କରି ତାଙ୍କ ସରକାର ବିଫଳତା ଓ ନାଗରିକଙ୍କ ଦୁର୍ଦ୍ଦଶା ପ୍ରତି ଅଣଦେଖା କରିଛି ବୋଲି ମୋଦି ଅଭିଯୋଗ କରିଛନ୍ତି। ବେଙ୍ଗଲର ଆଲିପୁରଦୁଆରରେ ଏକ ସିଟି ଗ୍ୟାସ ବଣ୍ଟନ ପ୍ରକଳ୍ପର ଉଦଘାଟନ କରିବା ଅବସରରେ ମୋଦି କହିଛନ୍ତି ଆଜି ପଶ୍ଚିମବଙ୍ଗ ଅନେକ ସଂକଟ ସହିତ ସଂଘର୍ଷ କରୁଛି। ପ୍ରଥମଟି ହେଉଛି ବ୍ୟାପକ ହିଂସା ଏବଂ ଆଇନ ବ୍ୟବସ୍ଥା ନଷ୍ଟ ହେବା, ଯାହା ସମାଜର ସ୍ଥିତିକୁ ବିପନ୍ନ କରୁଛି। ମୁର୍ଶିଦାବାଦ ଏବଂ ମାଲଦାରେ ଘଟିଥିବା ଘଟଣାଗୁଡ଼ିକ ତୃଣମୂଳ ସରକାରଙ୍କ ନିଷ୍ଠୁରତା ଏବଂ ଲୋକଙ୍କ ଦୁଃଖ ପ୍ରତି ଉଦାସୀନତାର ସ୍ପଷ୍ଟ ଉଦାହରଣ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ବେଙ୍ଗଲର ଲୋକେ ମମତା ସରକାରଙ୍କ ପ୍ରତି ବିଶ୍ୱାସ ହରାଇ ସାରିଲେଣି। ଏଠାକାର ଲୋକଙ୍କ ପାଖରେ ଏବେ କେବଳ କୋର୍ଟ ହିଁ ଏକମାତ୍ର ଭରସା। ସେଥିପାଇଁ ସମଗ୍ର ବଙ୍ଗଳା କହୁଛି, 'ଆମେ ଏକ ନିଷ୍ଠୁର ସରକାର ଚାହୁଁନାହୁଁ!' ଶିକ୍ଷକ ନିଯୁକ୍ତି ଦୁର୍ନୀତି ନେଇ ମଧ୍ୟ ମମତାଙ୍କୁ ଟାର୍ଗେଟ୍ କରିଛନ୍ତି ମୋଦି। ଯୁବପିଢ଼ି, ଗରିବ ଏବଂ ମଧ୍ୟବିତ୍ତ ପରିବାର ଦୁର୍ନୀତିର ଶିକାର ହେଉଛନ୍ତି। ଟିଏମସି ସରକାର ହଜାର ହଜାର ଶିକ୍ଷକ ଏବଂ ସେମାନଙ୍କ ପରିବାରର ଭବିଷ୍ୟତକୁ ନଷ୍ଟ କରିଦେଇଛି। ଏହା କେବଳ କିଛି ହଜାର ଶିକ୍ଷକଙ୍କ ବିନାଶ ନୁହେଁ ବରଂ ସମଗ୍ର ଶିକ୍ଷା ବ୍ୟବସ୍ଥା ଖରାପ ହେଉଛି। ଏବେ ମଧ୍ୟ ସେମାନେ ନିଜର ଭୁଲ ସ୍ୱୀକାର କରିବାକୁ ମନା କରୁଛନ୍ତି, ବରଂ କୋର୍ଟକୁ ଦୋଷ ଦେଉଛନ୍ତି ବୋଲି ମୋଦି କହିଛନ୍ତି। କେବଳ ସେତିକି ନୁହେଁ, ମମତା ସରକାର ଅବହେଳିତ ଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲାଗୁ କରିବାରେ ବାଧା ଦେଉଛନ୍ତ ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଗରିବ, ପଛୁଆ ସମ୍ପ୍ରଦାୟ ଏବଂ ମହିଳାଙ୍କ ବିରୁଦ୍ଧରେ ଟିଏମସି ଏତେ କଠୋର କାହିଁକି? କେନ୍ଦ୍ର ସରକାର ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି, କିନ୍ତୁ ରାଜ୍ୟ ସରକାର ପଶ୍ଚିମବଙ୍ଗରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଦେଉନାହାଁନ୍ତି। ଗତ ସପ୍ତାହର ନୀତି ଆୟୋଗ ବୈଠକରେ ମମତା ବାନାର୍ଜୀଙ୍କ ଅନୁପସ୍ଥିତି ପାଇଁ ମୋଦି ତାଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ଦଳ କେବଳ ୨୪ ଘଣ୍ଟା ରାଜନୀତି କରିବାକୁ ଚାହୁଁଛି ଏବଂ ବଙ୍ଗର ବିକାଶ କିମ୍ବା ଦେଶର ପ୍ରଗତିକୁ ପ୍ରାଥମିକତା ଦେଉନାହିଁ ବୋଲି ମୋଦି ଆରୋପ କରି କହିଛନ୍ତି।

### ସାହସ ଅଛି ତ ନିର୍ବାଚନ ତାରିଖ ଘୋଷଣା କର: ଦିଦି



**କୋଲକାତା, ୨୯।୫:** ମୋଦିଙ୍କ ଉପରେ ବର୍ଷିଲେ ଦିଦି। ପଶ୍ଚିମବଙ୍ଗ ସରକାରଙ୍କୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ କଟୁ ସମାଲୋଚନା ପରେ ତାତିଛନ୍ତି ମମତା। ପ୍ରେସମିଟ୍ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୋଦିଙ୍କୁ ପାଲଟା ଆକ୍ରମଣ କରିଛନ୍ତି। ଆଉ ସିଧା ସିଧା ନିଶାନା କରି କହିଛନ୍ତି- ବିଜେପି ଅପରେସନ୍ ସିନ୍ଦୂର ନାଁରେ ରାଜନୈତିକ ହୋଲି ଖେଳୁଛି। ଯେତେବେଳେ ସାରା ଦେଶ ଅପରେସନ ସିନ୍ଦୂର ସପକ୍ଷରେ ଛିଡା ହେଉଛି ଆଉ ପ୍ରତିନିଧି ଦଳ ସାରା ବିଶ୍ୱରେ ଆତଙ୍କବାଦ ବିରୋଧରେ ସ୍ୱର ଉଠାଇବାକୁ ଯାଇଛନ୍ତି ସେତେବେଳେ ଏମାନେ ଅପରେସନ ବେଙ୍ଗଲ କରିବେ ବୋଲି କହୁଛନ୍ତି। ମୋଦିଙ୍କୁ ଚାଲେଞ୍ଜ ଦେଇ ମମତା କହିଛନ୍ତି, ଦମ୍ ଅଛି ତ ଆସନ୍ତାକାଲି ନିର୍ବାଚନ ତାରିଖ ଘୋଷଣା କର। ଆମେ ସବୁ ପ୍ରକାର ଚାଲେଞ୍ଜକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛୁ । ମୋଦି ପଶ୍ଚିମବଙ୍ଗର ମହିଳାଙ୍କୁ ଅପମାନିତ କରିଛନ୍ତି। ଆମ ସାଂସଦ ଏବେ ବିଦେଶ ବୁଲି ଦେଶର ଅପରେସନ୍ ସିନ୍ଦୂର ନେଇ ଗୁଣଗାନ କରୁଛନ୍ତି। ଠିକ୍ ସେତେବେଳେ ମୋଦି ବେଙ୍ଗଲ ଆସି ପଶ୍ଚିମବଙ୍ଗ ସରକାରଙ୍କୁ ଅପମାନିତ କରୁଛନ୍ତି। ଏହା କି ପ୍ରକାରର ରାଜନୀତି ବୋଲି ମମତା ପ୍ରଶ୍ନ କରିଥିବା ବେଳେ ପହଲଗାମ୍ ହମଲାର ଆତଙ୍କୀମାନେ ଏବେ କେଉଁଠି ଅଛନ୍ତି ? ସେମାନଙ୍କୁ ଧରାଗଲାଣି କି ? ବୋଲି ପ୍ରଶ୍ନ କରିଛନ୍ତି ଦିଦି। ଏଥସହ ଏକ ଖୋଲା ବିତର୍କର ଆହ୍ୱାନ ମଧ୍ୟ ଦେଇଛନ୍ତି । ତେବେ ମୁର୍ଶିବାଦ ହିଂସା ନେଇ ମମତା ପୂର୍ବରୁ ବିଜେପିକୁ ହିଁ ଦାୟୀ କରି ଆସୁଛନ୍ତି।

● ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଚିଠି

## ପୁଞ୍ଚ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ଦାବି



**ନୂଆଦିଲ୍ଲୀ, ୨୯।୫:** ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖିଲେ ରାହୁଲ। ପୁଞ୍ଚ ଓ ଅନ୍ୟ ପ୍ରଭାବିତ ଅଞ୍ଚଳ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ପାକିସ୍ତାନର ଗୁଳିମାଡ ଏବଂ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପୁଞ୍ଚ ସମେତ ଅନ୍ୟ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ଦାବି କରିଛନ୍ତି ରାହୁଲ। ଚିଠିରେ ପୁଞ୍ଚବାସୀଙ୍କ ଦୁଃଖ କଥା ବଖାଣି ପୁନର୍ବାସ ପ୍ୟାକେଜ ଦେବାକୁ କହିଛନ୍ତି । ମୋଦିଙ୍କୁ ଅନୁରୋଧ କରି ରାହୁଲ ଲେଖିଛନ୍ତି ମୁଁ କିଛି ଦିନ ତଳେ ପୁଞ୍ଚ ଗସ୍ତ କରିଥିଲି। ଯେଉଁଠି ପାକିସ୍ତାନର ଗୁଳିମାଡରେ ୪ ଜଣ ଶିଶୁଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ହେବା ସହ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପାକିସ୍ତାନର ଆଖିବୁଜା ଗୁଳିମାଡରେ ଘରଦ୍ୱାର, ରାସ୍ତାଘାଟ, ସ୍କୁଲ କଲେଜ, ଧର୍ମାନୁଷ୍ଠାନ ସବୁ ନଷ୍ଟ ହୋଇଯାଇଛି। କିଛି ଲୋକଙ୍କ ବର୍ଷକର ପରିଶ୍ରମ ଗୋଟିଏ ଝଟକାରେ ଛାରଖାର ହୋଇଯାଇଛି।ଏପରି ଏକ ସଙ୍କଟ ସମୟରେ ସୀମାବର୍ତ୍ତୀ ଅଞ୍ଚଳର ଲୋକଙ୍କ ସହ ଆମେ ଛିଡା ହେବା ଏବଂ ସେମାନଙ୍କ ଦୁଃଖ ବୁଝିବା ଆମ କର୍ତ୍ତବ୍ୟ । ତେଣୁ ଭାରତ ସରକାରଙ୍କୁ ମୁଁ ବିନମ୍ର ଅନୁରୋଧ କରୁଛି କି ପାକିସ୍ତାନ ଗୁଳିମାଡରେ କ୍ଷତିଗ୍ରସ୍ତ ପୁଞ୍ଚ ସମେତ ଅନ୍ୟ ଅଞ୍ଚଳ ପାଇଁ ପ୍ୟାକେଜ ଘୋଷଣା କରାଯାଉ। ତେବେ ଗତ ୨୪ ତାରିଖ ଦିନ ପୁଞ୍ଚ ଗସ୍ତରେ ଯାଇଥିଲେ ରାହୁଲ ଗାନ୍ଧି । ସେଠାରେ ସେ ପୀଡିତଙ୍କୁ ଭେଟିଥିଲେ । ବିଭିନ୍ନ ଧର୍ମାନୁଷ୍ଠାନ ବୁଲି ସ୍ଥିତି ପରଖିଥିଲେ ଏବଂ ସେ ସରକାରଙ୍କୁ ପୁଞ୍ଚବାସୀଙ୍କୁ ଆକ୍ରମଣ ପରର ଦୁଃଖ କଥା କହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ପାଟନାରେ ପ୍ରଧାନମନ୍ତ୍ରୀଙ୍କ ବିଶାଳ ରୋଡ୍ ଶୋ'



**ପାଟନା, ୨୯।୫:** ଅପରେସନ ସିନ୍ଦୂର ପରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ପାଟନାରେ ରୋଡ୍ ଶୋ' କରିଛନ୍ତି ମୋଦି । ପାଟନା ଏୟାରପୋର୍ଟରୁ ବିଜେପି ପାର୍ଟି ଅଫିସ୍ ଯାଏଁ ପ୍ରାୟ ସାଢେ ୫ କିଲୋମିଟର ବିଶାଳ ରୋଡ୍ ଶୋ' କରି ବିହାର ରାଜନୀତିରେ ହଠାତ୍ ହଟଚମଟ ସୃଷ୍ଟି କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଆଉ ମୋଦିଙ୍କ ପ୍ରତି ଲୋକଙ୍କ ବିପୁଳ ସମର୍ଥନର ଦୃଶ୍ୟ ବିହାରରେ ରାଜନୈତିକ ଦଳଙ୍କ ମୁଣ୍ଡ ବିନ୍ଧା କରିଛି । ପଶ୍ଚିମବଙ୍ଗରୁ ସିଧା ପାଟନା ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରେ ମୋଦିଙ୍କୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ରାଜ୍ୟପାଳ ଅରିଫ ମହମ୍ମଦ ଖାନ ସ୍ୱାଗତ କରିଥିଲେ। ମୋଦି ପାଟନା ଜୟପ୍ରକାଶ ନାରାୟଣ ଏୟାରପୋର୍ଟରେ ନୂଆ ଯାତ୍ରୀ ଟର୍ମିନାଲ ଭବନର ଉଦଘାଟନ କରିଥିଲେ। ରାଜ୍ୟ ରାଜଧାନୀରୁ ୩୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ବିହଟା ବିମାନବନ୍ଦରରେ ଏକ ନୂତନ ସିଭିଲ୍ ଏନକ୍ଲେଭର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପାଟଣା ଏୟାରପୋର୍ଟରୁ ବିଜେପି ପାର୍ଟି ଅଫିସ୍ ଯାଏଁ ରୋଡ୍ ଶୋ କରି ଯାଇଥିଲେ । ରାସ୍ତାର ଦୁଇ ପଟେ ହଜାର ହଜାର ଲୋକଙ୍କ ଭିଡ ଦେଖିବାକୁ ମଳିଥିଲା। ସବୁଠି ତ୍ରିରଙ୍ଗା ପତାକାର ଲହରୀ ଏବଂ ମୋଦୀଙ୍କ ଉପରେ ପୁଷ୍ପ ବର୍ଷା ହେଉଥିଲା। ମହିଳାମାନେ ମଥାରେ ସିନ୍ଦୂର ଓ ମୁଣ୍ଡରେ ଲାଲ ରଙ୍ଗର ପଗଡି ଭିଡିଥିଲେ। ଯୁବକମାନେ ସେନା ପୋଷାକ ପିନ୍ଧିଥିଲେ। ଅପରେସନ୍ ସିନ୍ଦୂର ପରେ ମୋଦି ପ୍ରଥମ ଥର ପାଇଁ ବିହାର ଗସ୍ତରେ ଥିବା ବେଳେ ସବୁଠି ଅପରେସନ ସିନ୍ଦୂରର ଚର୍ଚ୍ଚା ହେଉଥିଲା ଏବଂ ମୋଦିଙ୍କୁ ବଧାଇ ଜଣାଉଥିଲେ ଲୋକେ। ମୋଦି ରୋଡ ଶୋରେ ଲୋକଙ୍କୁ ହାତ ହଲାଇ ସମ୍ବୋଧନ କରୁଥିଲେ ଆଉ ଲୋକେ ପ୍ରଧାନମନ୍ତ୍ରୀଙ୍କ ଝଲକ ପାଇବାକୁ ଭିଡ ଜମାଇଥିଲେ। ତେବେ ପ୍ରଶଂସକ ଡମ୍ବରୁ ଏବଂ ଢୋଲ ବଜାଇ ମୋଦିଙ୍କୁ ସ୍ୱାଗତ କରିଥିଲେ। ଅପରେସନ ସିନ୍ଦୂରର ପୋଷ୍ଟର ଏବଂ ଅପରେସନ ସିନ୍ଦୂର ଥିମରେ ମଞ୍ଚ ବି ବନ୍ଧା ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ଦୁଇ ଦିନିଆ ଗସ୍ତରେ ବିହାରରେ ପହଞ୍ଚିଛନ୍ତି। ଶୁକ୍ରବାର ସେ ରୋହତାସ ଜିଲ୍ଲାର ବିକ୍ରମଗଞ୍ଜରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହି ଗସ୍ତ ସମୟରେ ସେ ୫୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ମୋଦିଙ୍କ ଗସ୍ତ ବେଶ ଗୁରୁତ୍ୱ ରଖୁଛି ।

● କଲେଜିୟମ ସୁପାରିଶକୁ କେନ୍ଦ୍ରର ମଞ୍ଜୁର

## ନିଯୁକ୍ତି ପାଇବେ ୩ ନୂଆ ବିଚାରପତି



**ନୂଆଦିଲ୍ଲୀ, ୨୯।୫:** କଲେଜିୟମଙ୍କ ସୁପାରିଶକୁ ରାଷ୍ଟ୍ରପତିଙ୍କ ସମ୍ମତି ପରେ କେନ୍ଦ୍ର ସରକାର ଗୁରୁବାର ଦିନ ମଞ୍ଜୁର କରିଛନ୍ତି। ସୁପ୍ରିମକୋର୍ଟରେ ତିନି ଜଣ ନୂତନ ବିଚାରପତିଙ୍କ ପଦୋନ୍ନତି ନେଇ କେନ୍ଦ୍ର ପକ୍ଷରୁ ଅନୁମୋଦନ କରାଯାଇଛି। ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଥିବା ତିନି ଜଣ ନୂତନ ବିଚାରପତି ହେଉଛନ୍ତି କର୍ଣ୍ଣାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଭି. ଅଞ୍ଜାରିଆ, ଗୌହାଟି ହାଇକୋର୍ଟ ମୁଖ୍ୟ ବିଚାରପତି ବିଜୟ ବିଷ୍ଣୋୟୀ, ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଏ.ଏସ୍. ଚନ୍ଦୁରକର। ଏହି ତିନି ଜଣ ନୂତନ ବିଚାରପତିଙ୍କୁ ଶୁକ୍ରବାର ସକାଳେ ଭାରତର ମୁଖ୍ୟ ବିଚାରପତି ସିଜେଆଇ ଭୂଷଣ ଆର ଗବାଇ ଶପଥ ପାଠ କରାଇବେ। ସୁପ୍ରିମକୋର୍ଟରେ ଏହି ତିନି ଜଣ ନୂତନ ବିଚାରପତିଙ୍କ ପଦୋନ୍ନତି ସହିତ ବିଚାରପତିଙ୍କ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଯାହା ସୁପ୍ରିମକୋର୍ଟର ମଞ୍ଜୁରୀପ୍ରାପ୍ତ କ୍ଷମତା ମଧ୍ୟ। ଆଇନ ଏବଂ ନ୍ୟାୟ ଏବଂ ସଂସଦୀୟ ବ୍ୟାପାର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ରାମ ମେଘୱାଲ ତାଙ୍କ ସୋସିଆଲ ମିଡିଆ ଏକ୍ସ (ପୂର୍ବରୁ ଟ୍ୱିଟର )ରେ ଏହି ଖବର ସେୟାର କରିଛନ୍ତି। ଭାରତର ସମ୍ବିଧାନ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ରାଷ୍ଟ୍ରପତି ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ ଏହି ନିଯୁକ୍ତି ଦିଆଯାଇଥିବା ସେ ଲେଖିଛନ୍ତି। ମେ ୨୬ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ୍ ଉପରୋକ୍ତ ନାମକୁ ସୁପ୍ରିମକୋର୍ଟକୁ ଉନ୍ନୀତ କରିବା ପାଇଁ ସୁପାରିଶ କରିଥିଲା। କେନ୍ଦ୍ର ଏହି ବିଚାରପତିମାନଙ୍କ ନାମ ଉପରେ ବିଚାର ବିମର୍ଶ କରି ସେମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରେ ନିଯୁକ୍ତି ଦେବା ପାଇଁ ବିଚାର କରିବାକୁ ଚାରି ଦିନ ସମୟ ନେଇଥିଲା ଏବଂ ତଦନୁସାରେ ସୁପ୍ରିମକୋର୍ଟ କଲେଜିୟମକୁ ନିଷ୍ପତ୍ତି ପଠାଇଥିଲା।

## ଗୁରୁଦକ୍ଷିଣାରେ ମାଗିଲେ ପିଓକେ



**ନୂଆଦିଲ୍ଲୀ,୨୯।୫:** ଗୁରୁଦକ୍ଷିଣା ଆକାରରେ ପିଓକେ ମାଗିଲେ ଭାରତର ଜଣାଶୁଣା ଆଧ୍ୟାତ୍ମିକ ଗୁରୁ ତଥା ହିନ୍ଦୁ ସନ୍ଥ ରାମଭଦ୍ରାଚାର୍ଯ୍ୟ। ଭାରତ ପାକିସ୍ତାନ ଭିତରେ ଉତ୍ତେଜନାମୂଳକ ସ୍ଥିତି ଲାଗି ରହିଥିବାବେଳେ ସେନା ମୁଖ୍ୟଙ୍କୁ ଏମିତି କିଛି ଗୁରୁ ଦକ୍ଷିଣା ମାଗିଛନ୍ତି ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ। ଯାହାକୁ ନେଇ ଏବେ ସୋସିଆଲ୍ ମିଡିଆରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ମଧ୍ୟପ୍ରଦେଶର ଚିତ୍ରକୂଟରେ ଥିବା ତୁଳସୀ ଆଶ୍ରମରେ ପହଞ୍ଚିଥିଲେ । ଯେଉଁଠି ସେ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ଭେଟିବା ସହିତ ତାଙ୍କଠାରୁ ରାମ ମନ୍ତ୍ର ଦୀକ୍ଷା ଗ୍ରହଣ କରିଥିଲେ । ସେନା ମୁଖ୍ୟ ସେହି ଦୀକ୍ଷା ଗ୍ରହଣ କରିଥିଲେ, ଯେଉଁ ଦୀକ୍ଷାକୁ ନେଇ ହନୁମାନ ଲଙ୍କାରେ ବିଜୟ ହାସଲ କରିଥିଲେ। ରାମଭଦ୍ରାଚାର୍ଯ୍ୟଙ୍କଠାରୁ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରାମ ଦୀକ୍ଷା ନେବାପରେ ଦକ୍ଷିଣାରେ ତାଙ୍କୁ ପିଓକେ ମାଗିଥିଲେ ରାମଭଦ୍ରାଚାର୍ଯ୍ୟ ।

● ୭ ବର୍ଷର ଝିଅକୁ ଯୌନ ନିର୍ଯାତନା

## ଡାକ୍ତରଙ୍କ ଦଣ୍ଡ ସ୍ଥଗିତ ରଖିବାକୁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୯।୫:** ମଦ୍ୟପାନ କରିବା ପରେ ଜଣେ ମଣିଷ ପଶୁ ପାଲଟିଯାଏ। ସୁପ୍ରିମକୋର୍ଟ ଏକ ଆବେଦନର ଶୁଣାଣି କରି ଏପରି କହିଛନ୍ତି। ଆଜି ସୁପ୍ରିମକୋର୍ଟ ଜଣେ ହୃଦରୋଗ ବିଶେଷଜ୍ଞଙ୍କ ତାଙ୍କ ସାତ ବର୍ଷର ଝିଅକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ତାଙ୍କ ଦଣ୍ଡ ସ୍ଥଗିତ ରଖିବା ପାଇଁ ଆବେଦନ ଉପରେ ବିଚାର କରିବାକୁ ମନା କରିଦେଇଛନ୍ତି। ବିଚାରପତି ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଡାକ୍ତରଙ୍କୁ ଟ୍ରାଏଲ୍ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ତାଙ୍କୁ କୌଣସି ଆଶ୍ୱସ୍ତି ଦିଆଯିବ ନାହିଁ। ଖଣ୍ଡପୀଠ ମୌଖିକ ଭାବରେ କହିଛନ୍ତି, ଦେଖନ୍ତୁ, ସେ ପିଲାଟି ସହିତ କି ପ୍ରକାରର କାର୍ଯ୍ୟ କରିଛନ୍ତି। ଆପଣ କୌଣସି ଆଶ୍ୱସ୍ତି ପାଇବାର ହକଦାର ନୁହଁନ୍ତି। ପିଲାଟି ଆପଣଙ୍କ ମହକିଲଙ୍କ ବିରୁଦ୍ଧରେ ବୟାନ ଦେଇଛି। ସେ ଜଣେ ବିକୃତ ବ୍ୟକ୍ତି, ସେ କୌଣସି ଆଶ୍ୱସ୍ତି ପାଇବାର ହକଦାର ହୋଇପାରିବେ ନାହିଁ। ସେ ମଦ୍ୟପାନ କରିଥିଲେ। ଖଣ୍ଡପୀଠ ମୌଖିକ ଭାବରେ କହିଛନ୍ତି, ଆପଣ ଆପଣଙ୍କ ଝିଅ ସହିତ ଏହା କରିପାରିବେ ନାହିଁ। ସେ ପିତାଙ୍କ ବିରୁଦ୍ଧରେ ସାକ୍ଷ୍ୟ କାହିଁକି ଦେବେ। ସେ ଏକ ଛୋଟ ପିଲା ଯିଏ ଜେରାର ଶିକାର ହୋଇଛି। ମଦ୍ୟପାନ କରିବା ପରେ ଜଣେ ପୁରୁଷ ପଶୁ ହୋଇଯାଏ। ଆମେ ଏପରି କହିବା ଉଚିତ୍ ନୁହେଁ, ଯଦି ଆମେ ଜାମିନ ଦେଉନାହୁଁ, ତେବେ ଏହା ପଛରେ କାରଣ ଅଛି। ଆପଣଙ୍କୁ କହି ରଖୁଛୁ ଯେ ଡାକ୍ତର ମଦ୍ୟପାନ କରି ଝିଅକୁ ଯୌନ ନିର୍ଯାତନା ଦେଇଥିଲେ।

● ଟ୍ରମ୍ପଙ୍କ ନୂଆ ଦାବିରେ ଭାରତର ସ୍ପଷ୍ଟୀକରଣ

## ଆମେରିକା ସହ ଆଲୋଚନା ବେଳେ ଟାରିଫ କଥା ଉଠିନି

**ନୂଆଦିଲ୍ଲୀ, ୨୯।୫:** ପାକିସ୍ତାନ ସହ ଅସ୍ତ୍ର ବିରତି ନେଇ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆସିଥିବା ପ୍ରତିକ୍ରିୟାର ପୁଣିଥରେ ସମାନ ଉତ୍ତର ରଖିଛନ୍ତି ଭାରତ ସରକାର। ଆମେରିକା ସହ ପାକିସ୍ତାନ ବିଷୟରେ ଆଲୋଚନା ବେଳେ ଟାରିଫ ବା ଶୁଳ୍କ ନେଇ କୌଣସି ଆଲୋଚନା ହୋଇ ନଥିଲା ବୋଲି ଭାରତ କହିଛି। ଏହା ପୂର୍ବରୁ ଟ୍ରମ୍ପ ସରକାର ଆମେରିକାର ଏକ କୋର୍ଟକୁ ଭାରତ-ପାକିସ୍ତାନ ସିଜ୍ ଫାୟାର ସମ୍ପର୍କରେ ଭଲ୍ ତଥ୍ୟ ଦେଇଥିଲେ। ଟାରିଫ ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ସିଜ୍ ଫାୟାର ହେଲା ବୋଲି ଟ୍ରମ୍ପ ପ୍ରଶାସନ କୋର୍ଟରେ କହିଥିଲେ। ଏହାପରେ ଗୁରୁବାର ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନିଜର ସ୍ପଷ୍ଟୀକରଣ ରଖିଛି। ଏନେଇ ରଣଧୀର ଜୈୟସ୍ୱାଲ କହିଛନ୍ତି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଭାରତ ସ୍ପଷ୍ଟ ଭାବରେ ବିରୋଧ କରିଥିଲା। ମେ ୭ ତାରିଖରେ ଅପରେସନ ସିନ୍ଦୂର ଆରମ୍ଭ ହେବାଠାରୁ ମେ ୧୦ ତାରିଖରେ ବନ୍ଦ ହେବା ପର୍ଯ୍ୟନ୍ତ ଭାରତ ଏବଂ ଆମେରିକା ମଧ୍ୟରେ ବଢ଼ୁଥିବା ସାମରିକ ପରିସ୍ଥିତି ଉପରେ କେବଳ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ଶୁଳ୍କ ପ୍ରସଙ୍ଗ କେବେ ଉଠିନଥିଲା। ଟ୍ରମ୍ପଙ୍କ ପାଲଟା ଶୁଳ୍କ ଧମକର ୯୦ ଦିନ ଭିତରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଡିଲ୍ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ବେଳେ ଉଭୟ ପକ୍ଷରୁ ଏଭଳି ମନ୍ତବ୍ୟ ଆସିବା ଚିନ୍ତା ଜନକ ରହିଛି। ମେ ୨୩ ତାରିଖରେ ଟ୍ରମ୍ପ ପ୍ରଶାସନ ପ୍ରଥମ ଥର ପାଇଁ ଏକ ଆଇନଗତ ଫୋରମରେ ଆମେରିକାର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଯୋଗୁ ସିଜ୍ ଫାୟାର ହେଲା ବୋଲି ଦାବି କରିଥିଲା। ଯୁଦ୍ଧକୁ ଏଡ଼ାଇବା ପାଇଁ ଉଭୟ ରାଷ୍ଟ୍ରକୁ ବାଣିଜ୍ୟିକ ଅଫର ଦେବା ପରେ ଯୁଦ୍ଧବିରତି ହୋଇଥିଲା ବୋଲି ଆମେରିକା ଦାବି କରିଥିଲା।

## ଯୁଦ୍ଧ ବିମାନ ବିଳମ୍ବକୁ ନେଇ ବାୟୁସେନା ମୁଖ୍ୟଙ୍କ ଉଦ୍‌ବେଗ



**ନୂଆଦିଲ୍ଲୀ, ୨୯।୫:** ପ୍ରତିରକ୍ଷା କ୍ରୟ ପ୍ରକଳ୍ପରେ ବିଳମ୍ବକୁ ନେଇ ଏୟାର ଚିଫ୍ ମାର୍ଶଲ ଅମର ପ୍ରୀତ୍ ସିଂହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ କାର୍ଯ୍ୟକ୍ରମରେ ବାୟୁ ସେନା ମୁଖ୍ୟ କହିଛନ୍ତି, ଅନେକ ଥର ଚୁକ୍ତି ଉପରେ ସ୍ୱାକ୍ଷର କରିବା ସମୟରେ ଆମେ ଜାଣିଥାଉ ଯେ ସେହି ପ୍ରଣାଳୀ କେବେ ଠିକ ସମୟରେ ଆସିବ ନାହିଁ । ସମୟସୀମା ଏକ ବଡ଼ ପ୍ରସଙ୍ଗ। ମୁଁ ଗୋଟିଏ ବି ପରିଯୋଜନା ଭାବି ପାରୁନି ଯାହା ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବ। ଏପରି ପ୍ରତିଶ୍ରୁତି କାହିଁକ ଦେଉଛନ୍ତି, ଯାହା ପୂରଣ ହୋଇପାରିବ ନାହିଁ ବୋଲି ସିଆଇଆଇ ବାର୍ଷିକ ବାଣିଜ୍ୟ ଶିଖର ସମ୍ମିଳନୀରେ ଏପରି କହିଛନ୍ତି ଶ୍ରୀ ସିଂହ। ବାୟୁସେନା ମୁଖ୍ୟ ପ୍ରତିରକ୍ଷା ବ୍ୟବସ୍ଥାରେ ବିଳମ୍ବର ଅନେକ ମାମଲାକୁ ଇଙ୍ଗିତ କରିଛନ୍ତି, ଖାସକରି ସ୍ୱଦେଶୀ ପରିଯୋଜନା ସହ ଜଡ଼ିତ ମାମଲାର ଆଡ଼କୁ ସେ ଅଙ୍ଗୁଳି ଉଠାଇଛନ୍ତି। ଲାଇଟ୍ କମ୍ବାଟ୍ ଏୟାରକ୍ରାଫ୍ଟ କାର୍ଯ୍ୟକ୍ରମର ଉଲ୍ଲେଖ କରି ସେ କହିଛନ୍ତି, ୨୦୨୧ ଫେବ୍ରୁଆରୀରେ ଏଚ୍ଏଏଲ୍ ସହ ଚୁକ୍ତି ହୋଇଥିବା ତେଜସ ଏମକେ୧ଏ ଫାଇଟର୍ ଜେଟ୍ ବିତରଣ ଏବେ ସୁଦ୍ଧା ହୋଇପାରିନି। ଅର୍ଡର କରାଯାଇଥିବା ୮୩ ବିମାନ ମଧ୍ୟରୁ ଏବେ ସୁଦ୍ଧା ଗୋଟିଏ ବିମାନ ମିଳିପାରି ନାହିଁ । ୨୦୨୪ ମାର୍ଚ୍ଚରୁ ବିମାନର ଡେଲିଭରି ହେବାର ଥିଲା। ଯେଉଁଥିରେ ତେଜସ୍ ଏମକେ୧ଏ ଲଢ଼ୁଆ ବିମାନ ବି ସାମିଲ ଅଛି । ତିନି ବର୍ଷ ପୂର୍ବେ ବୁଝାମାଣ ସତ୍ତ୍ୱେ ଆଜି ଯାଏ ବିମାନ ମିଳିପାରି ନାହିଁ । ତେଜସ୍ ଏମକେ ୨ର ପ୍ରୋଟୋଟାଇପ୍ ଏବେ ସୁଦ୍ଧା ରୋଲ୍ ଆଉଟ୍ ହୋଇପାରି ନାହିଁ । ଏହି ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଉପସ୍ଥିତ ଥିଲେ। ସେ କହିଛନ୍ତି, ଆମେ କେବଳ ଭାରତରେ ଉତ୍ପାଦନ ବିଷୟ ଉପରେ କଥା ହୋଇପାରିବ ନାହିଁ, ଆମକୁ ଡିଜାଇନ୍ ବାବଦରେ ମଧ୍ୟ କଥା ହେବାକୁ ପଡ଼ିବ। ସେନା ଓ ଉଦ୍ୟୋଗ ମଧ୍ୟରେ ବିଶ୍ୱାସର ଆବଶ୍ୟକତା ଅଛି। ଅପରେସନ ସିନ୍ଦୂର ନେଇ କହିଛନ୍ତି ଯେ ଏହା ହେଉଛି ଦେଶର ବିଜୟ। ମୁଁ ଭାବୁଛି ଆମେ ସତ୍ୟର ପଥରେ ଥିଲୁ। ତେଣୁ ଭଗବାନ ଆମ ସାଥିରେ ଥିଲେ।

# ପାକିସ୍ତାନକୁ ଶୁଣାଇଲେ ରାଜନାଥ, ଖୁବ୍‌ଶୀଘ୍ର ଭାରତ ଫେରିବ ପିଓକେ

- ପିଓକେବାସୀ ଭାରତର ଅଂଶବିଶେଷ
- ନାରୀ ଶକ୍ତିକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରଶଂସା
- ସେନା ସଫଳତା ପାଇଁ ମେକ୍ ଇନ୍ ଇଣ୍ଡିଆକୁ ଶ୍ରେୟ



**ନୂଆଦିଲ୍ଲୀ,୨୯।୫:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଅପରେସନ ସିନ୍ଦୂର' ସମୟରେ ଭାରତୀୟ ସେନାର ସଫଳତା ପାଇଁ ମେକ୍-ଇନ୍-ଇଣ୍ଡିଆକୁ ପ୍ରଶଂସା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ରହୁଥିବା ଲୋକମାନେ ଭାରତର ନିଜର ଏବଂ ଦିନ ଆସିବ ସେମାନେ ନିଶ୍ଚିତ ଭାବରେ ସ୍ୱଇଚ୍ଛାରେ ଭାରତକୁ ଫେରି ଆସିବେ। ମେକ୍-ଇନ୍-ଇଣ୍ଡିଆ ଆମର ଜାତୀୟ ସୁରକ୍ଷାରେ ଏକ ଅତ୍ୟାବଶ୍ୟକୀୟ ଉପାଦାନ ଏବଂ ଏହା 'ଅପରେସନ ସିନ୍ଦୂର' ସମୟରେ ଆତଙ୍କବାଦ ବିରୋଧରେ ଭାରତର ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ସିଆଇଆଇ ବାର୍ଷିକ ବାଣିଜ୍ୟ ଶିଖର ସମ୍ମିଳନୀରେ ଯୋଗ ଦେଇ ରାଜନାଥ ସିଂହ ଏହି ମତ ପ୍ରକାଶ କରିଛନ୍ତି। ଏଥିସହ ପ୍ରତିରକ୍ଷା ମନ୍ତ୍ରୀ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଉପରେ ଭାରତର ଅଧିକାର ସାବ୍ୟସ୍ତ କରିବା ସହ ଖୁବ୍‌ଶୀଘ୍ର ଏହା ଭାରତକୁ ଫେରିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ରାଜନାଥ ସିଂହଙ୍କ ଏହି ବୟାନରେ ପାକିସ୍ତାନ ପୁଣି ଥରେ ଆତଙ୍କିତ ହୋଇଉଠିଛି। ରାଜନାଥ ସିଂହ କହିଛନ୍ତି, ସେବେ ଯାଏ ଆମେ ଅଟକିବୁନି, ଯେବେ ଯାଏ ଆମେ ପିଓକେକୁ ଫେରାଇ ନଆଣିଛୁ। ପାକିସ୍ତାନକୁ ଟାର୍ଗେଟ କରି ରାଜନାଥ ଆହୁରି କହିଛନ୍ତି, ଆତଙ୍କବାଦର ବ୍ୟବସାୟ ଚଳାଇବା ପାକିସ୍ତାନକୁ ଏକ ବଡ ମୂଲ୍ୟ ଦେବାକୁ ପଡ଼ିପାରେ। ପାକିସ୍ତାନ ଏବେ ଏହା ବହୁତ ଭଲ ଭାବରେ ଅନୁଭବ କରିସାରିଛି। ସେ ଆହୁରି କହିଛନ୍ତି, ଭାରତୀୟ ସେନା ଏକ ଦକ୍ଷ ଡାକ୍ତର ଏବଂ ସର୍ଜନ ପରି କାମ କରିଥିଲା। ଯେପରି ଜଣେ ଦକ୍ଷ ସର୍ଜନ ଅପରେସନ୍ ସମୟରେ ସଠିକ୍ ଭାବେ ଉପକରଣ ବ୍ୟବହାର କରନ୍ତି, ସେହିପରି ଭାରତୀୟ ସେନା ମଧ୍ୟ ଆତଙ୍କବାଦର ମୂଳପୋଛ ପାଇଁ ତାଙ୍କର ଅସ୍ତ୍ରଶସ୍ତ୍ରକୁ ଅତି ସଠିକତାର ସହ ଉପଯୋଗ କରିଛନ୍ତି। କିନ୍ତୁ ପାକିସ୍ତାନର ଅଭ୍ୟାସ ରହିଛି, ସେ କେବେ ସହଜରେ ତା' ହାରକୁ ସ୍ୱୀକାର କରେନାହିଁ । ସେଥିପାଇଁ ଏତେ ପ୍ରହାର ପରେ ବି ପାକିସ୍ତାନର ମୁହଁ ଫୁଟାଣି ଭାଙ୍ଗିନି। ଏବେ ବି ପାକିସ୍ତାନ ଭାରତୀୟ ମାଟି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛି ଏବଂ ସାଧାରଣ ନାଗରିକଙ୍କୁ ମଧ୍ୟ ଟାର୍ଗେଟ କରିବାକୁ ଚେଷ୍ଟା କରୁଛି। ପ୍ରତିରକ୍ଷା ମନ୍ତ୍ରୀ ମୁଖ୍ୟତଃ ପିଓକେର ଲୋକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ, କହିଥିଲେ ଯେ ଭାରତ ସେମାନଙ୍କୁ ନିଜ ପରିବାରର ଅଂଶ ବୋଲି ମାନିଥାଏ। ମୁଁ ବିଶ୍ୱାସ କରେ ଯେ ପାକ୍ ଅଧିକୃତ କାଶ୍ମୀରର ଲୋକମାନେ ଆମର ନିଜର, ଆମ ପରିବାରର ଅଂଶ। ଆମର ପୂର୍ଣ୍ଣ ବିଶ୍ୱାସ ଅଛି ଯେ ସେମାନେ ଦିନେ ଭାରତକୁ ଫେରିବେ।

# ୨୦୩୬ ଅଲିମ୍ପିକ୍ସ: ବିଡ୍ ଦାଖଲ କଲା ବର୍ଲିନ

## କ୍ରୀଡ଼ା ଆୟୋଜନ କରିବା ନେଇ ଜର୍ମାନୀର ଯୋଜନା



**ନୂଆଦିଲ୍ଲୀ, ୨୯।୫:** ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଜର୍ମାନୀ ଆଗ୍ରହ ପ୍ରକାଶ କରି ୨୦୩୬, ୨୦୪୦ କିମ୍ବା ୨୦୪୪ କ୍ରୀଡ଼ା ପାଇଁ ଅଫିସିଆଲ ଭାବେ ଆଇଓସି (ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି) ନିକଟରେ ବିଡ୍ ଦାଖଲ କରିଛି। ବର୍ଲିନ ଆୟୋଜକ ସହର ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଯେଉଁ ସବୁ କ୍ରୀଡ଼ା ଭେନ୍ୟୁ ରହିଛି ତାହାର ପୁନରୁଦ୍ଧାର କରି କ୍ରୀଡ଼ା ଆୟୋଜନ କରିବା ନେଇ ଜର୍ମାନୀ ଯୋଜନା ରଖିଛି। ସଂସ୍କରଣକୁ ସଂସ୍କରଣ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ବେଶ ବ୍ୟୟବହୁଳ ହେଉଛି। ଏହାକୁ ଦୃଷ୍ଟିରେ ରଖି ବର୍ଲିନ ବିଡ୍‌ରେ ଉପରୋକ୍ତ ପ୍ରସ୍ତାବ ଦେଇଛି। ଶେଷ ଥର ୧୯୩୬ରେ ବର୍ଲିନରେ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ତେଣୁ ୧୦୦ ବର୍ଷ ପୂର୍ତ୍ତିକୁ ଲକ୍ଷ୍ୟରେ ରଖି ଜର୍ମାନୀ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଛି। ଯଦି ୨୦୩୬ ସଂସ୍କରଣ ଆୟୋଜନ ଅଧିକାର ନମିଳେ, ତେବେ ୨୦୪୦ କିମ୍ବା ୨୦୪୪ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହୀ ରହିଛି। ପୂର୍ବରୁ ୨୦୨୨ ଶୀତକାଳୀନ କ୍ରୀଡ଼ା ଏବଂ ୨୦୨୪ କ୍ରୀଡ଼ା ଆୟୋଜନ ନେଇ ଜର୍ମାନୀ ବିଡ୍ ଦାଖଲ କରିଥିଲା, କିନ୍ତୁ ଆୟୋଜନ ଅଧିକାର ପାଇବାରେ ବିଫଳ ରହିଥିଲା। ବର୍ଲିନ ସମେତ ଅନ୍ୟ ରାଜ୍ୟ ଗୁଡ଼ିକର ଜନସାଧାରଣ କ୍ରୀଡ଼ା ଆୟୋଜନ ସପକ୍ଷରେ ନାହାନ୍ତି। ଯଦିଓ କିଛି ସମର୍ଥନ କରୁଛନ୍ତି। ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କ ଯୁକ୍ତି ଯେ, ଯେଉଁ ଅର୍ଥ ଅଲିମ୍ପିକ୍ସ ଆୟୋଜନ ପାଇଁ ଖର୍ଚ୍ଚ ହେବ ତାହା ଦେଶରେ କ୍ରୀଡ଼ାର ଉନ୍ନତି ପାଇଁ ବ୍ୟବହାର କରାଯାଉ।

## ଖୋର୍ଦ୍ଧା ଜିଲ୍ଲା ୧୫ ବର୍ଷରୁ କମ୍ ଚେସ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ୧୫ବର୍ଷରୁ କମ୍ ବାଳକ, ବାଳିକା ଚେସ୍ ପ୍ରତିଯୋଗିତା ବୁଧବାର କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଗତବର୍ଷ ବିଶ୍ୱ ୮ବର୍ଷରୁ କମ୍ ଚେସ୍‌ରେ ରୌପ୍ୟ ପଦକ ଜିତିଥିବା ସାତ୍ୱିକ ସ୍ୱାଇଁଙ୍କ ବିପକ୍ଷରେ ଗୋଟି ଚଳାଇ ରୁଷୀୟ ଆଇଏମ୍ ଡେଭିଡ୍ ଗୋଚାଲେସଭିଲି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ମୋଟ ୮୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ଖେଳାଯାଇଥିବା ୩ ରାଉଣ୍ଡ୍ ଖେଳ ପରେ ବାଳକ ବର୍ଗରେ ୫ଜଣ ପୂରା ୩ ପଏଣ୍ଟ୍ ପାଇ ମିଳିତ ଆଗୁଆ ରହିଛନ୍ତି। ବାଳିକାରେ ୨.୫ ପଏଣ୍ଟ୍ ଲେଖାଏଁ ପାଇ ୫ଜଣ ଅଗ୍ରଣୀ ରହିଛନ୍ତି। ଗୁରୁବାର ଆଉ ୩ରାଉଣ୍ଡ୍ ଖେଳ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଆଇଏମ୍ ଶେଖର ଚନ୍ଦ୍ର ସାହୁ, ଏଓସିଏ ଯୁଗ୍ମ ସଂପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଂପାଦକ ଶୁଭାଶିଷ ପଟ୍ଟନାୟକ ଏବଂ ସଦସ୍ୟ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ୭ ବର୍ଷରୁ କମ୍ ଚେସ୍ ୧ରୁ

**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ):** ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ୍ ସ୍କୁଲ୍‌ଠାରେ ଆସନ୍ତା ମାସ ୧ରୁ ୫ ତାରିଖ ପର୍ଯ୍ୟନ୍ତ ୩୮ତମ ଜାତୀୟ ୭ ବର୍ଷରୁ କମ୍ (ଓପନ୍ ଓ ବାଳିକା) ଚେସ୍ ପ୍ରତିଯୋଗିତା ଆୟୋଜିତ ହେବ। ନିଖିଳ ଓଡ଼ିଶା ଚେସ୍ ସଂଘ (ଏଓସିଏ) ଏବଂ କେଟି ଗ୍ଲୋବାଲ ସ୍କୁଲ୍ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମି ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ସର୍ବଭାରତୀୟ ଚେସ୍ ମହାସଂଘ ସହଯୋଗ ଯୋଗାଉଛି। ଶୀର୍ଷ ୨୦ ଖେଳାଳିଙ୍କୁ ମୋଟ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ପ୍ରତି ବର୍ଗର ଶୀର୍ଷ ଖେଳାଳିଙ୍କୁ ୫୦୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩୪ ଜଣ ଭାଗ ନେବେ। ବାଳିକା ବର୍ଗରେ ଓଡ଼ିଶାର ଅନନ୍ୟା ଅନ୍ୱେଶା ମିଶ୍ର ଶୀର୍ଷ ମାନ୍ୟତା ପାଇଛନ୍ତି। ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ଏହାକୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିଲା ବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଆଇଏମ୍ ରାକେଶ ଜେନା, ବିବେକ ତିବେରୱାଲ କାର୍ଯ୍ୟକାରୀ ବୋର୍ଡ ସଦସ୍ୟ ଅଛନ୍ତି। ଏଓସିଏ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରଥ, ଅଭିଷେକ ଆଚାର୍ଯ୍ୟଙ୍କ ସହ ପଦ୍ମିନୀ ସିଂହ, ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ଜ୍ୟୋତି ଶଙ୍କର ନନ୍ଦ, ବିରଞ୍ଚି ନାରାୟଣ ସାହୁ ଓ ସମ୍ବିତ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିବେ।

# କାଂସ୍ୟ ସହ ଓଡ଼ିଶାକୁ ଜାତୀୟ ଯୋଗ୍ୟତା

ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ୍



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ):** ଗୁଆହାଟୀରେ ଆୟୋଜିତ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଛି। ଏହି କାଂସ୍ୟ ସହ ଓଡ଼ିଶା ଜାତୀୟ ପ୍ରତିଯୋଗିତାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ସହ ଏହି ପ୍ରତିଯୋଗିତାରେ ମିଜୋରାମ, ନାଗାଲାଣ୍ଡ, ଆସାମ, ମେଘାଳୟ ଓ ଅରୁଣାଚଳପ୍ରଦେଶ ଭଳି ରାଜ୍ୟ ଭାଗ ନେଇଥିଲେ। ଗ୍ରୁପ୍-ଏ' ଓ ବି'ର ଦ୍ୱିତୀୟ ଦଳ ଓଡ଼ିଶା-ନାଗାଲାଣ୍ଡ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ୧-୦ରେ ଜିତି କାଂସ୍ୟ ଜିତିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଓଡ଼ିଶା ମେଘାଳୟଠୁ ହାରିଥିଲା ବେଳେ ଆସାମକୁ ୪-୦ରେ ପରାସ୍ତ କରିଥିଲା। ଓଡ଼ିଶାର ସାମାଜିକ ଅନୁଷ୍ଠାନ ବୁଲ୍‌ସ୍‌ଆଇ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଖେଳିଥିଲେ। ପୁରୁଷ ଦଳ ଜାତୀୟ ଯୋଗ୍ୟତା ଅର୍ଜନ କରିଥିଲା ବେଳେ ମହିଳା ଦଳ ଗ୍ରୁପ୍ ପର୍ଯ୍ୟାୟରେ ନିଜର ୩ ଯାକ ମ୍ୟାଚ୍ ହାରି ବିଦାୟ ନେଇଥିଲା। ତ୍ରିଲୋଚନ ବେଉରା ପ୍ରଶିକ୍ଷକ ଥିଲା ବେଳେ ପୁରୁଷ ଦଳକୁ ବିଜୟ ଦେବାରେ ଅଧିନାୟକ ଆଶିଷ ସାହୁଙ୍କ ପ୍ରମୁଖ ଅବଦାନ ରହିଥିଲା।

## ବିଶ୍ୱ ବୋଲିଂ ଲିଗ୍‌ରେ ନିବେଶ କଲେ କୋହଲି

**ନୂଆଦିଲ୍ଲୀ, ୨୯।୫:** କିଂବଦନ୍ତି କ୍ରିକେଟର୍ ବିରାଟ କୋହଲି ବିଶ୍ୱ ବୋଲିଂ ଲିଗ୍ (ଡବଲ୍ୟୁବିଏଲ୍)ରେ ପୁଞ୍ଜି ନିବେଶ କରିଛନ୍ତି। ପୂର୍ବରୁ ସେ ଇ-ଓ୍ୱାନ୍ ବିଶ୍ୱ ଚାମ୍ପିଅନସିପ୍‌ର ପାଓ୍ୱାର ପୋଟ୍ ସିରିଜ୍ ଏବଂ ଇଣ୍ଡିଆନ୍ ସୁପର ଲିଗ୍‌ର ଏଫ୍‌ସି ଗୋଆର ଅଂଶଧନ କିଣି ସାରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରସ୍ତାବିତ ଡବଲ୍ୟୁବିଏଲ୍‌ରେ ଭାରତୀୟ ଆଦିକ ମିଶ୍ର ସଂସ୍ଥାପକ ରହିଛନ୍ତି। ମିଶ୍ରିତ ବର୍ଗରେ ଖେଳାଯିବାକୁ ଥିବା ଏହି ଲିଗ୍‌ର ସୂଚୀ ଓ ଢାଞ୍ଚା ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି କହିଛନ୍ତି ଶ୍ରୀ ମିଶ୍ର।

## ରିଲେ ଦଳକୁ ସ୍ୱର୍ଣ୍ଣ ; ତେଜସ୍ୱିନ, ପ୍ରବୀଣ, ପୂଜାଙ୍କୁ ରୌପ୍ୟ

ଏସୀୟ ଦୌଡ଼କୁଦ

**ଗୁମି (ଦକ୍ଷିଣ କୋରିଆ), ୨୯।୫:** ଚଳିତ ୨୬ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ବୁଧବାର ଭାରତକୁ ଗୋଟିଏ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ଭାରତୀୟ ୪ ଗୁଣା ୪୦୦ ମିଶ୍ରିତ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ଡେକାଥଲନ ଖେଳାଳି ତେଜସ୍ୱିନ ଶଙ୍କର, ୪୦୦ ମିଟର ଧାବିକା ରୁପଲ ଚୌଧୁରୀ, ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରଭେଲ ରୌପ୍ୟ ଭେଟି ନେଇଥିଲେ। ୧୫୦୦ ମିଟର ଦୌଡ଼ ମହିଳାରେ ପୂଜା ରୌପ୍ୟ ଏବଂ ପୁରୁଷରେ ୟୁନୁସ ଶାହ କାଂସ୍ୟ ପଦକ ପାଇଥିଲେ। ଏଥିସହ ସହ ଭାରତ ୮ (୨ ସ୍ୱର୍ଣ୍ଣ, ୪ ରୌପ୍ୟ, ୨ କାଂସ୍ୟ) ପଦକ ସହ ଟେବୁଲ ତୃତୀୟ ସ୍ଥାନରେ ରହିଛି। ସନ୍ତୋଷ କୁମାର ତାମିଲାରାସନ, ରୁପଲ ଚୌଧୁରୀ, ବିଶାଳ ଥେନ୍ନାରାସୁ କୟାଲ ଭିଟି ଓ ଶୁଭ ଭେଙ୍କଟେସାନଙ୍କୁ ଗଠିତ ରିଲେ ଦଳ ୩ ମିନିଟ୍ ୧୮.୨୦ ସେକେଣ୍ଡରେ ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜାତୀୟ ରେକର୍ଡଧାରୀ ତେଜସ୍ୱିନ ୭୬୧୮ ପଏଣ୍ଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତା' ସହିତ ପ୍ରଥମ ଭାରତୀୟ ଭାବେ ଡେକାଥଲନ୍‌ରେ ୨ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ୪ ଗୁଣା ୪୦୦ ମିଶ୍ରିତ ଦଳରେ ରହି ସ୍ୱର୍ଣ୍ଣ ଜିତିଥିବା ରୁପଲ ୪୦୦ ମିଟର ଦୌଡ଼ରେ ରୌପ୍ୟ ଜିତି ଯୁଗଳ ପଦକ କରାୟତ୍ତ କରିଛନ୍ତି। ୪୦୦ ମିଟର ଦୌଡ଼କୁ ସେ ୫୨.୬୮ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୫୦୦ ମିଟର ମହିଳା ଦୌଡ଼ରେ ପୂଜା (୪:୧୦.୮୩) ଦ୍ୱିତୀୟ ଏବଂ ପୁରୁଷରେ ୟୁନୁସ (୩:୪୩:୦୩) ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଟ୍ରିପଲ ଜମ୍ପ୍‌ରେ ପବୀଣ (୧୬.୯୦ ମିଟର) ଜମ୍ପ୍ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ରୁଡ୍ ବିଦା ; ତୃତୀୟ ରାଉଣ୍ଡରେ ଅଲ୍‌କାରାଜ, ପାଓଲିନି, ଝେଙ୍ଗ



**ପ୍ୟାରିସ୍, ୨୯।୫:** ଦୁଇ ଥରର ଫାଇନାଲିଷ୍ଟ କାସ୍ପର ରୁଡ୍‌ଙ୍କୁ ଫ୍ରେଞ୍ଚ ଓପନ୍ ଅଭିଯାନ ଦ୍ୱିତୀୟ ରାଉଣ୍ଡରେ ଶେଷ ହୋଇଛି। ବୁଧବାର ପୁରୁଷ ଏକକ ମୁକାବିଲାରେ ସପ୍ତମ ମାନ୍ୟତାପ୍ରାପ୍ତ ଏହି ନରଓ୍ୱେ ଖେଳାଳି ୬-୨, ୪-୬, ୧-୬, ୦-୬ ସେଟ୍‌ରେ ବିଶ୍ୱର ୪୧ ନମ୍ବର ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କଠୁ ହାରିଯାଇଛନ୍ତି। ତେବେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ତଥା ଗତ ସଂସ୍କରଣ ବିଜେତା କାର୍ଲୋସ ଅଲ୍‌କାରାଜ, ଅଷ୍ଟମ ମାନ୍ୟତାପ୍ରାପ୍ତ ଲୋରେଞ୍ଜୋ ମୁସେଟି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସ୍ପେନ୍‌ର ଅଲ୍‌କାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରିର ଫାବିଆନ୍ ମାରୋସାନ୍‌ଙ୍କୁ ଏବଂ ଇଟାଲିର ମୁସେଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ ଇଲାହି ଗାଲାନଙ୍କୁ ହରାଇଛନ୍ତି। ମହିଳା ଏକକ ତୃତୀୟ ରାଉଣ୍ଡରେ ଗତ ସଂସ୍କରଣ ଉପବିଜୟିନୀ ଯଶ୍ମିନ ପାଓଲିନି ଏବଂ ଅଲିମ୍ପିକ୍ସ ବିଜୟିନୀ ଝେଙ୍ଗ କ୍ୱିନୱେନ୍ ପ୍ରବେଶ କରିଛନ୍ତି। ବୁଧବାର ଚତୁର୍ଥ ମାନ୍ୟତାପ୍ରାପ୍ତ ଇଟାଲିର ପାଓଲିନ୍ ୬-୩, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆ ଆଜ୍‌ଲା ଟୋମ୍ଲିଜାନୋଭିକ୍‌ଙ୍କୁ ହରାଇଥିଲେ। ସେ ପରବର୍ତ୍ତୀ ରାଉଣ୍ଡରେ ୟୁକ୍ରେନ୍‌ର ୟୁଲିଆ ଷ୍ଟାରୋଡୁବ୍‌ସେଭାଙ୍କୁ ଭେଟିବେ। ଷ୍ଟାରୋଡୁବ୍‌ସେଭା ୭-୬, ୬-୨ ସେଟ୍‌ରେ ରୁଷିଆର ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଥିଲେ। ୮ ନମ୍ବର ଚୀନ୍‌ର ଝେଙ୍ଗ ୬-୨, ୬-୩ ସେଟ୍‌ରେ କଲମ୍ବିଆର ଏମିଲିଆନା ଆରାଙ୍ଗୋଙ୍କୁ ପରାସ୍ତ କରିଥିଲେ। ତୃତୀୟ ରାଉଣ୍ଡରେ ସେ ୧୮ ବର୍ଷୀୟା କାନାଡ଼ା ଯୁବତୀ ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ଭେଟିବେ। ଏମ୍‌ବେକୋ ୬-୪, ୬-୪ ସେଟ୍‌ରେଜ ଜର୍ମାନୀର ଇଭା ଲିଜ୍‌ଙ୍କୁ ପରାସ୍ତ କରିଥିଲେ। ରୋଲାଁ ଗାରୋସରେ ହ୍ୟାଟ୍ରିକ୍ ସହ ୪ ଏବଂ ମୋଟ ଉପରେ ୫ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ଇଗା ସ୍ୱିତେକ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ୫ ନମ୍ବର ଏହି ପୋଲାଣ୍ଡ ମହିଳା ୬-୧, ୬-୨ ସେଟ୍‌ରେ ୨୦୨୧ ୟୁଏସ୍ ଓପନ୍ ବିଜୟିନୀ ଗ୍ରେଟ୍ ବ୍ରିଟେନ୍‌ର ଇମା ରାଡୁକାନୁଙ୍କୁ ପରାସ୍ତ କରିଛନ୍ତି।

**ବୋଲିପାଲିଙ୍କ ଅଭିଯାନ ଶେଷ**

ଭାରତୀୟ ପୁରୁଷ ଯୁଗଳ ଖେଳାଳି ଋତ୍ୱିକ ବୋଲିପାଲିଙ୍କ ଫ୍ରେଞ୍ଚ ଓପନ୍ ଅଭିଯାନ ପ୍ରଥମ ରାଉଣ୍ଡରେ ଶେଷ ହୋଇଛି। ପ୍ରଥମ ଥର ଲାଗି ଫ୍ରେଞ୍ଚ ଓପନ୍ ମୁଖ୍ୟ ରାଉଣ୍ଡରେ ଖେଳୁଥିବା ବୋଲିପାଲି ଓ ତାଙ୍କ କଲମ୍ବିଆ ସାଥୀ ନିକୋଲାସ ବାରିଏଣ୍ଟୋସ ୦-୬, ୨-୬ ସେଟ୍‌ରେ କାନାଡ଼ା ଓ ବ୍ରିଟେନ୍‌ର ଗାବ୍ରିଏଲ ଡିଆଲୋ ଓ ଜାକବ ଫିଅର୍ଣ୍ଣଲେଙ୍କଠୁ ହାରିଯାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦେଶ ପାଇଁ...

କଲ୍ୟାଣ ଯୋଜନା ସମ୍ପର୍କରେ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଓ ନୂତନ ଜ୍ଞାନକୌଶଳର ପ୍ରୟୋଗାତ୍ମକ ଦିଗଗୁଡ଼ିକ ଉପରେ ଚାଷୀମାନଙ୍କ ସହ ଆଲୋଚନା କରିବେ।ଗବେଷଣାଲବ୍ଧ କୃଷି ସୂଚନା କିପରି ଚାଷୀଙ୍କ ନିକଟରେ ପହଞ୍ଚିବ, ସେ ବିଷୟରେ ପଦକ୍ଷେପ ନିଆଯିବ। ବିଶେଷକରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟାବହାରିକତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଆଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଆମ ସରକାର ରାଜ୍ୟର ଧାନଚାଷୀମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବ କରିବା ସକାଶେ ବିଭିନ୍ନ ଐତିହାସିକ ପଦକ୍ଷେପ ନେଇଛନ୍ତି।

ଏହା ସରକାରଙ୍କ ଚାଷୀମାନଙ୍କ ଉନ୍ନତି ଦିଗରେ ରହିଥିବା ଆନ୍ତରିକତା ଯୋଗୁଁ ସମ୍ଭବପର ହୋଇପାରିଛି। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ ଓଡ଼ିଶା ଆଜି ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି। ସମୃଦ୍ଧ କୃଷକ ଯୋଜନାରେ ସରକାର ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଚାଷୀମାନଙ୍କ ଆୟ ବୃଦ୍ଧି ଦିଗରେ ଏହା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁଁ ଆଜି ରାଜ୍ୟର ଅନେକ ମହିଳା ଲାଭାନ୍ୱିତ ହୋଇପାରିଛନ୍ତି। ଆଗାମୀ ଦିନରେ ମହିଳା ସଶକ୍ତିକରଣ ହେଉ ଅବା କୃଷି ଭିତ୍ତିଭୂମି ବିକାଶ, ସବୁ କ୍ଷେତ୍ରରେ ଓଡ଼ିଶା ସାରା ବିଶ୍ୱ ପାଇଁ ଦୃଷ୍ଟାନ୍ତ ହେବ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଆଶା ପ୍ରକଟ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଅଭିଯାନ କୃଷକମାନଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ଦିଗରେ ସହାୟକ ହେବ। ବିଶେଷକରି ଓଡ଼ିଶାର କୃଷକମାନେ ଏହାର ଫାଇଦା ଉଠାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଓ ଓୟୁଏଟିର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗିଲାଲ୍ ଜାଟ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

## ଦେଶର ମୁଖ୍ୟ...

ସେମାନଙ୍କ ପ୍ରତିବଦ୍ଧତା ବିଷୟରେ ଉଲ୍ଲେଖ କରିଥିଲେ। ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ସମସ୍ତ ଚାଷୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ବୈଜ୍ଞାନିକ ଗବେଷଣା ଏବଂ ସଫଳ କୃଷି ପଦ୍ଧତିଗୁଡ଼ିକ ବ୍ୟାପକ ଚାଷୀ ସମାଜ ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ ଏବଂ ବର୍ତ୍ତମାନ ନୂତନ ଶକ୍ତି ଓ ଜ୍ଞାନକୌଶଳ ସହିତ ଏହି ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆଜିର ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ, ଜାତୀୟ ସ୍ତରର ଏକ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ । ଏହା ମାଧ୍ୟମରେ ଭାରତୀୟ କୃଷିର ଦୃଶ୍ୟପଟ ପରିବର୍ତ୍ତନ ହେବ । ବୈଜ୍ଞାନିକ ମାନଙ୍କ ଦ୍ୱାରା ସଠିକ୍ ବୈଷୟିକ ଜ୍ଞାନ କୌଶଳ କିପରି ଚାଷୀ ଭାଇମାନଙ୍କ ପାଖରେ ସିଧା ସଳଖ ପହଞ୍ଚିପାରିବ, ଏହି ଅଭିଯାନ ତାହାକୁ ସୁନିଶ୍ଚିତ କରିବା ସହ ଆମ କୃଷକମାନଙ୍କୁ ସମୃଦ୍ଧ, ସ୍ୱାବଲମ୍ବୀ କରାଇବା ସାଙ୍ଗକୁ ସେମାନଙ୍କର ସ୍ୱୟଂସମ୍ପୂର୍ଣ୍ଣ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ।

କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ୍ କହିଥିଲେ, 'ଏହି ଅଭିଯାନ ଦ୍ୱିପାକ୍ଷିକ ଯୋଗାଯୋଗ ପଦ୍ଧତିରେ କାର୍ଯ୍ୟ କରିବ, ଗୋଟିଏ ପଟେ ବୈଜ୍ଞାନିକମାନେ କୃଷକମାନଙ୍କ ସହିତ ଗବେଷଣା ଏବଂ ବୈଷୟିକ ସୂଚନା ପ୍ରଦାନ କରିବେ, ଅନ୍ୟପଟେ ସେମାନେ କୃଷକମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ସୂଚନା ସଂଗ୍ରହ କରିବେ। 'ଲ୍ୟାବ ଟୁ ଲ୍ୟାଣ୍ଡ'କୁ ସଂଯୋଗ କରିବା ପାଇଁ, ଆମର ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଏହି ଅଭିଯାନରେ ଆମ କୃଷକ ଭାଇ ଭଉଣୀଙ୍କ ସହ ସହିତ ଜଡିତ ହେବେ।'

## ନକ୍ସଲମୁକ୍ତ ...

ସୁରକ୍ଷା ବାହିନୀ ନିକଟରେ ଅନେକ ବଡ଼ ବଡ଼ ନକ୍ସଲ କମାଣ୍ଡରଙ୍କୁ ହତ୍ୟା କରିବା ପରେ ବସ୍ତର ପାଇଁ ଏହି ଐତିହାସିକ ମୁହୂର୍ତ୍ତ ଉପନୀତ ହୋଇଥିବା କହିଛନ୍ତି ବସ୍ତର ରେଞ୍ଜ ଆଇଜି ପି. ସୁନ୍ଦରରାଜ୍। ଛତିଶଗଡ଼ର ନକ୍ସଲ ପ୍ରଭାବିତ ଜିଲ୍ଲା ବସ୍ତରକୁ ଏବେ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା ତାଲିକାରୁ ହଟାଇ ଦିଆଯାଇଛି। ୧୯୮୦ ଦଶକରୁ ଏଠାରେ ନକ୍ସଲବାଦ ବୃଦ୍ଧି ପାଉଥିଲା। ଏପରିକି ନକ୍ସଲବାଦ ଯୋଗୁଁ ବିକାଶରେ ବାଧା ଉପୁଜୁଥିଲା। ତଥାପି ବସ୍ତର ଭିତର ଅଞ୍ଚଳଗୁଡ଼ିକରେ ସୁରକ୍ଷା ବାହିନୀର ନିରନ୍ତର ପ୍ରବେଶ ସହିତ ଏହାକୁ କବଜା କରିଥିଲେ। ନକ୍ସଲବାଦର ଏକ ଗଡ଼ ପାଲଟିଥିଲା ବସ୍ତର। ଏପରି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ସହାୟତାରେ ସୁରକ୍ଷା ବାହିନୀ ସେହି ସମସ୍ତ ଜିଲ୍ଲାରେ ଏକ ସ୍ୱତନ୍ତ୍ର 'ନକ୍ସଲ ବିରୋଧୀ' ଅଭିଯାନ ଆରମ୍ଭ କରିଥିଲେ। ନକ୍ସଲମାନେ ସେହି ଅଞ୍ଚଳଗୁଡ଼ିକୁ ଘେରି ରହିଥିଲେ। ସମୟ ସହିତ ଗୋଟିଏ ପରେ ଗୋଟିଏ ବଡ଼ ପଦକ୍ଷେପ ନେଇଥିଲେ କେନ୍ଦ୍ର ସରକାର। ଶହ ଶହ ନକ୍ସଲବାଦୀ ନିପାତ ହେଲେ। ଅନେକ ନକ୍ସଲବାଦୀ ମୁଖ୍ୟସ୍ରୋତରେ ସାମିଲ ହେଲେ। ଶେଷରେ ବସ୍ତର ନକ୍ସଲବାଦରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଛି। ଛତିଶଗଡ଼ ଜିଲ୍ଲା ଉତ୍ତରରେ ଉତ୍ତର ପ୍ରଦେଶ, ଉତ୍ତର-ପଶ୍ଚିମରେ ମଧ୍ୟପ୍ରଦେଶ, ଦକ୍ଷିଣ-ପଶ୍ଚିମରେ ମହାରାଷ୍ଟ୍ର, ଉତ୍ତର-ପୂର୍ବରେ ଝାଡ଼ଖଣ୍ଡ, ପୂର୍ବରେ ଓଡ଼ିଶା ଏବଂ ଦକ୍ଷିଣରେ ତେଲେଙ୍ଗାନା ସହିତ ଏହାର ସୀମା ଅଂଶୀଦାର। ଏହି ସୀମା ମଧ୍ୟରୁ ଅନେକରେ ନକ୍ସଲବାଦ ସକ୍ରିୟ ଅଛି, ଯାହାକୁ ମୂଳପୋଛ କରିବା ପାଇଁ ସୁରକ୍ଷା ବାହିନୀ ନିରନ୍ତର ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଗୃହ ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ସଦ୍ୟତମ ବିଜ୍ଞପ୍ତିରେ, ଦେଶର ୧୮ଟି ଜିଲ୍ଲାକୁ 'ବାମପନ୍ଥୀ ଉଗ୍ରବାଦୀ-ପ୍ରଭାବିତ', 'ଅନ୍ୟାନ୍ୟ ବାମପନ୍ଥୀ ଉଗ୍ରବାଦୀ-ପ୍ରଭାବିତ' କିମ୍ବା 'ଡିଷ୍ଟ୍ରିକ୍ଟ ଅଫ୍ କନସର୍ନ' ଭାବେ ଚିହ୍ନଟ କରାଯାଇଛି, ଯେଉଁଥିରେ ଛତିଶଗଡ଼ର ୬ଟି ଜିଲ୍ଲା ଅନ୍ତର୍ଭୁକ୍ତ ରହିଛି। କିନ୍ତୁ ରେଡ୍ ଲିଷ୍ଟରୁ ମୁକ୍ତ ହୋଇଛି ବସ୍ତର ଜିଲ୍ଲା।

## ବିଜେଡିରେ...

ବୈଠକ ହେଲେ, ତାହା ବି ବୈଠକ ପଦବାଚ୍ୟ ହେବ ନାହିଁ ବୋଲି ସେ କହିଛନ୍ତି।

ବିଜେଡିକୁ ବିଶୃଙ୍ଖଳିତ କରିବାକୁ ଦଳ ଭିତରେ ପ୍ରୟାସ ହେଉଥିବା ବେଳେ କିଛି କୁଚକ୍ରୀ ଗୋଷ୍ଠୀ ଯେଉଁମାନେ ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ହେଲେ ସେମାନଙ୍କ ଉଦ୍ୟମ ପୁରୀରେ ସଫଳ ହେବ ନାହିଁ ବୋଲି ସେ କହିଛନ୍ତି। କେହି ଇଞ୍ଚେ ବି ପୁରୀ ନିର୍ବାଚନମଣ୍ଡଳୀ ଓ ପୁରୀ ଜିଲ୍ଲାରେ ଦଳର କ୍ଷତି କରିପାରିବେ ନାହିଁ। ୨୪ ନିର୍ବାଚନରେ ଅନେକ ନେତା ହାରିଲେ, ମତେ ପୁରୀରେ ହରାଇବା ପାଇଁ ବହୁତ ଚେଷ୍ଟା ହୋଇଛି। କୁଚକ୍ରୀ ସବୁ ଦଳରେ ଥାନ୍ତି, ଆମ ଦଳରେ ବି ଅଛନ୍ତି। କୁଚକ୍ରୀ ଯେତେ ପ୍ରୟାସ କଲେ ବି ସେମାନଙ୍କ ଷଡ଼ଯନ୍ତ୍ରରେ ସଫଳ ହେବେ ନାହିଁ ବୋଲି ଶ୍ରୀ ମହାନ୍ତି ଚେତାଇ ଦେଇଛନ୍ତି।

## 'ଶୀତଳଷଷ୍ଠୀ'...

ବିବାହରେ ସାକ୍ଷୀ ରହିବା ନିମନ୍ତେ ପ୍ରଭୁ ସାକ୍ଷୀ ଗୋପୀନାଥଙ୍କୁ ସାକ୍ଷୀପଡ଼ାରୁ ନନ୍ଦପଡ଼ାକୁ ଏକ ଶୋଭାଯାତ୍ରାରେ ନିଆଯିବ। ଆସନ୍ତା ୩୧ ତାରିଖ ମଧ୍ୟରାତ୍ରରେ ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବ। ପରେ ଜୁନ୍ ୧ ତାରିଖରେ ଦେବଦମ୍ପତିଙ୍କ ନଗର ପରିକ୍ରମା ଆରମ୍ଭ ହେବ। ସେହିପରି ଜୁନ ୨ ତାରିଖ ଅପରାହ୍ନରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ବି ରହିଛି।

## ଇଡି ହାତରେ ...

୫ କୋଟିର ଡିଲ ହୋଇଥିଲା। ଆଉ ଖଣି ବ୍ୟବସାୟୀ ରତିକାନ୍ତ ରାଉତ ୨ କୋଟି ଦେବାକୁ ରାଜି ହୋଇଥିଲେ। ଅଗ୍ରୀମ ଭାବେ ଆଜି ୨୦ ଲକ୍ଷ ଦିଆଯାଉଥିଲା। ଇଡି ଅଧିକାରୀଙ୍କ ସହ ହୋଇଥିବା ସବୁ ଡିଲର ପ୍ରମାଣ ସେମାନଙ୍କ ପାଖରେ ଅଛି ବୋଲି ମଧ୍ୟ ସେମାନେ ଅନୌପଚାରିକ ଭାବେ ମିଡିଆକୁ କହୁଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ ଖବର ଲେଖାଯିବା ପର୍ଯ୍ୟନ୍ତ ସିବିଆଇ ପକ୍ଷରୁ କୌଣସି ଔପଚାରିକ ସୂଚନା ଦିଆଯାଇନଥିଲା।

## ପ୍ରାଣ ହରାଇଲେ...

ଥିବା ଚାକିରି ଆଶାୟୀମାନଙ୍କ ଆଶୁ ଆରୋଗ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।

୧୪୪ ପଦବୀ ପାଇଁ ଜାରି ରହିଥିବା ଇଣ୍ଟରଭ୍ୟୁରେ ପ୍ରାୟ ୧୨ ଶହ ଆଶାୟୀ ରହିଛନ୍ତି। ଗୁରୁବାର ସକାଳୁ ସେମାନଙ୍କ ଶାରିରୀକ ପରୀକ୍ଷା ଆରମ୍ଭ ହୋଇଥିଲା। ରାଣିପେଣ୍ଠଠାରୁ ପଦ୍ମପୁର ଦୁଇ କିମି ରାସ୍ତାରେ ସକାଳୁ ଦୌଡ଼ ପରୀକ୍ଷା ଚାଲିଥିବା ବେଳେ ଏଥିରେ ଭାଗ ନେଉଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସୁଲନ୍ତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ ମାତ୍ର ୩୦ ସେକେଣ୍ଡ୍ ଥିବା ସମୟରେ ଟଳିପଡ଼ିଥିଲେ। ତୁରନ୍ତ ସେଠାରେ ମହଜୁଦ ଥିବା ପୁଲିସ୍ କର୍ମଚାରୀମାନେ ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ୍ ନେଇଥିଲେ। ଏହାଛଡ଼ା ଅନ୍ୟ ୭ ଜଣ ଆହତମାନଙ୍କୁ ମଧ୍ୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ସୁଲନ୍ତ ପରୀକ୍ଷାରେ ପାସ୍ କରିଥିବା ନେଇ ଘୋଷଣା କରାଯାଇଥିଲେ ହେଁ ଏହି ଖୁସି ଖବର ଶୁଣିବା ପୂର୍ବରୁ ସେ ଆଖି ବୁଜିସାରିଥିଲେ।

## ଆସୁଛି...

ଆନ୍ତଃବିଭାଗୀୟ ବଦଳିକୁ ସରକାର କଡ଼ାକଡ଼ି ଭାବେ ପାଳନ କରିବାରୁ ଏଭଳି ବଦଳି ହୋଇଛି।

ନୂଆ ବିଭାଗକୁ ଯାଇଥିବା ଅଧିକାରୀମାନେ ବିଭାଗ ସଂକ୍ରାନ୍ତରେ ଥଳକୂଳ ପାଉନଥିବା ବେଳେ ବିଭାଗରେ ଥିବା ଯୁବ ଅଧିକାରୀମାନେ ମଧ୍ୟ ଘାବରେଇ ଯାଉଛନ୍ତି। ବର୍ଷପୂର୍ତ୍ତି ଦିନ ପାଖେଇ ଆସୁଥିବାରୁ କିଭଳି ରିପୋର୍ଟ ପ୍ରସ୍ତୁତ ହେବ, ସେମାନେ ସେହି ଚିନ୍ତାରେ ଥିବାବେଳେ ବିଭାଗରେ ଥିବା କିଛି ଅଳସୁଆ ଅଫିସର ଏବେ ଧରାପଡିଯିବେ ବୋଲି ଆଲୋଚନା ହେଉଛି। କାରଣ ଏହି ବାବୁମାନେ ବର୍ଷସାରା କାଗଜଚାଷ କରୁଥିବା ବେଳେ ଏବେ ଧରାଛୁଆଁ ଦେଉନାହାନ୍ତି।

ଉଲ୍ଲେଖନୀୟ ଯେ ବର୍ଷପୂର୍ତ୍ତି ପାଳନରେ ରାଜ୍ୟ ସରକାର କେବଳ ନିଜର ବର୍ଷକର ସଫଳତା ବଖାଣିବେ ନାହିଁ, ଆସନ୍ତା ବର୍ଷର ପ୍ରତ୍ୟେକ ଦିନ ପାଇଁ ଗୋଟିଏ କରି ଯୋଜନା ଘୋଷଣା କରିବାର ସୂଚନା ମିଳୁଛି। ଅର୍ଥାତ୍ ଗୋଟିଏ ବିଭାଗ ହାରାହାରି ୧୦ଟି କରି ନୂଆ ଯୋଜନା ଉପସ୍ଥାପନ କରିବେ। ସରକାର ଇତିମଧ୍ୟରେ ଅନେକଗୁଡିଏ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରିସାରିଥିବାରୁ କେଉଁ କେଉଁ ନୂଆ ଯୋଜନା ଘୋଷଣା ହେବ, ତାହା ଉପରେ ରାଜ୍ୟବାସୀଙ୍କର ନଜର ଥିବାବେଳେ ବାବୁମାନଙ୍କ ଅଳସୁଆମୀ କିନ୍ତୁ ଚର୍ଚ୍ଚାର ବିଷୟ ହୋଇଛି।

## ଜୁନ ୨୦ ସୁଦ୍ଧା ଡ୍ରେନ ସଫେଇ କାମ ସାରିବାକୁ ନିର୍ଦ୍ଦେଶ

● କଟକ-ଭୁବନେଶ୍ୱର ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ କଟକ-ଭୁବନେଶ୍ୱରରେ ବର୍ଷାଦିନେ ଉପୁଜୁଥିବା କୃତ୍ରିମ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ଭୁବନେଶ୍ୱରର ପ୍ରାୟ ୮୦ ପ୍ରତିଶତ ଡ୍ରେନର ସଫେଇ କାର୍ଯ୍ୟ ସରିଛି। ବାକି ରହିଥିବା ଡ୍ରେନର ସଫେଇ କାମ ଜୁନ ୨୦ ସୁଦ୍ଧା ସାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ଇସ୍କନ, କଟକ-ରୋଡ୍, ଅହଲ୍ୟା ନଗର, ସମ ହସ୍ପିଟାଲ ପାଖ ଆୟୁର୍ବେଦିକ କଲେଜ ଭଳି କେତେକ ପ୍ରମୁଖ ସ୍ଥାନରେ ବର୍ଷାଦିନେ ଜଳ ନିଷ୍କାସନର ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି। ଏସବୁ ସ୍ଥାନରେ ସ୍ଥାୟୀ ସମାଧାନ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଇସ୍କନ ନିକଟରେ ଜଳମଗ୍ନ ହୋଇ ଯାତାୟତରେ ବାଧା ସୃଷ୍ଟି କରୁଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଭୁବନେଶ୍ୱରରେ ମୁଖ୍ୟତଃ ୧୫ଟି ପ୍ରାକୃତିକ ନାଳ ରହିଛି। ଏଥିସହିତ ସହର ମଧ୍ୟରେ ଅନେକ ଛୋଟ ବଡ଼ ଡ୍ରେନ ରହିଛି। ଏସବୁର ଜଳ ପ୍ରାୟତଃ ଯାଇ ଗଙ୍ଗୁଆ ନଦୀରେ ମିଶୁଛି। ଏଥିରେ ହସ୍ପିଟାଲ ବର୍ଜ୍ୟଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦୂଷଣଯୁକ୍ତ ସାମଗ୍ରୀ ମଧ୍ୟ ରହୁଛି। ଗଙ୍ଗୁଆ ନଦୀ ଦୟା ନଦୀ ସହିତ ମିଶିଛି। ତେଣୁ ବିଭିନ୍ନ ଜାଗାରେ ଜଳ ବିଶୋଧନାଗାର ସ୍ଥାପନ କରି ଗଙ୍ଗୁଆ ନଦୀର ପାଣିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପଦକ୍ଷେପ ନେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିପରି କଟକରେ କୃତ୍ରିମ ଜଳବନ୍ଦୀ ସମସ୍ୟାର ମୁକାବିଲା ଓ ସମାଧାନ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ କଟକ ମହାନଗର ନିଗମ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିପାଇଁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବର୍ଷାଦିନକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ ସହ ଜଳବାହିତ ରୋଗର ପ୍ରତିରୋଧ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦୁଇ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇସ୍ରୋ ପରିଭ୍ରମଣରେ ବୋରିଗୁମ୍ମାର ନିଖିଲ



**ବୋରିଗୁମ୍ମା, ୨୯।୫ (ସଂଚାର ବ୍ୟୁରୋ) :** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣରେ ୟାଟସ୍ (ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ)ର କୃତୀ ଛାତ୍ର ନିଖିଲ ମହାପାତ୍ର ଓ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମାର ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଅଧିନରେ ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ସହଯୋଗରେ ବେଙ୍ଗାଲୁରୁ ସ୍ଥିତ ଇସ୍ରୋର ପରିଭ୍ରମଣ କରିଥିଲେ। ସେଠାରେ ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଆଇଏସଟିଆରଏସି) ଏବଂ ୟୁଆର ରାଓ ସାଟେଲାଇଟ ସେଣ୍ଟର (ୟୁଆରଏସସି) ରେ ଶିକ୍ଷାମୂଳକ ଭ୍ରମଣରେ ବାସ୍ତବ ସାଟେଲାଇଟର କମାଣ୍ଡିଙ୍ଗ୍ ବ୍ୟବସ୍ଥା ସହ ସମସ୍ତ ଟ୍ରାକିଂ ବ୍ୟବସ୍ଥାକୁ ବିସ୍ତୃତ ଭାବରେ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଏହି ଯାତ୍ରା ମଇ ୨୪ରୁ ମଇ ୨୮ ପର୍ଯ୍ୟନ୍ତ ହୋଇଥିଲା। ପ୍ରାୟ ୭୧ ହଜାର ଛାତ୍ରଛାତ୍ରୀ ମାନଙ୍କୁ ପଛରେ ପକାଇ ନିଖିଲ ମହାପାତ୍ର ଓ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟଙ୍କ ସହଯୋଗରେ ପ୍ରକଳ୍ପ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ସମ୍ମାନିତ ହୋଇଥିଲେ । ଏହା କୋରାପୁଟ ଜିଲ୍ଲା ପାଇଁ ଅତ୍ୟନ୍ତ ଗୌରବର ବିଷୟ । ଭବିଷ୍ୟତରେ ସେ ଜଣେ ସଫଳ ବୈଜ୍ଞାନିକ ହେବେ ବୋଲି ମତ ବ୍ୟକ୍ତ କରିଛନ୍ତି । ଏହି ସଫଳତା ପାଇଁ ନିଖିଲ ମହାପାତ୍ରଙ୍କ ପିତା ସରତ ମହାପାତ୍ର ଓ ମାତା ସୁନିତା ମହାପାତ୍ର ସହ ସମସ୍ତ ପରିବାର ବର୍ଗ ଖୁସି ବ୍ୟକ୍ତ କରିଛନ୍ତି। ଏଣୁ ଏହି ମେଧାବୀ ଛାତ୍ରଙ୍କୁ ବୋରିଗୁମ୍ମାବାସୀ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ତୁଷାର ହେଲେ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସଦଙ୍କ ପ୍ରତିନିଧି



**କାକଟପୁର/ଅସ୍ତରଙ୍ଗ, ୨୯।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଜଣେ ଯୁବ ନେତୃତ୍ୱ, ଦୃଢ଼ ସଂଗଠକ, ଲୋକ ସେବାରେ ଜଡିତ ତୁଷାର ରଞ୍ଜନ ବେହେରାଙ୍କୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ଏ ସମ୍ପର୍କରେ ମାନ୍ୟବର ସାଂସଦଙ୍କ ଚିଠି ନଂ-ଏମପିଏଲଏସ /ବିପିଟି /ଡିଇଏଲ /୦୯୧ ତା ୨୬ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ ହେବା ପରେ ତୁଷାର ରଞ୍ଜନ ବେହେରା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ସମ୍ପର୍କରେ ଆଗକୁ ପଦକ୍ଷେପ ନେବେ ବୋଲି ତୁଷାର କହିଛନ୍ତି। ତୁଷାରଙ୍କ ପରି ଜଣେ ଯୁବ ନେତୃତ୍ୱଙ୍କୁ କଲେଜ ଦାୟିତ୍ୱ ଦେଇଥିବାରୁ ଦଳୀୟ କର୍ମୀ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାକେଶ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦଙ୍କ ପ୍ରତିନିଧି



**କାକଟପୁର/ଅସ୍ତରଙ୍ଗ, ୨୯।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ପୁରୀ ଜିଲ୍ଲାରେ ଜଣେ ଯୁବ ନେତୃତ୍ୱ, ଦୃଢ଼ ସଂଗଠକ, ଲୋକ ସେବାରେ ଜଡିତ ରାକେଶ କୁମାର ବିଶ୍ୱାଳ (ରିଙ୍କୁ)ଙ୍କୁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ଏ ସମ୍ପର୍କରେ ମାନ୍ୟବର ସାଂସଦ ଙ୍କ ଚିଠି ନଂ -ଏମପିଏଲଏସ /ବିପିଟି -୦୯୨ ତା ୨୭ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଂଚାୟତ ବଡ଼ନାନପଡ଼ା ଗ୍ରାମର ସ୍ୱର୍ଗତଃ କେଦାରନାଥ ବିଶ୍ୱାଳ ଙ୍କ ସୁପୁତ୍ର ରାକେଶ ବିଶ୍ୱାଳ ଓରଫ ରିଙ୍କୁ ୨୦୦୯ମସିହା ରେ ନିର୍ଦ୍ଦିଷ୍ଟ ଦଳରେ ସାମିଲ ହୋଇ ଯୁବକ ମାନଙ୍କ ନେତୃତ୍ୱ ନେଇ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ପରେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟି ରେ ୨୦୧୪ ସାମିଲ ହୋଇଥିଲେ। ପରେ ସାଧାରଣ ଲୋକଙ୍କ ସେବା, ଦୃଢ ଯୁବ ନେତୃତ୍ୱ ହେତୁ ୨୦୧୯ମସିହାରେ ପୁରୀ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ପରେ ୨୦୨୨ମସିହାରେ କାକଟପୁର ନିର୍ବାଚନ ମଣ୍ଡଳୀରେ ଆଇଟି ସେଲ ସଂଯୋଜକ ହେଲେ। ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଭାବେ ମନୋନୀତ ହେବା ପରେ ରାକେଶ କୁମାର ବିଶ୍ୱାଳ ମାନନୀୟା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଓ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ପାଇଁ ଗଙ୍ଗଦାହାଟ ରାସ୍ତା ବିପର୍ଯ୍ୟସ୍ତ

- କଂକ୍ରିଟ ରାସ୍ତା ଉପରେ ଆଣ୍ଠୁଏ କାଦୁଅ
- ୩ବର୍ଷ ହେବ ସରୁନି ପାଇପ ଲାଇନ କାର୍ଯ୍ୟ
- ସୂଚନା ଫଳକରେ ଦର୍ଶାଯାଉନି ସଠିକ ତଥ୍ୟ



**ନାଉଗାଁ, ୨୯।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଡେରିକି ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଦାହାଟ ନିକଟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପରୁ ଗଙ୍ଗଦାହାଟ ଦେଇ ପାଇପ ଲାଇନ କାର୍ଯ୍ୟ ଜାରି ରହିଛି। ଉକ୍ତ ପାଇପ ଲାଇନ କାର୍ଯ୍ୟ ପାଇଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଜନସାଧାରଣ ହାଟ ମଧ୍ୟକୁ ଯାଇ ପାରୁନାହାନ୍ତି। ଗତ ୩ ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ପାନୀୟ ଜଳ ଯୋଗାଣ ପାଇଁ ନିଯୁକ୍ତ ଠିକାଦାର ପୂର୍ତ୍ତ ବିଭାଗର ଗଙ୍ଗଦାହାଟ-ତେଲସରା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଗଙ୍ଗଦାହାଟ-ତିରୁଣା ମୁଖ୍ୟ ରାସ୍ତା ପାର୍ଶ୍ୱର ଗଙ୍ଗଦାହାଟ ନିକଟରେ ଖୋଳି ଥିବାରୁ ଉକ୍ତ ରାସ୍ତାରୁ ଖୋଳା ହୋଇଥିବା ମାଟି ବର୍ଷାରେ ଭିଜି ରାସ୍ତା ଉପରେ ଆଂଠୁଏ ବହଳରେ କାଦୁଅ ଜମି ରହିଛି। ଯାହାଫଳରେ ଦୁଇ ଚକିଆ ଯାନ, ପଥଚାରୀ କିମ୍ବା ସାଇକେଲ ନେଇ ଯାଉଥିବା ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ନିୟମାନୁସାରେ ଠିକାଦାର ରାସ୍ତା ପାର୍ଶ୍ୱର କଂକ୍ରିଟ ଫଟାଇ ପାନୀୟ ଜଳ ପାଇପ ସଂଯୋଗ କରିବା ପରେ ଯେତିକି ପରିମାଣର କଂକ୍ରିଟ ଖୋଳିଥିବେ ଉକ୍ତ ରାସ୍ତାକୁ ପୁନର୍ବାର ସେତିକି ପରିମାଣର କଂକ୍ରିଟ କରିବେ। କିନ୍ତୁ କାର୍ଯ୍ୟ କରୁଥିବା ଠିକାଦର ତାହା କରୁ ନଥିବା ଜଣାଯାଇଛି। ଉକ୍ତ କାର୍ଯ୍ୟ ପାଇଁ ୬ କୋଟି ୧୧ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଜେବିଏସ କନଷ୍ଟ୍ରସନକୁ କାର୍ଯ୍ୟର ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ସୂଚନା ଫଳକରେ କାର୍ଯ୍ୟର ଆରମ୍ଭ ଓ କାର୍ଯ୍ୟ ସରିବାର ଅବଧି ଫଳକରେ ଦର୍ଶାଯାଇନାହିଁ। ଦୀର୍ଘ ୩ ବର୍ଷ ହେବ ଗଙ୍ଗଦାର ପଡ଼ା ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାଇପ ଲାଇନ ସଂଯୋଗ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇନାହିଁ। ଯାହାଫଳରେ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏସଡିଓଙ୍କୁ ପଚାରିବାରେ ଯଥାଶୀଘ୍ର ରାସ୍ତା କାର୍ଯ୍ୟ କରିବା ସହିତ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ।

### ଦୁଇଟି ଚୋରି ମାମଲାର ପର୍ଦ୍ଦାଫାଶ

## ୪ ନାବାଳକ ସହ ୯ ଲୁଟେରା ଗିରଫ



**ବୋରିଗୁମ୍ମା/ଜୟପୁର, ୨୯।୫ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନା ପୁଲିସ ଦୁଇଟି ପୃଥକ ପୃଥକ ଚୋରି ମାମଲାରେ ୯ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରଥମ ଚୋରି ଘଟଣାରେ ୪ ଅଭିଯୁକ୍ତ ଏବଂ ୩ ନାବାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନଥାନା ଅଧିନସ୍ଥ ଇରିଗେସନ କୋଲନୀ ନିକଟସ୍ଥ ବସ୍ତି ଅଞ୍ଚଳର ପପୁ ସୁନା (୧୯), ଅନିତ କୁଲଦୀପ (୩୦), ଆଦିତ୍ୟ ଖଣ୍ଡପାନ (୧୯), ଗୋପବନ୍ଧୁ ନଗରର ସ୍ୱାଧନ ପାଣିଗ୍ରାହୀ (୨୦)ଙ୍କ ସମେତ ୩ ଜଣ ନାବାଳକ ରହିଛନ୍ତି । ସେହିପରି ଦ୍ୱିତୀୟ ଚୋରି ଘଟଣାରେ ସ୍ଥାନୀୟ କେନ୍ଦୁଗୁଡାର ଅଭିଯୁକ୍ତ ମନୋଜ ଜାନୀ (୨୧) ଏବଂ ଜଣେ ନାବାଳକ ଅଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି।

ପ୍ରଥମ ଘଟଣା ଜୟପୁର ଇରିଗେସନ କୋଲନୀର ଘରର ତାଲାଭାଙ୍ଗି ଚୋରି ସାମଗ୍ରୀ ମଧ୍ୟରୁ ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନାଚେନ୍, ୩ଟି ସୁନା ମୁଦି, ୧୩ ଯୋଡି ସୁନାକାନଫୁଲ, ଦୁଇଟି ସୁନା ଲକେଟ୍, ଗୋଟିଏ ରୂପା ମଥାମଣି, ଗୋଟିଏ ମ୍ୟୁଜିକ ସିଷ୍ଟମ, ଗୋଟିଏ ରୁମ୍ ହିଟର, ଦୁଇଟି ମୋବାଇଲ ଏବଂ ଚାର୍ଜର, ୧୦ଟି ବ୍ୟାଗ ଜବତ କରାଯାଇଛି। ଦ୍ୱିତୀୟ ଚୋରି ଘଟଣାରେ ଗୋଟିଏ ସୁନା ମଙ୍ଗଳସୂତ୍ର, ୨ଟି ରୂପା ମୁଦି, ୨ଟି ରୂପା ମୁଦ୍ରା ଜବତ କରାଯାଇଛି। ଅଭିଯୁକ୍ତମାନେ ତାଲା ଭାଙ୍ଗିବାରେ ବ୍ୟବହାର କରିଥିବା ଲୁହା ଛଡ଼ ଜବତ କରାଯାଇଛି। ଏଥିନେଇ ଜୟପୁର ଟାଉନଥାନାରେ ଅପରାହ୍ନରେ ଏସ୍‌ଡିପିଓ ପାର୍ଥ କାଶ୍ୟପ ଜଗଦିଶ ଏବଂ ଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ ମିଳିତ ଭାବେ ସାମ୍ବିଦକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଅଭିଯୁକ୍ତ ଅନିତର ନାମରେ ଚୋରି, ଲୁଟ୍ ପ୍ରଭୃତି ୫ଟି ମାମଲା, ଅଭିଯୁକ୍ତ ସ୍ୱାଧୀନର ନାମରେ ୬ଟି ମାମଲା, ପପ୍ ଏବଂ ମନୋଜର ନାମରେ ପୂର୍ବରୁ ଗୋଟିଏ ଲେଖାଏଁ ମାମଲା ରହିଛି।

### ଜିଲ୍ଲା କଂଗ୍ରେସ ସାଂଗଠନିକ ବୈଠକ

## ଦଳୀୟ କର୍ମୀଙ୍କ ମାନଭଞ୍ଜନ ପାଇଁ ପ୍ରୟାସ



**ନୟାଗଡ଼, ୨୯।୫ (ସଂଚାର ବ୍ୟୁରୋ) :** ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ଜିଲ୍ଲା କଂଗ୍ରେସ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କମିଟି ସଭାପତି ଭକ୍ତ ଚରଣ ଦାଶ ନୟାଗଡ଼ ଜିଲ୍ଲା ସଂଯୋଜକ ଭାବେ ସତ୍ୟବ୍ରତ ନାୟକଙ୍କୁ ଦାୟିତ୍ୱ ଦେଇଥିବାରୁ ତାଙ୍କୁ ଏହି ବୈଠକରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସତ୍ୟବ୍ରତ ନାୟକ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସାଂଗଠିକ କାର୍ଯ୍ୟକ୍ରମକୁ ମଜବୁତ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଦଳ ଭିତରେ ଓ ଦଳୀୟ କର୍ମୀ ମାନଙ୍କ ମନରେ ପାତର ଅନ୍ତର ନିତି ଦେଖା ଦେଇଥିଲା । ଯାହାଫଳରେ ଦଳ ଦଳ ଭିତରେ ମତଭେଦ ସୃଷ୍ଟି ହେଉଥିଲା । ସମସ୍ତଙ୍କ ମାନ ଭଞ୍ଜନ କରିବା ପାଇଁ ପ୍ରଥମ ପ୍ରୟାସ ଆରମ୍ଭ କରିଛନ୍ତି ସତ୍ୟବ୍ରତ ନାୟକ। ତେଣୁ ନେତା ଏକ ହେଲେ କଂଗ୍ରେସ ଆଗେଇବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ମତ ଦେଇଥିଲେ । ଜିଲ୍ଲା ସଂଗଠନକୁ ଉପରୁ ମୂଳ ପର୍ଯ୍ୟନ୍ତ ସଜାଡ଼ିବାର ଆବଶ୍ୟକ ରହିଛି। ପଞ୍ଚାୟତ ନିର୍ବାଚନ ପର୍ବରୁ ଦଳୀୟ ରୋଗ ଭଲ କରିବାର ଆବଶ୍ୟକତା ରହିଛି ।

## ରକ୍ତ କର୍କଟକୁ ଅଧିକ ମାତ୍ରାରେ ପରାସ୍ତ କରୁଛନ୍ତି ଶିଶୁ : ପ୍ରଫେସର ସାମଲ



**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ) :** ଦେଶରେ ରକ୍ତ କର୍କଟ ରୋଗ ବୃଦ୍ଧି ପାଉଥିବା ବେଳେ ଶିଶୁମାନେ ମଧ୍ୟ ଅଧିକ ମାତ୍ରାରେ ଏଭଳି ଜଟିଳ ବ୍ୟାଧୀରେ ପୀଡ଼ିତ ହେଉଛନ୍ତି। ୧ ବର୍ଷରୁ ୧୦ବର୍ଷ ବୟସର ଶିଶୁ ରକ୍ତ କର୍କଟ ଅର୍ଥାତ୍ ଲ୍ୟୁକେମିଆରେ ପୀଡ଼ିତ ହେଉଛନ୍ତି। ତେବେ ଠିକ୍ ସମୟରେ ରୋଗର ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ରକ୍ତ କର୍କଟକୁ ପରାସ୍ତ କରାଯାଇ ପାରୁଛି। ଶିଶୁମାନଙ୍କ କ୍ଷେତ୍ରରେ ଏଭଳି ଦୁଃରାଧ ବ୍ୟାଧିକୁ ପରାଜିତ କରିବାର ମାତ୍ରା ଢ଼େର ଅଧିକ। ଶିଶୁମାନଙ୍କ ମଧ୍ୟରେ ଲ୍ୟୁକେମିଆ ସଂଖ୍ୟା ଯଦିଓ ବୃଦ୍ଧି ପାଉଛି ତେବେ ଉପଯୁକ୍ତ ଚିକିତ୍ସା ଦ୍ୱାରା ୮୦ ରୁ ୯୦ ପ୍ରତିଶତ ଶିଶୁ ଏହି ଜଟିଳ ରୋଗକୁ ପରାଜିତ କରିପାରୁଛନ୍ତି ବୋଲି କହିଛନ୍ତି ବିଶିଷ୍ଟ ରକ୍ତକର୍କଟ ବିଶେଷଜ୍ଞ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ୍ ହେମାଟୋଲଜି, ହେମାଟୋ-ଅଙ୍କୋଲଜି, ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ ଏବଂ ସେଲ୍ୟୁଲାର ଥେରାପି ବିଭାଗ ପକ୍ଷରୁ ବୁଧବାର ଆୟୋଜିତ ବିଶ୍ୱ ରକ୍ତ କର୍କଟ ଦିବସ ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭାଗୀୟ ମୁଖ୍ୟ ପ୍ରଫେସର ସାମଲ କହିଛନ୍ତି ଯେ ପ୍ରଦୂଷଣ, ବିକୀରଣ ଏବଂ ରାସାୟନିକ ସାରର ବ୍ୟବହାର ଯୋଗୁଁ ରକ୍ତ କର୍କଟ ଭଳି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ପ୍ରତ୍ୟେକ ବର୍ଷ ୮୦ ହଜାରରୁ ୧ ଲକ୍ଷ ଲୋକ ନୂତନ ଭାବେ ଏହି ରୋଗରେ ପୀଡ଼ିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ବର୍ଷକୁ ମୃତ୍ୟୁ ସଂଖ୍ୟା ପ୍ରାୟ ୭୦ ହଜାର। ଦୀର୍ଘ ଦିନ ଧରି ଜ୍ୱର ରହିବା, ଶରୀରରେ ହେମୋଗ୍ଲୋବିନ୍, ଟୋଟାଲ୍ ଲ୍ୟୁକୋସାଇଟ୍ କାଉଂଟ (ଟିଏଲ୍‌ସି), ପ୍ଲେଟେଲେଟ କମିଯିବା, କଳା ଦାଗ ସୃଷ୍ଟି ହେବା ଏବଂ ରକ୍ତସ୍ରାବ ଭଳି ସମସ୍ୟା ଦେଖାଦେଲେ ତୁରନ୍ତ ରକ୍ତ ନମୁନା ପରୀକ୍ଷା କରାଇବା ସହ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ସେହିପରି ଶିଶୁମାନଙ୍କ କ୍ଷେତ୍ରରେ ୮ ରୁ ୧୦ ଦିନ ଜ୍ୱର ଲାଗି ରହିବା ସହ ଶରୀରରେ ପୀଡ଼ା ହେଲେ ରକ୍ତ ପରୀକ୍ଷା ଓ ଚିକିତ୍ସା କରାଇନେବା ଉଚିତ୍ ବୋଲି ପ୍ରଫେସର ସାମଲ କହିଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ରକ୍ତ କର୍କଟ ଭଳି ସମସ୍ୟାକୁ ଏଡ଼ାଇବା ଏବଂ ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଚିକିତ୍ସା ପଦ୍ଧତି ସହ ପ୍ରାଣାୟାମ୍ ଏବଂ ପ୍ରାକୃତିକ ଉପାୟ ଅବଲମ୍ବନ କରି ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଓ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସମୀର ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ ହସ୍ପିଟାଲ୍‌ର ଗୋଟିଏ ଛାତ ତଳେ ରକ୍ତ କର୍କଟ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସେବା ଉପଲବ୍ଧ ବୋଲି କହିଥିଲେ।

## ରଜ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

**ବାଲିଅନ୍ତା, ୨୯।୫ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ପ୍ରସିଧ ତନ୍ତ୍ରପୀଠ ହୀରାପୁର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୪ର୍ଥ ରଜ ମହୋତ୍ସବ ଜୁନ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଦୀନବନ୍ଧୁ ଭୋଇ ଅଧ୍ୟକ୍ଷତାରେ ବାଳକାଟି ସ୍ଥିତ ଶ୍ରୀ କନଭେକସନ କଲ୍ୟାଣ ମଣ୍ଡପରେ ଗୁରୁବାର ମଧ୍ୟାହ୍ନରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଏହି ଉତ୍ସବର ଲକ୍ଷ୍ୟ ଚାଷୀ ଭାଇ ତଥା ଓଡ଼ିଶାର ଗଣ ପର୍ବ, ଐତିହ୍ୟ, ପରମ୍ପରା, ଅସ୍ମିତା, କଳା, ସଂସ୍କୃତି, ପରିଚୟକୁ ଉଜ୍ଜୀବିତ ରଖିବା ସହିତ ଅଞ୍ଚଳରେ ଭାଇ ଚାରା ସୃଷ୍ଟି କରିବା ଏବଂ ଆମୋଦ ପ୍ରମୋଦ ଭିତରେ ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟିବା। ରାଜ୍ୟର ଅନେକ ବିଶିଷ୍ଟ ଖ୍ୟାତି ସଂପନ୍ନ ବ୍ୟକ୍ତିବିଶେଷମାନେ ଏହି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତଦ୍ ସହିତ ଉତ୍ସବର ପ୍ରଥମ ଦିବସରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯିବ। ଦିତୀୟ ଦିବସରେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଦ୍ୱାରା ଦର୍ଶକଙ୍କ ମନ ମୋହିବେ ନେଇ ବ୍ୟବସ୍ଥା, ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଶ୍ରେଷ୍ଠ ସ୍ଥାନ ପାଇ ଥିବା ପ୍ରତିଯୋଗୀଙ୍କୁ ରଜର ରାଣୀ ଘୋଷଣା ସହିତ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯିବ । ଏହା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବ।

## ସିଆରପିଏଫ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



**ନବରଙ୍ଗପୁର, ୨୯।୫ (ସଂଚାର ବ୍ୟୁରୋ) :** ଜିଲ୍ଲାରେ ଅବସ୍ଥାପିତ ୧୨ ବାଟାଲିୟନ ସିଆରପିଏଫ ପକ୍ଷରୁ ଆନ୍ତର୍ଜାତୀୟ ତୃତୀୟ ଦିନ ଯୋଗ ଦିବସରେ ସିଆରପିଏଫର ସେକଣ୍ଡ ଇନ କମାଣ୍ଡ କେ.କେ ସିଂ (କାର୍ଯ୍ୟକାରୀ କମାଣ୍ଡାଣ୍ଟ), ଡେପୁଟି କମାଣ୍ଡ ରାଜୀବ କୁମାର, ଡା ମଧନ ଭି, ନିରୀକ୍ଷକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ସିପାହୀ ପ୍ରକାଶ ଏବଂ ସହକର୍ମୀଙ୍କ ସହାୟତାରେ ଯୋଗ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ନମସ୍କାର ସହ ବିଭିନ୍ନ ଯୋଗ ମୁଦ୍ରା ଆସନ, ପ୍ରାଣାୟାମ କରାଯାଇଥିଲା। ଏହି ଯୋଗ ଶିବିରରେ ୧୩୦ ଜଣ ସିଆରପିଏଫ ଯବାନ, ପୁଲିସ ଅଧିକାରୀ ଏବଂ ଏମାନଙ୍କ ପରିବାରର ସଦସ୍ୟମାନେ ଯୋଗ ଅଭ୍ୟାସ କରିଥିଲେ।

### ବୋରିଗୁମାର ଅଜବ ମଣିଷ

## ୧୮ ବର୍ଷ ହେଲା ଖାଇ ନାହାନ୍ତି ଭାତ କି ରୁଟି



**ବୋରିଗୁମ୍ମା, ୨୯।୫ (ସଂଚାର ବ୍ୟୁରୋ) :** ସାଧାରଣତଃ ଆମେ ଦୈନନ୍ଦିନ ଖାଦ୍ୟପେୟରେ ବିଭିନ୍ନ ପ୍ରକାର ଖାଦ୍ୟ ସାମିଲ କରିଥାଉ। ମଣିଷ ବଞ୍ଚିବା ପାଇଁ ଏବଂ ସୁସ୍ଥ ସବଳ ରହିବା ପାଇଁ ବିଭିନ୍ନ ପ୍ରକାର ପୋଷଣ ଖାଦ୍ୟ ଖାଇଥାଏ। ହେଲେ ଏମିତି ଏକ ନିଆରା ମଣିଷ ଯିଏ କି ଜନ୍ମରୁ ଆଜି ପର୍ଯ୍ୟନ୍ତ ଭାତ, ରୁଟି କି ତରଳ ଖାଦ୍ୟ ଖାଇ ନାହାନ୍ତି। ୧୮ ବର୍ଷ ଧରି କେବଳ ମିକ୍ସଚର, ବିସ୍କୁଟ ଏବଂ ପକୁଡି ଖାଇ ବଞ୍ଚିଛନ୍ତି। କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏଭଳି ଘଟଣା ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ ବେଣାଗାଁରେ।

ଏହି ଗାଁର ଗୋପବନ୍ଧୁ ସୁନା ବୟସ ୨୦ ବର୍ଷ। ସେ ଦୈନନ୍ଦିନ ଜୀବନରେ ଭାତ, ରୁଟି ବଦଳରେ ମିକ୍ସଚର, ବିସ୍କୁଟ ଏବଂ ପକୁଡ଼ିକୁ ଆହାର ଭାବେ ବାଛି ନେଇଛନ୍ତି। ଗୋପବନ୍ଧୁଙ୍କ ବାପା ମାଆ କହିବା ଅନୁଯାୟୀ ଗୋପବନ୍ଧୁ ଜନ୍ମରୁ ତିନି ମାସ ପର୍ଯ୍ୟନ୍ତ ମାଆ କ୍ଷୀର ଖାଇଥିଲେ ପରେ କେବଳ ବିସ୍କୁଟ ଖାଇଲେ ଧୀରେ ଧୀରେ ବଡ଼ ହେବା ପରେ ମଝିରେ ମଝିରେ ମାଆ ଭାତ ଖୁଆଇଥିଲେ କିନ୍ତୁ ଭାତ ଖାଇବା ପରେ ଗୋପବନ୍ଧୁ ୨ ରୁ ୩ ଘଣ୍ଟା ସମୟ ପାଇଁ ଚେତାଶୂନ୍ୟ ହୋଇ ପଡୁଥିଲେ। ସେହିଦିନ ଠାରୁ ବାପା ମାଆ ଭୟରେ ଗୋପବନ୍ଧୁଙ୍କୁ ଆଉ ଭାତ କି ରୁଟି ଦେଇ ନଥିଲେ। ପିଲାର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ବୋରିଗୁମ୍ମା, ଜୟପୁର ଏବଂ କୋରାପୁଟ ମେଡ଼ିକାଲରେ ଚିକିତ୍ସା କରି ବିଫଳ ହୋଇଥିଲେ। ଗୋପବନ୍ଧୁ ପ୍ରତିଦିନ ସକାଳେ ମିକ୍ସଚର, ମଧ୍ୟାହ୍ନରେ ପକୋଡ଼ି ଏବଂ ରାତ୍ରି ଭୋଜନରେ ପୁଣି ବିସ୍କୁଟ ଏବଂ ମିକ୍ସଚର ଖାଆନ୍ତି। ପ୍ରତିଦିନ ଗୋପବନ୍ଧୁଙ୍କ ଖାଦ୍ୟ ପାଇଁ ୧୫୦ରୁ ୨୦୦ ଟଙ୍କା ଖର୍ଚ୍ଚ ହୁଏ। ବାପା ଦିନ ମଜୁରିଆ ଏବଂ ମାଆ କାଜୁ ମିଲରେ କାମ କରି ଯାହା ରୋଜଗାର ହୁଏ ସେଥିରେ ଆଠ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟ ହୋଇପଡେ ପୁଣି ସେଥିରେ ପୁଅ ଗୋପବନ୍ଧୁର ଖାଇବା ଚିନ୍ତା।

ଗୋପବନ୍ଧୁ ଘରର ପାଣି ମଧ୍ୟ ପିଅନ୍ତି ନାହିଁ ଯେତେବେଳେ ଶୋଷ ଲାଗେ ସେହି ସମୟରେ ନିଜେ ନଳକୂପରୁ ପାଣି ଆଣି ପିଅନ୍ତି। ବେଳେବେଳେ ଦେହ ଅସୁସ୍ଥ ହେଲେ ବି ଔଷଧ ସେବନ କରନ୍ତି ନାହିଁ କିଛି ସମୟ ପରେ ଆପେ ଆପେ ସୁସ୍ଥ ହୋଇଯାନ୍ତି। ଗୋପବନ୍ଧୁ ଯୁକ୍ତ ଦୁଇ ବିଜ୍ଞାନରେ ପାସ କରିବା ପରେ ଅର୍ଥ ଅଭାବ ଯୋଗୁଁ ଅଧାରେ ପାଠ ପଢ଼ା ଛାଡିଛନ୍ତି। ସେ ଛୋଟ ବେଳୁ ପାଠ ପଢି ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ। ସରକାର ସହାୟତା କଲେ ପାଠ ପଢି ଆଗକୁ ବଢ଼ିବେ ବୋଲି କହିଛନ୍ତି ଗୋପବନ୍ଧୁ।

ଗୋପବନ୍ଧୁଙ୍କ ପରିବାର କହିଲେ ଚାରି ଭାଇ ମାଆ ବାପା। ଏକ ଛୋଟିଆ କୁଡ଼ିଆରେ ମୁଣ୍ଡ ଗୁଞ୍ଜନ୍ତି। ପୁଅର ପାଠପଢା ଏବଂ ଘର ଖଣ୍ଡିଏ ଯୋଗାଇ ଦେବାକୁ ବିଡ଼ିଓ ସୁକାନ୍ତ ପଟନାୟକଙ୍କ "ଆସ ଖୋଜିବା"କାର୍ଯ୍ୟକ୍ରମ ମାଧମରେ ସାମିଲ କରିବା ପାଇଁ ବାପା ଜଗବନ୍ଧୁ ସୁନା, ମାଆ ହିନ୍ଦଲୀ ସୁନା ସମେତ ଗ୍ରାମବାସୀ ଗଣମାଧମ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି।

## ମାଟ୍ରିକ ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ବାଲିଅନ୍ତା, ୨୯।୫ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଳକାଟି ଠାରେ ଥିବା ଶ୍ରୀ କନଭେକସନ୍ କଲ୍ୟାଣ ମଣ୍ଡପରେ ପ୍ରତିବର୍ଷ ଭଳି ଶିକ୍ଷା ଜଗତରେ ବିଦ୍ୟାର୍ଥୀ, ଆଦର୍ଶ ଶିକ୍ଷକ ଓ ଆଦର୍ଶ ଶିକ୍ଷା ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାର ମୁଖ୍ୟ ଲକ୍ଷ୍ୟ ବିଦ୍ୟାର୍ଥୀମାନେ ଯେଉଁ ଭଳି ନିଜର ଏକାଗ୍ରତା ନିଷ୍ଠାପର ଅଧ୍ୟୟନରେ ଅନ୍ୟବିଦ୍ୟାର୍ଥି ମାନଙ୍କୁ ପଛରେ ପକାଇ ଉତକୃଶତା ଲାଭ କରିଛନ୍ତି ତାଙ୍କର ପରିଶ୍ରମକୁ ସମ୍ମାନ ଜଣାଇବା ଓ ଆଗକୁ ଚେଷ୍ଟା ଜାରି ପାଇଁ ଚଳିତ ବର୍ଷ ଉଭୟ ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ ରଖିଥିବା ୧୨ ଜଣ ପିଲାଙ୍କୁ, ୭ଜଣ ଆଦର୍ଶ ଶିକ୍ଷକ ଓ ୩ଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଅରୁଣ ପତି ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ନିର୍ମାଣ ଏଜୁକେସନ ଟ୍ରଷ୍ଟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଆଗାମୀ ଦିନରେ ବିଦ୍ୟାର୍ଥୀ ସେମାନଙ୍କର ନିଷ୍ଠା,ଏକାଗ୍ରତା, କଠିନ ପରିଶ୍ରମ, ସମୟ ସୁବିନିଯୋଗ ଓ ଲକ୍ଷ୍ୟ ସ୍ଥିର ରଖିପାରିଲେ ନିଶ୍ଚିତ ତାଙ୍କ ନିର୍ଦ୍ଧିଷ୍ଟ ଲକ୍ଷ୍ୟରେ ପହଞ୍ଚି ପରିବା ନେଇ ପରାମର୍ଶ ଦେଇଥିଲେ। ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରକୃତୀ ବନ୍ଧୁ ଦୀନବନ୍ଧୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ରାଜଧାନୀରେ ୧୫ ଲକ୍ଷରେ ମିଳିବ ଘର

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ରାଜଧାନୀରେ ମଧ୍ୟବିତ୍ତଙ୍କ ଘର ସ୍ୱପ୍ନ ପୂରା କରିବେ ରାଜ୍ୟ ସରକାର। ଭୁବନେଶ୍ୱରରେ ସୁଲଭ ମୂଲ୍ୟରେ ମିଳିବ ଏମ୍ଆଇଜି, ଏଲ୍ଆଇସି, ଏଲ୍ଆଇଜି-୧, ଏମ୍ଆଇଜି-୨ ଘର। ତେବେ ଏହି ଘରର ଦାମ୍ ୧୫ରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ରହିବ। ଲଟେରି ମାଧ୍ୟମରେ ମଧ୍ୟବିତ୍ତ ପରିବାରଗୁଡ଼ିକୁ ଏହି ଘର ଯୋଗାଇ ଦିଆଯିବ ବୋଲି ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଏହି ଘର ପାଇଁ କେଉଁମାନେ ଯୋଗ୍ୟ ବିବେଚିତ ହେବେ ସେନେଇ ଗାଇଡଲାଇନ୍ ଆସିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଟେଣ୍ଡର କରି ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ପିପିପି ମୋଡ୍‌ରେ ଘର ତିଆରି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କୋ-ଅପରେଟିଭ ବ୍ୟାଙ୍କ ଘରଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସହ ଇଏମ୍ଆଇ ସଂଗ୍ରହ ଦାୟିତ୍ୱ ନେବ। କଟକରେ ମଧ୍ୟ ଲୋକଙ୍କୁ ଘର ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ମହାନଗରଗୁଡିକରେ ସୁଲଭ ମୂଲ୍ୟରେ ଘର କରିବାକୁ ସରକାର ଚିନ୍ତା କରୁଛନ୍ତି।

# ଯୋଗଦେଲେ ୨୫ ରାଜ୍ୟର ଲକ୍ଷପତି ଦିଦି

- ୯୮ ପ୍ରତିଶତ ଲକ୍ଷପତି ଦିଦି ସହ ନୟାଗଡ଼ ପ୍ରଥମ
- ପଦକ୍ଷେପର ମୂଳ ଉଦ୍ଦେଶ୍ୟ ମହିଳାଙ୍କ ଆର୍ଥିକ ସ୍ୱାଧୀନତା: ମୁଖ୍ୟମନ୍ତ୍ରୀ
- ତିନି ଲକ୍ଷପତି ଦିଦି ପୁରସ୍କୃତ



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାଙ୍କୁ ବାର୍ଷିକ ଲକ୍ଷେ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର କଥା ନୁହେଁ। ପରନ୍ତୁ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଓ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀରେ ଯୋଗଦେବା ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିର ଏହି ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ହେଉଛି ଆମର ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ମହିଳାମାନଙ୍କ ଶକ୍ତି ଓ ଉଦ୍ୟମ ପରିବାର ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରିଥାଏ। ଲକ୍ଷପତି ଦିଦି କେବଳ ଏକ କଲ୍ୟାଣକାରୀ ଯୋଜନା ନୁହେଁ, ଏହା ଏକ ସମାବେଶୀ ଓ ସ୍ଥାୟୀ ବିକାଶର ରଣନୀତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମରେ ୩୩ ପ୍ରତିଶତ ମହିଳା ଲୋକସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ ବୋଲି ସେ କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡ଼ିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ଆଜି ଓଡ଼ିଶା ଦେଶରେ ଶୀର୍ଷ ସ୍ଥାନରେ ରହିଛି। ଏହି ସଫଳତା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି। ଏହି ଅବସରରେ ରାୟଗଡା ଜିଲ୍ଲାର ଲକ୍ଷପତି ଦିଦି ବିନ୍ଧ୍ୟବାସିନୀ, ମହାରାଷ୍ଟ୍ରର ଶୋଭା ଦିଗମ୍ବର କଦମ୍ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବେ ଦେବଗଡ଼ ଜିଲ୍ଲାର ଶକୁନ୍ତଳା ଧଳ, ଗଜପତି ଜିଲ୍ଲାର ସୁଲମୀ ଦଳବେହେରା ଓ କେନ୍ଦ୍ରାପଡ଼ା ଜିଲ୍ଲାର ମମତା ନାଥ ଶର୍ମାଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାରେ ୯୮ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ଼ ଜିଲ୍ଲା ଏବଂ ୯୭ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡା, କଟକ, ଭଦ୍ରକ, ଜଗତସିଂହପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ରାଜ୍ୟ ସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀ ପ୍ରସାଦ ନାୟକଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକଲେଟ୍ ମଧ୍ୟ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ଲକ୍ଷପତି ଦିଦି ଯୋଜନା ଏକ ଆନ୍ଦୋଳନ। ଏହା ମହିଳାମାନଙ୍କୁ ଘର ଚାରି କାନ୍ଥ ମଧ୍ୟରୁ ବାହାର କରି ବିକାଶ ସ୍ରୋତ ସହ ଯୋଡୁଛି। ଏହି ଲକ୍ଷପତି ଦିଦି ସୃଷ୍ଟି କରାଇବାରେ ଓଡ଼ିଶା ଲଗାତାର ଭାବେ ଏକ ନମ୍ବରରେ ରହିଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି। କୃଷି, ପଶୁପାଳନ, ସିଲାଇ, କାଫେ ଆଦି ସମସ୍ତ କ୍ଷେତ୍ରରେ ଗ୍ରାମାଞ୍ଚଳର ମହିଳାମାନେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ବଳରେ ଆଜି ଗ୍ରାମାଞ୍ଚଳର ମହିଳାମାନେ କେବଳ ନିଜ ପାଇଁ ରୋଜଗାର କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇପାରିଛନ୍ତି। ଆଗାମୀ ଦିନରେ ସଶକ୍ତ ମହିଳାମାନେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଥିଲେ।

❑ ଚାକିରିରେ ବୟସ ସୀମା କୋହଳ ନିଷ୍ପତ୍ତି

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଯୁବ ସଙ୍ଗଠନ



**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ରାଜ୍ୟ ଅତିଥି ଭବନରେ ଆଜି ରାଜ୍ୟର ବିଭିନ୍ନ ଛାତ୍ର ଓ ଯୁବ ସଂଗଠନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସକାଶେ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଭିନ୍ନ ସରକାରୀ ପଦପଦବୀରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମା ପୂର୍ବରୁ ୩୨ ବର୍ଷ ଥିବା ବେଳେ ଗତକାଲି କ୍ୟାବିନେଟରେ ଏହାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। କେବଳ ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ଇତ୍ୟାଦି ୟୁନିଫର୍ମ ସେବା କ୍ଷେତ୍ରରେ ଏହା ଲାଗୁ ହେବନାହିଁ। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ, ମହିଳା, ଭିନ୍ନକ୍ଷମ ବ୍ୟକ୍ତି ଓ ଅବସରପ୍ରାପ୍ତ ସୈନିକଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସ ସୀମା କୋହଳ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଯେ ପୂର୍ବରୁ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁଦିନରୁ ଦାବି ହୋଇ ଆସୁଥିଲା। କିନ୍ତୁ ପୂର୍ବ ସରକାର ଏହି ଦାବିକୁ ପୂରଣ କରି ନ ଥିଲେ। ଏକ ବର୍ଷ ପୂର୍ତ୍ତି ପୂର୍ବରୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି । ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ଓ ସଂଘର୍ଷକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ନିଷ୍ପତ୍ତି ନେଇଥିବାରୁ ଯୁବ ବର୍ଗର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ଋତୁସ୍ରାବ ଈଶ୍ୱର ପ୍ରଦତ୍ତ ଆଶୀର୍ବାଦ: ଉପମୁଖ୍ୟମନ୍ତ୍ରୀ



- ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ
- ମହିଳା ଅନୁକୂଳ ଜୋନ୍ ସୃଷ୍ଟି ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ସମାଜରୁ ଋତୁସ୍ରାବଜନିତ ନୀରବତା ଭାଙ୍ଗିବାକୁ ପଡ଼ିବ। କାରଣ ଏହା ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ ବୋଲି ଆଜି ସ୍ଥାନୀୟ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ବ୍ୟକ୍ତ କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ 'ଆଇନା' ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଋତୁସ୍ରାବ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତି ସର୍ବସାଧାରଣ ସ୍ଥାନରେ ଏକ ମହିଳା ଅନୁକୂଳ ଜୋନ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ଋତୁସ୍ରାବ ସହ ଜଡ଼ିତ ଅନ୍ଧବିଶ୍ୱାସ ସହ ଲଢ଼ିବା ପାଇଁ ଆମକୁ ତୃଣମୂଳ ସ୍ତରରେ ପରିବର୍ତ୍ତନ ଆଣିବା ସହ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଘରର ମା'ମାନେ ମଧ୍ୟ ପୁଅ ଅପେକ୍ଷା ଝିଅମାନଙ୍କର ଅଧିକ ଯତ୍ନ ନେବା ଦରକାର। ଏଥିସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଉପରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଋତୁସ୍ରାବ ଭଳି ସମ୍ବେଦନଶୀଳ ବିଷୟ ଆଗକୁ ଆଣିଥିବାରୁ 'ଆଇନା' ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କୁ ଶ୍ରୀମତୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଋତୁସ୍ରାବଜନିତ ଅସୁବିଧାଗୁଡ଼ିକୁ ବର୍ଣ୍ଣନା କରିବା ସହ ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ୱାଟରଏଡ, ପିସିଆଇ ଇଣ୍ଡିଆ, ପିରାମାଲ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ, ଓଡ଼ିଶା ଲାଇଭ, ନାୱୋ ପ୍ଲସ, ୟୁନିସେଫ, ସିୱାଇଏସଡି, ଭ୍ୟୁଜ୍ ଇଣ୍ଡିଆ, ୟୁଏନଡିପି, ସିଆଇଏଫଏଆର, ପିଜେଏସ, ୱାଟର ଇନିସିଏଟିଭିସ, ଜିତା ଆଦି ଅନୁଷ୍ଠାନର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ଆଇନା' ପକ୍ଷରୁ ହୋଇଥିବା ଋତୁସ୍ରାବ ପରିଚ୍ଛନ୍ନତା ସର୍ଭେ ରିପୋର୍ଟ ଉନ୍ମୋଚିତ ହୋଇଛି।

## ଫୋନ୍ ପେ'ରେ ନେଉଥିଲେ ଲାଞ୍ଚ, ଧରାପଡ଼ିଲେ ୨ ଏମ୍ଆଇ କର୍ମଚାରୀ



**ପାରଳାଖେମୁଣ୍ଡି, ୨୯।୫ (ସଂଚାର ବ୍ୟୁରୋ) :** କ୍ଷୁଦ୍ର ଜଳସେଚନ (ମାଇନର୍ ଇରିଗେସନ୍) ବିଭାଗର ୨ ଜଣ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ କ୍ୟାସିଅର ନରେଶ ପଟ୍ଟନାୟକ ଓ ଆକାଉଣ୍ଟାଣ୍ଟ ସୂରଜ ପ୍ରସାଦ ଜୟସ୍ୱାଲ। ଜଣେ ଠିକାଦାରଙ୍କ ୪ଟି କାମର ବିଲ୍ କରାଇ ଦେବା ପାଇଁ ସେମାନେ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଠିକାଦାରଙ୍କ ପାଖରେ ନଗଦ ଟଙ୍କା ନ ଥିବା ବେଳେ ଅଭିଯୁକ୍ତ ଦ୍ୱୟ ଫୋନ୍ ପେ'କରିଦେବାକୁ କହିଥିଲେ। କିନ୍ତୁ ସେଠାରେ ମହଜୁଦ ଥିବା ଭିଜିଲାନ୍ସ ହାତରେ ଉଭୟ ଧରାପଡ଼ିଯାଇଥିଲେ। ଉଭୟଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ସେମାନଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି।

## ହାର୍ଡକୋର ମାଓବାଦୀ ହିଡ୍‌ମା ଗିରଫ



**କୋରାପୁଟ, ୨୯।୫ (ସଂଚାର ବ୍ୟୁରୋ) :** ଗୁରୁବାର ଭୋର୍‌ରୁ ବୈପାରୀଗୁଡ଼ା ଥାନାର ପେଟିଗୁଡ଼ା ଗ୍ରାମ ନିକଟ ଜଙ୍ଗଲରୁ ଜଣେ ହାର୍ଡକୋର୍ ଏସିଏମ୍ ର୍‍ୟାଙ୍କର ମାଓବାଦୀ ମୋହନ ତଥା କୁଞ୍ଜମ ହିଡ୍‌ମାକୁ କୋରାପୁଟ ଡିଭିଏଫ୍ ପୋଲିସ ଗିରଫ କରିବାରେ ସଫଳ ହୋଇଥିବା ଅପରାହ୍ନରେ ସ୍ଥାନୀୟ ଏସ୍‌ପି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ବୈପାରୀଗୁଡ଼ା ଥାନାର ପେଟିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜୟପୁର ପୋଲିସ ଏସ୍‌ଡିପିଓ ପାର୍ଥ କଶ୍ୟପ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦିବ୍ୟ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ କୋରାପୁଟ ଜିଲା ଡିଭିଏଫ୍ ପୋଲିସ ସର୍ଚ୍ଚ ଅପେରଶନ କରୁଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ ଏବଂ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଯବାନମାନେ କହିଥିଲେ କିନ୍ତୁ ଏହାକୁ ନଶୁଣୀ ମାଓବାଦୀ ପକ୍ଷରୁ ହଠାତ୍ ପୋଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରାଯାଇଥିଲା। ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଏହିସମୟରେ ମାଓବାଦୀ ମୋହନ ସମେତ ତା'ର ୩ ସହଯୋଗୀ ଆନ୍ଧ୍ରକୁ ଖସି ଚାଲିଯିବାକୁ ଚେଷ୍ଟା କରୁଥିବା ବେଳେ ମୋହନକୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲେ। ଗିରଫ ମୋହନଙ୍କ ନିକଟରୁ ଏକେ ୪୭ ରାଇଫଲ ସହ ୩୫ ରାଉଣ୍ଡ ଗୁଳି, ଏକ ମାଗାଜିନ,୨୭ଟି ଇଲୋକ୍ଟ୍ରୋନିକ୍ ଡିଟୋନେଟର ସହ ବହୁ ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ମୋହନଙ୍କ ନାମରେ କୋରାପୁଟ ଜିଲାରେ ୪ଟି ମାମଲା ଓ ମାଲକାନଗିରି ଜିଲାରେ ୩ଟି ମାମଲା ରହିଥିବା ବେଳେ ଛତିଶଗଡ଼ ରାଜ୍ୟରେ ବହୁ ଘଟଣାରେ ଜଡ଼ିତ ବୋଲି ଏସ୍‌ପି କହିଛନ୍ତି। ମୋହନ ଗତ ୨୦୦୭ରେ ମାତ୍ର ୧୪ ବର୍ଷ ବୟସରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲା। ଆନ୍ଧ୍ର ଓଡ଼ିଶା ବୋର୍ଡର ଜୋନାଲ କୋରାପୁଟ ପୋଲିସକୁ ମିଳିଛି ବଡ଼ ସଫଳତା। ଓଡ଼ିଶା ଓ ଛତଶଗଡ଼ ରାଜ୍ୟରେ ମାଓବାଦୀ ଦମନ ଅପରେଶନକୁ ଜୋରଦାର କରାଯାଇଛି। ପୋଲିସର ଗୋଇନ୍ଦା ଶକ୍ତିଶାଳୀ ହୋଇପଡ଼ିଛି। ଫଳରେ ମାଓବାଦୀମାନେ ଚଳପ୍ରଚଳ ହେଲେ ପୋଲିସ ବାହିନୀକୁ ତୁରନ୍ତ ସୂଚନା ମିଳୁଛି। ଏହି ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଜୟପୁର ପୋଲିସ ଏସ୍‌ଡିପିଓ ପାର୍ଥ କଶ୍ୟପ ଉପସ୍ଥିତ ଥିଲେ।

## ଆଗୁଆ ସନ୍ତକ, ଡାକ୍ତରଙ୍କୁ କୈଫିୟତ

**ଭୁବନେଶ୍ୱର,୨୯।୫:** ଡାକ୍ତରମାନେ କିଭଳି ଠିକଣା ସମୟରେ ଆସି ରୋଗୀଙ୍କୁ ଚିକିତ୍ସା କରିବେ ଓ ଧାର୍ଯ୍ୟ ସମୟରେ ଡାକ୍ତରଖାନା ଛାଡିବେ ସେଥିପାଇଁ ବାୟୋମେଟ୍ରିକ ଯନ୍ତ୍ର ସ୍ଥାପନଠାରୁ ଆରମ୍ଭ କରି ଦସ୍ତଖତ ବ୍ୟବସ୍ଥା ରହିଛି। ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ତାଳେ ତାଳେ ଗଲେ ଡାକ୍ତରମାନେ ପତ୍ରେ ପତ୍ରେ ଯାଉଛନ୍ତି। ଦସ୍ତଖତ ଖାତାରେ ଦିନକ ଆଗରୁ ସନ୍ତକ ଦେଇ ଦେଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସଚୂନାନୁଯାୟୀ ଏଭଳି ଆଗୁଆ ସନ୍ତକ ଦେଇଥିବା ୨୦ରୁ ଅଧିକ ଡାକ୍ତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଏହି ସୂଚନା ଅନୁଯାୟୀ ନୋଟିସ୍‌ର ସମ୍ମୁଖୀନ ହୋଇଥିବା ଡାକ୍ତରମାନଙ୍କ ମଧ୍ୟରୁ କେତେ ରେଜିଷ୍ଟରରେ ଆଗୁଆ ଦସ୍ତଖତ ମାରିଛନ୍ତି। ଯେହେତୁ ଦସ୍ତଖତ ଅଛି ତେଣୁ ବାୟୋମେଟ୍ରିକ ଉପରେ ସେତେଟା ଗୁରୁତ୍ୱ ଦିଆଯିବନାହିଁ।

ହେଲେ ଆଗୁଆ ସନ୍ତକ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଏଭଳି କୈଫିୟତ ତଲବ ହୋଇଛି। କାରଣ ରେଜିଷ୍ଟରରେ ଦସ୍ତଖତ କରିଥିବା ଡାକ୍ତରଙ୍କର ଯଦି କୌଣସି କାରଣରୁ କିଛି ଅଘଟଣ ଘଟେ ତେବେ ଏଥିପାଇଁ କିଏ ଦାୟୀ ରହିବ? ଯଦି ସମ୍ପୃକ୍ତ ଡାକ୍ତର କୌଣସି ଘରୋଇ ଚିକିତ୍ସାଳୟରେ କିଛି ଅଘଟଣ ଘଟାନ୍ତି ସେଥିପାଇଁ ତାଙ୍କୁ ଆଇନ୍‌ଗତ ଭାବେ ଦାୟୀ କରାଯାଇ ପାରିବନାହିଁ। କାରଣ ରେକର୍ଡରେ ସେହି ଡାକ୍ତର ସରକାରୀ ସେବାରେ ରହିଥିବା ଦର୍ଶାଇ ସହଜରେ ଖସିଯିବେ। ଉଲ୍ଲେଖନୀୟ ଯେ କ୍ୟାପିଟାଲ ହସ୍ପିଟାଲରେ ଏବେ ରୋଗୀମାନଙ୍କୁ



ଦିନସାରା ଆଉଟଡୋର ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏଥିସହ ଜରୁରୀ ସେବା ବି ରହିଛି। ତେଣୁ ଡାକ୍ତରମାନଙ୍କୁ ଉପସ୍ଥିତ ରହିବାକୁ କୁହାଯାଉଛି। କାଳେ ଡାକ୍ତର ଅନୁପସ୍ଥିତ ରହିବେ, ସେଥିପାଇଁ କର୍ତ୍ତୃପକ୍ଷ ବାୟୋମେଟ୍ରିକ ମେସିନ ବସାଇବା ସହିତ ରେଜିଷ୍ଟରରେ ଦସ୍ତଖତ କରିବାର ନିୟମ ରହିଛି। ପ୍ରଥମେ ବାୟୋମେଟ୍ରିକରେ ଟିପ ଦେବେ ଓ ପରେ ରେଜିଷ୍ଟ୍ରାରରେ ସନ୍ତକ ଦେବେ ।

ଏବେ ୨୦ରୁ ଅଧିକ ଡାକ୍ତରଙ୍କୁ କୈଫିୟତ ମଗାଯିବା ପରେ ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିବାରେ ଲାଗିଛି। ଏହି ଡାକ୍ତରମାନେ କ'ଣ ପାଇଁ ଦିନକ ଆଗରୁ ଦସ୍ତଖତ ମାରୁଥିଲେ ପରବର୍ତ୍ତୀ ଦିନ ଡାକ୍ତରଖାନା ଆସୁଥିଲେ କି ନାହିଁ ତାହା ତଦନ୍ତ ସାପେକ୍ଷ। ଏଥିସହିତ ସମ୍ପୃକ୍ତ ଡାକ୍ତରମାନେ ମେଡିକାଲରେ ଉପସ୍ଥିତ ରହିବା ସମୟରେ ଘରୋଇ ଚିକିତ୍ସାରେ ଲିପ୍ତ ରହିଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ଉଲ୍ଲେଖନୀୟ ଯେ କ୍ୟାପିଟାଲ ହସ୍ପିଟାଲ ଆଖପାଖରେ ମାଳ ମାଳ ଘରୋଇ ଡାକ୍ତରଖାନା ଖୋଲିବାବାରେ ଲାଗିଥିବାବେଳେ ଏଠାରେ ଡାକ୍ତରମାନେ ସରକାରୀ କାର୍ଯ୍ୟ ସମୟରେ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହୋଇଥାଏ। ଏହିସବୁ ଘରୋଇ ଡାକ୍ତରଖାନାକୁ କ୍ୟାପିଟାଲ ହସ୍ପିଟାଲରୁ କିଭଳି ରୋଗୀମାନେ ଯିବେ, ସେଥିପାଇଁ ଦଲାଲମାନେ ସକ୍ରିୟ ଥାନ୍ତି। ତେବେ କିଛିଦିନ ଧରି କମିଶନରେଟ ପୁଲିସ୍ ଦଲାଲମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇବାରୁ ସେମାନଙ୍କ ଦୌରାତ୍ମ୍ୟ କମିଥିବା ବେଳେ ଡାକ୍ତରମାନଙ୍କୁ କୈଫିୟତ ମଗାଯିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। (ତଥ୍ୟ)

## ଲକ୍ଷପତି ଦିଦି ନବୀନ ବହିରେ ବିଜେପି ମଲାଟ: ବିଜେଡି




**ଭୁବନେଶ୍ୱର,୨୯।୫(ସଂଚାର ବ୍ୟୁରୋ):** ସରକାରଙ୍କ ଲକ୍ଷପତି ଦିଦି ଯୋଜନାକୁ ନବୀନଙ୍କ ବହିରେ ବିଜେପି ମଲାଟ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। କ୍ଷମତାକୁ ଆସିବା ପରଠାରୁ ବିଜେପି କେବଳ ନବୀନ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିଆସୁଥିବା ବେଳେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ତା'ର ଏକ ନମୁନା ବୋଲି ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର। ସେ କହିଛନ୍ତି ଯେ ବର୍ଷକ ଭିତରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଦାବି ହାସ୍ୟାସ୍ପଦ। କାହାକୁ ଲକ୍ଷପତି ଦିଦି ଭାବେ ବିଚାର କରାଯାଉଛି, ସରକାର ସେନେଇ କିଛି ବି ସ୍ପଷ୍ଟ କରିନାହାନ୍ତି। କ'ଣସବୁ ପଦକ୍ଷେପ ନିଆଯାଇଛି, ତା'ର ମଧ୍ୟ ସୂଚନା ନାହିଁ। ବିଜେପି ସରକାର ବଜେଟରେ ମିଶନ ଶକ୍ତି ପାଇଁ ୧୫୯୦ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଏହା ୨୦୨୩-୨୪ରେ ୩୩୧୬ କୋଟି ଥିଲା। ବଜେଟର ଅର୍ଥ ବରାଦ କମିଥିବା ବେଳେ ଲକ୍ଷପତି ଦିଦି ସଂଖ୍ୟା କେମିତି ୧୬ ଲକ୍ଷ କିପରି ହେଲା ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ଡ. ସାମନ୍ତସିଂହାର ଆହୁରି କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ନବୀନ ସରକାରଙ୍କ ଦ୍ୱାରା ୨୦୦୧ରେ ମିଶନ ଶକ୍ତି ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳା ସଶକ୍ତ ହୋଇପାରିଥିଲେ। ମହିଳା ଏସଏଚଜିମାନଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ଋଣ ଦିଆଯାଉଥିଲା। ମହିଳା ଏସଏଚଜିମାନଙ୍କୁ ଓଡ଼ିଶା ସରକାରଙ୍କ ୩୨ଟି ବିଭାଗରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ନବୀନଙ୍କ ଦୂରଦର୍ଶୀ ନେତୃତ୍ୱରେ ହୋଇଥିବା ମହିଳା ସଶକ୍ତକରଣ ନୀତିର ଫଳସ୍ୱରୂପ ଓଡ଼ିଶାରେ ମହିଳାମାନେ ଅଧିକ ସଶକ୍ତ ହୋଇପାରିଥିଲେ। ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ମହିଳାଙ୍କୁ ଆଜି ବିଜେପି ଲକ୍ଷପତି ଦିଦି ବୋଲି କହି ମିଛରେ ଶ୍ରେୟ ନେବାକୁ ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## କୋଟିପତି ଯନ୍ତ୍ରୀଙ୍କ ଅମାପ ସମ୍ପତ୍ତି

- ପ୍ଲଟ୍ ଓ ଫ୍ଲାଟ୍ ସହ ୫୦ ଲକ୍ଷର ବ୍ୟାଙ୍କ ଓ ବୀମା ଠାବ

**ଭୁବନେଶ୍ୱର,୨୯।୫ (ସଂଚାର ବ୍ୟୁରୋ) :** ରାୟଗଡ଼ା ଅଧୀକ୍ଷଣ ଯନ୍ତ୍ରୀଙ୍କ ବିପୁଳ ସମ୍ପତ୍ତି ଠାବ କଲା ଭିଜିଲାନ୍ସ । ଯନ୍ତ୍ରୀ ସହଦେବ କିଶାନଙ୍କ ସମ୍ବଲପୁରରେ ୨ଟି ଦାମୀ ପ୍ଲଟ୍ ଠାବ ହୋଇଛି। ଏଥିସହ ୫୦ ଲକ୍ଷର ବ୍ୟାଙ୍କ ଓ ବୀମା ଡିପୋଜିଟ୍ ସହ ୧୦୦ ଗ୍ରାମ ସୁନା ଜବତ କରିଛି ଭିଜିଲାନ୍ସ ଟିମ୍। ଏଥିସହ ୧୦ ଲକ୍ଷ ଟଙ୍କାର ଆସବାବପତ୍ର ମଧ୍ୟ ଠାବ କରିଛି ଭିଜିଲାନ୍ସ। ଗତକାଲି ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଥିଲେ ଯନ୍ତ୍ରୀ ଶ୍ରୀ କିଶାନ୍। ଏହାପରେ ଯନ୍ତ୍ରୀଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗତ ୨୩ ତାରିଖରେ ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ନୂଆପଡ଼ା ଆର୍ ଆଣ୍ଡ ବି କନିଷ୍ଠ ଯନ୍ତ୍ରୀଙ୍କ ବିଭିନ୍ନ ଠିକଣାରେ ରେଡ୍ ହୋଇଥିଲା । ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କ ପାଖରୁ ଏମିତି ବିପୁଳ ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ। ଇଞ୍ଜିନିୟର ସୁଶାନ୍ତଙ୍କ ପୁଳା ପୁଳା ଦାମୀ ପ୍ଲଟ ସହ, କୋଠା, ଫାର୍ମହାଉସ୍ ଏମିତି କେତେ କ'ଣ ଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ଗଙ୍ଗୋତ୍ରୀ ନଗରରେ ଥିବା ୩ ମହଲା ବିଶିଷ୍ଟ ବହୁତଳ ପ୍ରାସାଦ, ୨୫ ଶହ ବର୍ଗଫୁଟ ଜମି ଓ ୬୫ ଶହ ବର୍ଗଫୁଟରେ ତିଆରି କୋଠାରେ ପାଖାପାଖି ୫ରୁ ୬ଟି ପରିବାରକୁ ଭଡା ସୂତ୍ରରେ ଘର ଦିଆଯାଇଥିବା ଜଣାପଡ଼ିଥିଲା। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀଙ୍କ ଉପରେ ମଧ୍ୟ ନଜର ରଖିଛି ଭିଜିଲାନ୍ସ।

# ବର୍ଷପୂର୍ତ୍ତି ଘୋଷଣା, ଚାହିଁଛନ୍ତି ଆଶା ଓ ଅଙ୍ଗନବାଡି କର୍ମୀ

**ଭୁବନେଶ୍ୱର, ୨୯।୫ (ସଂଚାର ବ୍ୟୁରୋ) :** ଆଶାକର୍ମୀମାନେ ସ୍ଥାୟୀ ଚାକିରି ପାଇବା ପାଇଁ ଆଶାବାନ୍ଧି ବସିଥିବା ବେଳେ ଅଙ୍ଗନବାଡି କର୍ମୀମାନେ ମାସିକ ୧୨ହଜାର ଟଙ୍କା ବେତନ ପାଇବାକୁ ବି ଆଶା ରଖିଛନ୍ତି। ଓଡିଶାରେ ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ପୂର୍ବରୁ ଏଭଳି ଘୋଷଣା ପାଇଁ ଚାତକ ଭଳି ଆଶାଦିଦି, ଅଙ୍ଗନବାଡି ଦିଦି ଓ ଅଙ୍ଗନବାଡି ସହାୟିକାମାନେ ଅନାଇ ରହିଛନ୍ତି । ସେମାନେ କହୁଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନବେଳେ ନିର୍ବାଚନୀ ପ୍ରତିଶ୍ରୁତି ଆକାରରେ ବିଜେପି ପକ୍ଷରୁ ଯେଉଁ ସଙ୍କଳ୍ପପତ୍ର ଘୋଷଣା କରାଯାଇଥିଲା ସେଥିରେ ଆଶାକର୍ମୀମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଅର୍ନ୍ତଭୁକ୍ତ କରି ସ୍ଥାୟୀ ନିଯୁକ୍ତି ଦେବାଲାଗି ସ୍ପଷ୍ଟ ଉଲ୍ଲେଖ ଥିଲା । ସେହିପରି ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କ ମାସିକ ଦରମା ୧୨,୦୦୦ ଟଙ୍କାକୁ ଓ ଅଙ୍ଗନବାଡି ସହାୟିକାଙ୍କ ମାସିକ ଦରମା ୮୦୦୦ ଟଙ୍କାକୁ ବଢାଇବାପାଇଁ ମଧ୍ୟ ବିଜପେି ତାହାର ସଙ୍କଳ୍ପପତ୍ରରେ ଘୋଷଣା କରିଥିଲା ।

ଉଭୟ ଆଶା ଓ ଅଙ୍ଗନବାଡି କର୍ମୀମାନେ ରାଜ୍ୟ ସରକାରଙ୍କ ଉପରେ ଭରସା ରଖିଛନ୍ତି । ସରକାର ଆସିବାର ବର୍ଷେ ପୂରିବାକୁ ଯାଉଥିବା ଅବସରରେ ଏଭଳି ଘୋଷଣା ପାଇଁ ସେମାନେ ଅପେକ୍ଷା କରିବା ସ୍ୱାଭାବିକ । ତେବେ ବିଜେପି ଯାହା କହିଥାଏ ତାହା କରିଦେଖାଏ ବୋଲି ଦଳର ନେତାମାନେ କହୁଛନ୍ତି ।

କ୍ଷମତାକୁ ଆସିବାପରେ ଓଡିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରି ବାର୍ଷିକ ୮ଲକ୍ଷ ଟଙ୍କାରୁ କମ୍ ଆୟକରୁଥିବା ବ୍ୟକ୍ତିମାନଙ୍କୁ ଏଥିରେ ସାମିଲ କରିବାଲାଗି ଯେଉଁ ଘୋଷଣା କରାଯାଇଥିଲା ଇତି ମଧ୍ୟରେ ଓଡିଶା ସରକାର ତାହା ପୂରଣ କରିବା ସହ ବୟୋବନ୍ଦନ ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଲାଗୁ କରାଯାଇଛି।

ତେବେ ରାଜ୍ୟର ଦକ୍ଷିଣ, କେନ୍ଦ୍ରୀୟ ଓ ଉତ୍ତରାଞ୍ଚଳରେ ଆଉ ୩ଟି କର୍କଟ ହସ୍ପିଟାଲ ପ୍ରତିଷ୍ଠା ସହ ସମ୍ବଲପୁରଠାରେ ଓଡ଼ିଶାର ଦ୍ୱିତୀୟ ଏମସ୍ ପ୍ରତିଷ୍ଠା ଲାଗି ଯେଉଁ ଘୋଷଣା କରାଯାଇଥିଲା, ତାହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଦଳୀୟ ନେତାମାନେ କହୁଛନ୍ତି। କେବଳ ଏମସ୍ ନୁହେଁ, ସମ୍ବଲପୁରଠାରେ ଆଉଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ନିର୍ବାଚନୀ ସଙ୍କଳ୍ପର ପ୍ରତିପାଳନ ଲାଗି ସରକାର କାର୍ଯ୍ୟ କରୁଛନ୍ତି ବୋଲି କୁହାଯାଉଛି। ଏହି କ୍ରମରେ ରାଜ୍ୟର ସ୍ୱାସ୍ଥ୍ୟସେବାର ବିକାଶ ଲାଗି ୩ହଜାର ଡାକ୍ତରୀ ପଦବୀ ସୃଷ୍ଟି ସହିତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ୩୬ହଜାର ନୂତନ ଶଯ୍ୟା ବ୍ୟବସ୍ଥା, ପ୍ରତି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁ, ଡାଏଲିସିସ୍ କେନ୍ଦ୍ର ଓ ଅପରେସନ ଥିଏଟର ସେବା ଯୋଗାଇ ଦେବାପାଇଁ ଦିଆଯାଇଥିବା ପ୍ରତିଶ୍ରୁତିର କାର୍ଯ୍ୟକାରିତା ଲାଗି ମଧ୍ୟ ପ୍ରୟାସ ଜାରି ରହିଛି । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ମେଡିକାଲ କଲେଜ, ନର୍ସିଂ କଲେଜ ଓ ସୁପରସ୍ପେଶିଆଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଲାଗି ଦଳ ଯେଉଁ ସଙ୍କଳ୍ପ କରିଥିଲା ତାହା ବି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂରଣ କରାଯିବ ବୋଲି କୁହାଯାଉଛି । (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ପିଏଫ୍‌ଠାରୁ ମାଗଣା ଆଧାର ଅପଡେଟ୍

# ଜୁନ ପହିଲାରୁ ବଦଳିବ ନିୟମ

ନୂଆଦିଲ୍ଲୀ,୨୯।୫: ଜୁନ୍ ୧, ୨୦୨୫ ଠାରୁ, ସାରା ଭାରତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପରିବର୍ତ୍ତନ କାର୍ଯ୍ୟକାରୀ ହେବ, ଯାହା ସଞ୍ଚୟ, କ୍ରେଡିଟ୍ କାର୍ଡ ନିୟମ ଏବଂ ଭବିଷ୍ୟନିଧି ପାଣ୍ଠି (ପିଏଫ୍) ପ୍ରବେଶ ଭଳି ଦିଗଗୁଡ଼ିକୁ ପ୍ରଭାବିତ କରିବ।



**ଲାଇଭ୍ ହେବ ଇପିଏଫ୍‌ଓ ୩.୦:** ସର୍ବାଧିକ ଉଲ୍ଲେଖନୀୟ ପରିବର୍ତ୍ତନ ମଧ୍ୟରେ ଜୁନ୍ ୧ ରୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଦ୍ୱାରା ଅପଗ୍ରେଡ୍ ହୋଇଥିବା ଇପିଏଫ୍‌ଓ ୩.୦ ସିଷ୍ଟମର ଶୁଭାରମ୍ଭ। ଏହି ନୂତନ ସିଷ୍ଟମର ଲକ୍ଷ୍ୟ ହେଉଛି ପିଏଫ୍ ଉଠାଣ ପ୍ରକ୍ରିୟାକୁ ସରଳ କରିବା, ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ଅପଡେଟ୍ ସୁଗମ କରିବା ଏବଂ ଦାବି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା। ଏହି ଅପଡେଟ୍ ର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏଟିଏମ୍ ଭଳି କାର୍ଡ ପ୍ରଚଳନ, ଯାହା ବ୍ୟବହାରକାରୀଙ୍କ ପାଇଁ ଇପିଏଫ୍ ପାଣ୍ଠିକୁ ସହଜ ଏବଂ ଶୀଘ୍ର ପ୍ରବେଶକୁ ସୁବିଧା ପ୍ରଦାନ କରେ। ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ସ୍ଥିର ଜମା (ଏଫଡି) ଉପରେ ସୁଧ ହାର ହ୍ରାସ କରିବାରେ ଅନ୍ୟ ଆର୍ଥିକ ପ୍ରତିଷ୍ଠାନ ସହିତ ଯୋଗ ଦେଇଛି। ୧ ଜୁନ୍, ୨୦୨୫ ଠାରୁ, ବ୍ୟାଙ୍କ ୩ କୋଟି ଟଙ୍କାରୁ କମ୍ ଜମା ପାଇଁ ୪% ରୁ ୮.୪% ପର୍ଯ୍ୟନ୍ତ ସୁଧ ହାର ପ୍ରଦାନ କରିବ, ଯାହା ୩୦ ରୁ ୩୬ ମାସ ମଧ୍ୟରେ ଅବଧି ପାଇଁ ସର୍ବାଧିକ ହାର ପ୍ରଯୁଜ୍ୟ ହେବ। ଉଲ୍ଲେଖଯୋଗ୍ୟ, ୫ ବର୍ଷର ଏଫଡି ପାଇଁ ସୁଧ ହାର ୬୦ ବେସିସ୍ ପଏଣ୍ଟ ହ୍ରାସ ପାଇବ, ଯାହା ୮.୬% ରୁ ୮% କୁ ହ୍ରାସ ପାଇବ। ବ୍ୟାଙ୍କଗୁଡ଼ିକ ପରିବର୍ତ୍ତିତ ଆର୍ଥିକ ପରିସ୍ଥିତି ସହିତ ବଦଳିବା ସହିତ ଏହି ପରିବର୍ତ୍ତନ ବ୍ୟାପକ ବଜାର ଧାରା ପ୍ରତିଫଳିତ କରେ।

**କ୍ରେଡିଟ୍ କାର୍ଡ ନିୟମରେ ପରିବର୍ତ୍ତନ:** ୨୦ ଜୁନ୍, ୨୦୨୫ ଠାରୁ, ଆକ୍ସିସ୍ ବ୍ୟାଙ୍କ ଏହାର ପୁରସ୍କାର କ୍ରେଡିଟ୍ କାର୍ଡରେ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ ଆଣିବ। ମୁଖ୍ୟ ପରିବର୍ତ୍ତନଗୁଡ଼ିକ ମଧ୍ୟରେ ପଏଣ୍ଟ ସଂଗ୍ରହ ନିୟମ, ବାଣିଜ୍ୟ ବର୍ଗ ସଂଶୋଧନ ଏବଂ ପୁରସ୍କାର ପଏଣ୍ଟର ବୈଧତାରେ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ଏହି ଅପଡେଟ୍ କାର୍ଡଧାରକମାନଙ୍କୁ ସେମାନଙ୍କର କାର୍ଡ ଲାଭକୁ ଭଲ ଭାବରେ ବୁଝିବା ଏବଂ ସେମାନଙ୍କ ଖର୍ଚ୍ଚକୁ ଅଧିକ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରିବ।

**ମ୍ୟୁଚୁଆଲ୍ ଫଣ୍ଡ ପାଇଁ ସେବିର ନୂତନ ନିୟମ:** ମ୍ୟୁଚୁଆଲ୍ ଫଣ୍ଡ କ୍ଷେତ୍ରରେ, ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଜୁନ୍ ୧, ୨୦୨୫ ଠାରୁ ରାତିକାଳୀନ ମ୍ୟୁଚୁଆଲ୍ ଫଣ୍ଡ ଯୋଜନା ପାଇଁ କଟ-ଅଫ୍ ସମୟରେ ପରିବର୍ତ୍ତନ ଆଣିଛି। ଅଫଲାଇନ୍ କାରବାର ପାଇଁ ନୂତନ କଟ-ଅଫ୍ ସମୟ ଅପରାହ୍ନ ୩ଟା ଏବଂ ଅନଲାଇନ୍ କାରବାର ପାଇଁ ସନ୍ଧ୍ୟା ୭ଟା ଧାର୍ଯ୍ୟ କରାଯାଇଛି। ଏହି ସମୟ ପରେ କରାଯାଇଥିବା ଯେକୌଣସି ଅର୍ଡର ପରବର୍ତ୍ତୀ କାର୍ଯ୍ୟ ଦିବସରେ ପ୍ରକ୍ରିୟାକରଣ କରାଯିବ ଏବଂ ଆଶା କରାଯାଇଥିବା ପରିବର୍ତ୍ତେ ଭିନ୍ନ ଏନଏଭି ପାଇପାରେ।

**ଆଧାର କାର୍ଡ ଅପଡେଟ୍ ଶେଷ ତାରିଖ:** ଆଧାର ବିବରଣୀ ଅନଲାଇନରେ ଅପଡେଟ୍ କରିବାର ଶେଷ ତାରିଖ ହେଉଛି ଜୁନ୍୧୪, ୨୦୨୫। ଯେଉଁମାନେ ଏହି ତାରିଖ ସୁଦ୍ଧା ସେମାନଙ୍କର ପରିଚୟ ଏବଂ ଠିକଣା ପ୍ରମାଣ ଡକ୍ୟୁମେଣ୍ଟଗୁଡ଼ିକୁ ଅପଡେଟ୍ କରିବାରେ ବିଫଳ ହୁଅନ୍ତି ସେମାନଙ୍କୁ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଅପଡେଟ୍ ପାଇଁ ୨୫ ଟଙ୍କା କିମ୍ବା ଭୌତିକ ଆଧାର କେନ୍ଦ୍ରରେ ୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଏହି ଶେଷ ତାରିଖ ସରକାରୀ ରେକର୍ଡରେ ଅପଡେଟ୍ ବ୍ୟକ୍ତିଗତ ସୂଚନା ବଜାୟ ରଖିବାର ଗୁରୁତ୍ୱକୁ ଗୁରୁତ୍ୱ ଦିଏ। ସାମଗ୍ରିକ ଭାବରେ, ଏହି ନିୟମଗୁଡ଼ିକର କାର୍ଯ୍ୟାନ୍ୱୟନ ଭାରତରେ ଆର୍ଥିକ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଚାଲିଥିବା ପ୍ରୟାସକୁ ପ୍ରତିଫଳିତ କରେ। ଅନୁପାଳନ ସୁନିଶ୍ଚିତ କରିବା ଏବଂ ସେମାନଙ୍କର ଆର୍ଥିକ ଲାଭକୁ ସର୍ବାଧିକ କରିବା ପାଇଁ ଅଂଶୀଦାରମାନଙ୍କୁ ଏହି ପରିବର୍ତ୍ତନଗୁଡ଼ିକୁ ନିକଟରୁ ସମୀକ୍ଷା କରିବାକୁ ଉତ୍ସାହିତ କରାଯାଉଛି।



## ରାଜ୍ୟରେ ହେବ କ୍ରୁଜ୍ ଟର୍ମିନାଲ୍

ଭୁବନେଶ୍ୱର, ୨୯।୫: ରାଜ୍ୟର ସୁଦୀର୍ଘ ବେଳାଭୂମିକୁ ଅର୍ଥନୈତିକ ବିକାଶ ସହ ଯୋଡ଼ିବା ଲାଗି ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ବେଳାଭୂମି ପାର୍ଶ୍ୱରେ ବୃହତ୍ ବନ୍ଦରଠାରୁ ଆରମ୍ଭ କରି କ୍ରୁଜ୍ ଟର୍ମିନାଲ୍ ପର୍ଯ୍ୟନ୍ତ ଅନେକ ଅତ୍ୟାଧୁନିକ ଭିତ୍ତିଭୂମି ବିକାଶ କରିବାକୁ ସରକାର ଚାହୁଁଛନ୍ତି। ସେଥିପାଇଁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକମାନଙ୍କ ପାଖରେ ପହଞ୍ଚିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସାମୁଦ୍ରିକ ଭିତ୍ତିଭୂମିରେ ନିବେଶ କରିବା ଲାଗି ବିଶ୍ୱସ୍ତରୀୟ ଡେଭେଲପର ଓ ନିବେଶକଙ୍କଠାରୁ ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଆହ୍ୱାନ କରାଯାଇଛି। ଇଓଆଇ ଦାଖଲ କରିବାର ଶେଷ ତାରିଖ ଜୁନ୍ ୨୩ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ଥିବା ୫୭୪ କିଲୋମିଟର ସୁଦୀର୍ଘ ବେଳାଭୂମିରେ ବନ୍ଦର ସ୍ଥାପନ ପାଇଁ ୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ ରାଜ୍ୟରେ ସବୁଦିନିଆ ଗଭୀର ଜଳ ବନ୍ଦର, କ୍ରୁଜ୍ ଟର୍ମିନାଲ୍ ଓ ମାରିନା, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା ଏବଂ କଣ୍ଟେନର୍ ଟର୍ମିନାଲ୍‌ରେ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଆହ୍ୱାନ ଦିଆଯାଇଛି। ଆସନ୍ତା ଜୁନ୍ ୫ରେ ଏନେଇ ଭୁବନେଶ୍ୱରରେ ଏକ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। କିଛି ମାସ ପୂର୍ବେ ପୁରୀର ବାଲିହରଚଣ୍ଡି ନିକଟରେ ଏକ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ କରିବାକୁ କୋଲକାତାର ଶ୍ୟାମ ଗ୍ରୁପ୍ ଓ ସେଞ୍ଚୁରି ପ୍ଲାଏବୋର୍ଡ ଇଣ୍ଡିଆ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

## ଭାରତ ଛାଡ଼ିବନି ନିସାନ ମୋଟର




ନୂଆଦିଲ୍ଲୀ, ୨୯।୫: ନିସାନ ମୋଟର ଭାରତ ଛାଡ଼ିବ ନାହିଁ। କମ୍ପାନିର ଏମ୍‌ଡି ସୌରଭ ବାତ୍ସା ଏହା ସ୍ପଷ୍ଟ କରିଛନ୍ତି। ଭାରତରେ ରେନୋ ଓ ନିସାନ ମିଳିତ ଭାବେ 'ରେନୋ ନିସାନ ଅଟୋମୋଟିଭ୍ ଇଣ୍ଡିଆ' ଯୌଥ ଉଦ୍ୟୋଗ ସ୍ଥାପନ କରି କାରବାର କରୁଥିଲେ। ସେହି ଉଦ୍ୟୋଗର ଅଂଶଧନ ହ୍ରାସ ପରେ ନିସାନ୍ ଭାରତ ଛାଡ଼ିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତାହାକୁ ସେ ଖଣ୍ଡନ କରିଛନ୍ତି। କମ୍ପାନି ୨୦୨୭ ସୁଦ୍ଧା ଭାରତରେ ତିନିଟି ନୂଆ ଉତ୍ପାଦ ଉନ୍ମୋଚନ କରିବା ଲାଗି ଯୋଜନା ରଖିଛି। କେବଳ ସେତିକି ନୁହେଁ, ଚଳିତ ବର୍ଷ ଆଉ ୨୦ଟି ଡିଲର୍‌ସିପ୍ ଖୋଲାଯିବ ବୋଲି ସେ କହିଛନ୍ତି। ଭାରତରେ ନିସାନ ଦୀର୍ଘ ୬୦ ବର୍ଷ ଧରି ବ୍ୟବସାୟ କରୁଛି। ଆମେ ଏହି ବଜାରକୁ ବହୁତ ଭଲ ଭାବେ ଜାଣିଛୁ। ଆମେ ଏଠାରେ ଅଛୁ ଓ ରହିବୁ ବୋଲି ବାତ୍ସା କହିଛନ୍ତି।

## ମାଧବୀଙ୍କୁ ଲୋକପାଳଙ୍କ କ୍ଲିନ୍‌ଚିଟ୍



ନୂଆଦିଲ୍ଲୀ, ୨୯।୫: ଆମେରିକାର ହିଣ୍ଡେନ୍‌ବର୍ଗ ପକ୍ଷରୁ କରାଯାଇଥିବା ଦୁର୍ନୀତି ଅଭିଯୋଗ ମାମଲାରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କୁ ଲୋକପାଳ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି। ଲୋକପାଳ କହିଛନ୍ତି ଯେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ସତ୍ୟତାକୁ ନେଇ କୌଣସି ପ୍ରମାଣ ମିଳିନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଅଭିଯୋଗ କରାଯାଇଥିଲା ବୋଲି ଲୋକପାଳ କହିଛନ୍ତି। ଏହି ଅଭିଯୋଗ ତିଷ୍ଠି ରହିବାର ପ୍ରାଥମିକ ଆଧାର ମଧ୍ୟ ନାହିଁ। ସେବିର ନିୟମିତ ନିଷ୍ପତ୍ତିଗୁଡ଼ିକୁ ଏକ ବୃହତ ଷଡ଼୍‌ଯନ୍ତ୍ର ଭାବେ ଦର୍ଶାଇ ଅଭିଯୋଗ କରାଯାଇଥିଲା ବୋଲି ଲୋକପାଳ କହିଛନ୍ତି। ମାଧବୀ ସେବି ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ବେଳେ ହିଣ୍ଡେନ୍‌ବର୍ଗ ତାଙ୍କ ବିରୋଧରେ ସଙ୍ଗିନ ଦ୍ୱୈତ ସ୍ୱାର୍ଥ ଅଭିଯୋଗ ଆଣିଥିଲା। ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନି ଆଦାନୀ ଗ୍ରୁପ୍ ସହ ସମ୍ପର୍କ ଥିବା କିଛି ସଂସ୍ଥା ସହ ତାଙ୍କର ବ୍ୟବସାୟିକ ସମ୍ପର୍କ ଥିବା ଅଭିଯୋଗ ହୋଇଥିଲା। ମାଧବୀ ତାହାକୁ ଖଣ୍ଡନ ମଧ୍ୟ କରିଥିଲେ। ଆଦାନୀ ଗ୍ରୁପ୍‌ଠାରୁ ପରୋକ୍ଷ ଭାବେ ବ୍ୟବସାୟିକ ଲାଭ ମିଳୁଥିବାରୁ ମାଧବୀ ଆଦାନୀ ବିରୋଧ ତଦନ୍ତକୁ ଠିକ୍ ଭାବେ ପରିଚାଳନା କରୁନଥିବା ହିଣ୍ଡେନ୍‌ବର୍ଗ ଅଭିଯୋଗ କରିଥିଲା। ସେହି ଅଭିଯୋଗଗୁଡ଼ିକର କୌଣସି ଆଧାର ନଥିବା ଲୋକପାଳ କହିଛନ୍ତି।

## ଆମେରିକାକୁ ସତର୍କ କଲେ ରାଜନ



ନୂଆଦିଲ୍ଲୀ, ୨୯।୫: ଆମେରିକା ବିଶ୍ୱବିଦ୍ୟାଳୟରେ ସାରା ବିଶ୍ୱରୁ ପଢ଼ିବା ଲାଗି ଆସୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଯଦି ରାଜନୈତିକ ଉଦ୍ଦେଶ୍ୟ ରଖି କଟକଣା ଲଗାଯିବ, ତେବେ ଦୀର୍ଘକାଳୀନ ଭିତ୍ତିରେ ଆମେରିକା ଅର୍ଥନୀତି ପାଇଁ ତାହା କ୍ଷତିକାରକ ହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି। ସେ କହିଛନ୍ତି ଯେ ବହୁବର୍ଷ ଧରି ଆମେରିକାରେ ଚାଲିଥିବା ନବସୃଜନ ଓ ଅର୍ଥନୈତିକ ନେତୃତ୍ୱ ମୂଳରେ ରହିଛନ୍ତି ବିଦେଶୀ ଛାତ୍ରଛାତ୍ରୀ। କିନ୍ତୁ ବର୍ତ୍ତମାନ ସରକାରଙ୍କ ନୀତି ସେଥିପ୍ରତି ବିପଦ ସୃଷ୍ଟି କରିଛି। ଉଦାହରଣ ଦେଇ ସେ କହିଛନ୍ତି ଯେ ସର୍ଗେଇ ବ୍ରିନ୍ ଜଣେ ବିଦେଶୀ ଛାତ୍ର ଭାବେ ଆମେରିକା ଆସିଥିଲେ ଓ ସେଠାରେ ଗୁଗଲ୍ ପ୍ରତିଷ୍ଠା କରିଥିଲେ ଯାହା ଆମେରିକା ପାଇଁ ଚମତ୍କାର ସାବ୍ୟସ୍ତ ହୋଇଥିଲା। ହ୍ୱାଇଟ୍ ହାଉସ୍ ଓ ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଚାଲିଥିବା ବିବାଦକୁ ନେଇ ରାଜନ ଚିନ୍ତା ପ୍ରକଟ କରିଛନ୍ତି। ଆମେରିକାରେ ଉଚ୍ଚ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ୫.୯ ପ୍ରତିଶତ ଛାତ୍ରଛାତ୍ରୀ ହେଉଛନ୍ତି ବିଦେଶୀ। ୨୦୨୩-୨୪ରେ ୧୧ ଲକ୍ଷ ବିଦେଶୀ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଆମେରିକା ଯାଇଥିଲେ। ସେଥିରୁ ଭାରତ ଅଧିକ ଛାତ୍ରଛାତ୍ରୀ ପଠାଇଥିବା ବେଳେ ଏହା ପଛକୁ ରହିଛି ଚୀନ୍।

## ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଦେଶବିଦେଶର ଉତ୍ପାଦ

ଭୁବନେଶ୍ୱର, ୨୯।୫: ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଜନତା ମଇଦାନରେ ଏକାଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ ଆୟୋଜନ କରାଯାଇଛି। ଏଥିରେ ୨୨ଟି ରାଜ୍ୟ ଓ ୧୦ଟି ଦେଶ ଅଂଶଗ୍ରହଣ କରିଛନ୍ତି। ଏହି ମେଳାରେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍, ଡେଭେଲପର୍, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଶିକ୍ଷା, ଘର ସାଜସଜ୍ଜା ଉତ୍ପାଦମାନ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଆଦି ପ୍ରଦର୍ଶିତ ହୋଇଛି। ପରିଦର୍ଶକମାନେ ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନ ମାର୍ବଲ, ଇରାନର ପର୍ସିଆନ କାର୍ପେଟ୍ ଓ ଗହଣା, କାଶ୍ମୀରର ଆସବାବପତ୍ର, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶର ହସ୍ତତନ୍ତ ସହ ଭାରତୀୟ ହସ୍ତତନ୍ତ ପାଇପାରିବେ। ଖାଦ୍ୟ ଜୋନ୍‌ରେ ଚମ୍ପାରନ୍ ମଟନ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପାଞ୍ଚ ଲକ୍ଷରୁ ଅଧିକ ପରିଦର୍ଶକ ଏହି ୧୧ ଦିନିଆ କାର୍ଯ୍ୟକ୍ରମ ଭରପୁର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରେ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଛନ୍ତି। ଶ୍ରୀ ଗୁପ୍ତା ଓ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ୍ ମେଳା ଆୟୋଜନ କରୁଛି।

## ମୋବାଇଲ୍ ଗେମିଂରେ ୧୦୦% ବୃଦ୍ଧି

ଭୁବନେଶ୍ୱର, ୨୯।୫: ଓଡ଼ିଶାରେ ମୋବାଇଲ୍ ଗେମିଂର ଗ୍ରହଣୀୟତା ଦ୍ରୁତ ଗତିରେ ବଢ଼ୁଛି। ଏକ ତଥ୍ୟ ଅନୁସାରେ ୨୦୨୩ ଓ ୨୦୨୪ରେ ଗେମିଂ ପାଇଁ ଉପଭୋକ୍ତା ପଞ୍ଜୀକରଣରେ ବାର୍ଷିକ ୧୮ ପ୍ରତିଶତ ବୃଦ୍ଧି ଘଟିଥିଲା। କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷରେ ସେଥିରେ ୧୦୦ ପ୍ରତିଶତ ବୃଦ୍ଧି ଘଟିଛି। ରାଜ୍ୟରେ ଗେମିଂ କ୍ଷେତ୍ରରେ ସକ୍ରିୟ ଥିବା ୭୮ ପ୍ରତିଶତ ଲୋକଙ୍କ ବୟସ ୧୮ରୁ ୪୨ ବର୍ଷ ମଧ୍ୟରେ ରହିଛି। ସେହିପରି ଏଭଳି ୧୬ ପ୍ରତିଶତ ଉପଭୋକ୍ତା ରହିଛନ୍ତି ଯେଉଁମାନଙ୍କ ବୟସ ୪୮ ବର୍ଷରୁ ଅଧିକ ରହିଛି। ଏଥିରୁ ଏହା ବୁଝାପଡ଼ୁଛି ଯେ ଗେମିଂର ଗ୍ରହଣୀୟତା ବିଭିନ୍ନ ବୟସ ବର୍ଗରେ ଭିନ୍ନ ଭିନ୍ନ ଥିବା ବେଳେ ଯୁବପିଢ଼ିଙ୍କ ମଧ୍ୟରେ ତାହା ଅଧିକ ଗ୍ରହଣୀୟ ହୋଇପାରିଛି। ଏ ସମ୍ପର୍କରେ ଗେମ୍‌ସକ୍ରାଫ୍ଟର ଷ୍ଟ୍ରାଟେଜିକ୍ ଇନିସିଏଟିଭ୍ ବିଭାଗର ମୁଖ୍ୟ ସୁମନ୍ତ ସେନଗୁପ୍ତା କହିଛନ୍ତି ଯେ ଗେମିଂକୁ ନେଇ



### ୧୮ରୁ ୪୨ ବର୍ଷର ଲୋକ ଅଧିକ ଖେଳୁଛନ୍ତି

ଓଡ଼ିଶାରେ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ପ୍ରମୁଖ ସହରରେ ବେଶ୍ ଉତ୍ସାହ ରହିଛି। ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଉପଲବ୍ଧତା ବଢ଼ିବା ସହ ଗେମିଂ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ସେ କହିଛନ୍ତି ଯେ ଗେମିଂ ହେଉଛି ମନୋରଞ୍ଜନର ଏକ ମାଧ୍ୟମ। ଏହାକୁ ଆୟର ଏକ ଉତ୍ସ ନୁହେଁ। ତେଣୁ ଅର୍ଥ ଲଗାଇ ଯେଉଁମାନେ ଗେମ୍ ଖେଳୁଛନ୍ତି ତାହାକୁ କେବଳ ମନୋରଞ୍ଜନ ଭିତରେ ସୀମିତ ରଖିବା ଉଚିତ୍ ବୋଲି ସେ କହିଛନ୍ତି। ରାଜ୍ୟରେ ରୁମିକଲ୍‌ଚର୍‌ର ଚାହିଦା ବଢ଼ୁଥିବା ନେଇ ସେ ସୂଚନା ଦେଇଛନ୍ତି।

## ବିଦେଶରେ ବଢ଼ୁଛି ରୁପା ଗହଣା ଚାହିଦା

ନୂଆଦିଲ୍ଲୀ,୨୯।୫: ଆମେରିକାର ରିଟେଲ ବଜାରରେ ରୁପା ଗହଣାର ଚାହିଦା ବଡ଼ ଆକାରରେ ବୃଦ୍ଧି ପାଇଛି। ଅନ୍ୟାନ୍ୟ ଦାମୀ ଧାତୁଗୁଡ଼ିକ ତୁଳନାରେ ଏହାର ମଜଭୁତ ବିକ୍ରି ଅଭିବୃଦ୍ଧି ଦେଖିବାକୁ ମିଳିଛି। ସିଲ୍‌ଭର ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ଆମେରିକୀୟ ଗହଣା ରିଟେଲରମାନଙ୍କ ୨୦୨୪ ବର୍ଷର ପ୍ରଦର୍ଶନ ଆଧାରରେ ଏହି

### ଭାରତୀୟ ରୁପା ଗହଣା ରପ୍ତାନିକାରୀଙ୍କ ପାଇଁ ଖୁସି ଖବର

ସର୍ଭେ କରାଯାଇଥିଲା। ତେବେ ଏହା ଭାରତୀୟ ରୁପା ଗହଣା ରପ୍ତାନିକାରୀଙ୍କ ପାଇଁ ଖୁସି ଖବର। ସେମାନଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ସାଧାରଣତଃ ଭାରତ ଆମେରିକାକୁ ୩୨ କୋଟି ଡଲାର ମୂଲ୍ୟର ରୁପା ଗହଣା ରପ୍ତାନି କରିଥାଏ। ସର୍ଭେରୁ ଜଣାପଡ଼ିଛି ଯେ, ୨୦୨୪ରେ ୫୩% ରିଟେଲର ରୁପା ଗହଣା ବିକ୍ରିରେ ଅଭିବୃଦ୍ଧି ହାସଲ କରିଛନ୍ତି। ୨୦୨୨ ସର୍ଭେ ତୁଳନାରେ ଏହା ବଡ଼ ଅଭିବୃଦ୍ଧି। ରିପୋର୍ଟ ଅନୁସାରେ, ରୁପା ଗହଣା ରିଟେଲରମାନେ ସେମାନଙ୍କ ଇନ୍‌ଭେଣ୍ଟୋରୀରେ ବ୍ୟାପକ ବୃଦ୍ଧି କରିଛନ୍ତି। ୭୧% ରିଟେଲର ୨୦୨୪ରେ ସେମାନଙ୍କ ରୁପା ଗହଣା ଷ୍ଟକ୍‌କୁ ହାରାହାରି ୧୫% ବଢ଼ାଇଛନ୍ତି। ଏହା ୨୦୨୨ ତୁଳନାରେ ୧୦% ଅଭିବୃଦ୍ଧି।



### ଆଜିର ସୁନା ରୁପା ଦର



ସୁନା କିଣିବାର ଆଜି ଅଛି ସୁବର୍ଣ୍ଣ ସୁଯୋଗ। କିଣିବା ପୂର୍ବରୁ ନଜର ପକାନ୍ତୁ ଓଡ଼ିଶା ସମେତ ପ୍ରମୁଖ ସହର ଗୁଡିକରେ କେତେ ରହିଛି ଆଜିର ଦର। ଆଜି ସାମାନ୍ୟ କମିଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୮ ହଜାର ୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୮ ହଜାର ୯୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୮, ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୧୯୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୮, ୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୦୪୦ ଓ ୮୮, ୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି।

### ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୯୮ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୬ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।





# ପରିବେଶ



# କମିଯିବ ଧାନ, ଗହମ ଉତ୍ପାଦନ!

ଜଳବାୟୁରେ ଦେଖାଦେଇଥିବା ପରିବର୍ତ୍ତନର ପ୍ରଭାବ ହେତୁ ଭାରତରେ ଧାନ ଓ ଗହମ ଉତ୍ପାଦନରେ ୧୦ ପ୍ରତିଶତ ଯାଏ ହ୍ରାସ ଘଟିବ ବୋଲି ପୂର୍ବାନୁମାନ କରାଯାଇଛି। ଫଳରେ ଆଗକୁ କୋଟି କୋଟି ଲୋକଙ୍କର ଖାଦ୍ୟ ଚାହିଦା ଭରଣା କରିବା କଷ୍ଟକର ହୋଇପଡ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଚିନ୍ତା ପ୍ରକଟ କରିଛନ୍ତି।

ଏଥି ସହିତ ପାଣିପାଗ ପରିବର୍ତ୍ତନର ଅନ୍ୟତମ ପ୍ରଭାବ ସ୍ୱରୂପ, ସମୁଦ୍ରଜଳ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଫଳରେ ମାଛମାନେ କୂଳ ଛାଡ଼ି ଗଭୀର ତଥା ଶୀତଳ ଅଞ୍ଚଳକୁ ସ୍ଥାନାନ୍ତରିତ ହେବାରେ ଲାଗିଛନ୍ତି, ଯାହା ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ ସଂକଟ ଆଣିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଗହମ ଉତ୍ପାଦନ ୧୧.୩୩ କୋଟି ମେଟ୍ରିକ୍ ଟନ୍ ରହିଥିଲା, ଯାହା ସମଗ୍ର ବିଶ୍ୱର ଗହମ ଉତ୍ପାଦନର ୧୪ ପ୍ରତିଶତ। ସେହିପରି ଭାରତରେ ଧାନ ଉତ୍ପାଦନ ସର୍ବାଧିକ ୧୩.୭ କୋଟି ମେଟ୍ରିକ୍ ଟନ୍‌ରେ ପହଞ୍ଚିଥିଲା। ଏଣେ ନାସନାଲ୍ ଇନୋଭେସନ୍‌ସ ଇନ୍ କ୍ଲାଇମେଟ୍ ରେଜିଲିଏଣ୍ଟ୍ ଏଗ୍ରିକଲଚର୍ (ନିକ୍ରା)ର ଆକଳନ ଅନୁଯାୟୀ, ଚଳିତ ଶତାବ୍ଦୀର ଶେଷ ଆଡ଼କୁ ଦେଶର ଗହମ ଉତ୍ପାଦନ ୬ରୁ ୨୫ ପ୍ରତିଶତ କମି ଆସିଥିବ ଏବଂ ସେହିପରି ୨୦୫୦ ବେଳକୁ ଧାନ ଉତ୍ପାଦନରେ ୭ ପ୍ରତିଶତ ଯାଏ ଓ ୨୦୮୦ ବେଳକୁ ୧୦ ପ୍ରତିଶତ ହ୍ରାସ ଦେଖାଯିବ। ସାମ୍ପ୍ରତିକ ସ୍ଥିତିରେ ଦେଶର ୧୪୦ କୋଟି ଲୋକଙ୍କର ପ୍ରଧାନ ଖାଦ୍ୟଶସ୍ୟ ହେଉଛି ଧାନ ଓ ଗହମ। ସେହିପରି ବିଭିନ୍ନ ସରକାରୀ ଯୋଜନାରେ ରିହାତିଯୁକ୍ତ ଖାଦ୍ୟଶସ୍ୟ ଉପରେ

**ପାଣିପାଗ ପରିବର୍ତ୍ତନର ଅନ୍ୟତମ ପ୍ରଭାବ ସ୍ୱରୂପ, ସମୁଦ୍ରଜଳ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଫଳରେ ମାଛମାନେ କୂଳ ଛାଡ଼ି ଗଭୀର ଜଳ ଥିବା ଶୀତଳ ଅଞ୍ଚଳକୁ ସ୍ଥାନାନ୍ତରିତ ହେବାରେ ଲାଗିଛନ୍ତି, ଯାହା ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ ସଂକଟ ଆଣିଛି।**

ନିର୍ଭର କରୁଥିବା ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଚାହିଦା ମଧ ଏଥିରୁ ଭରଣା ହୋଇଥାଏ। ସୁତରାଂ ଧାନ ଓ ଗହମ ଉତ୍ପାଦନରେ ଏଭଳି ହ୍ରାସ ଦେଶର ଚାଷୀ ଏବଂ ଖାଦ୍ୟ ସୁରକ୍ଷା ଉପରେ ଭୀଷଣ ଭାବରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। ସେହିପରି ବୈଶ୍ୱିକ ଉତ୍ତପ୍ତୀକରଣ ଯୋଗୁଁ ଉତ୍ତରପଶ୍ଚିମ ଭାରତରେ ହୋଇ ଆସୁଥିବା ଶୀତଦିନିଆ ବର୍ଷା ଓ ବରଫପାତରେ ବିଭ୍ରାଟ ଘଟୁଛି। ଫଳରେ ହିମାଳୟ ଅବବାହିକାରେ ବସବାସ କରୁଥିବା ଲୋକେ ନିକଟ ଭବିଷ୍ୟତରେ ଭୟାବହ ଜଳାଭାବର ସମ୍ମୁଖୀନ ହେବା ଆଶଙ୍କାକୁ ମଧ ଦୂରେଇ ଦିଆଯାଇନପାରେ।

# ବର୍ଜ୍ୟ ବିରୋଧରେ ନୀଳିମାଙ୍କ ଯୁଦ୍ଧ



ପୋଲାର୍ ଏକ୍ସପ୍ଲୋରର୍ ରୋବର୍ଟ ସ୍ୱାନ୍ କହିଛନ୍ତି, "ଆମ ଗ୍ରହକୁ ଆସି ଆଉ କେହି ଏହାକୁ ରକ୍ଷା କରିବେ, ଏଭଳି ଭାବନା ହିଁ ପୃଥିବୀ ପାଇଁ ଏବେ ସବୁଠାରୁ ବଡ଼ ବିପଦ ପାଲଟିଛି।" ଅର୍ଥାତ୍ ଆମ ପୃଥିବୀର ସୁରକ୍ଷା ଆମ ହାତରେ। କିନ୍ତୁ ଦିନକୁ ଦିନ ବଢ଼ିଚାଲିଥିବା ଔଦ୍ୟୋଗିକ ବର୍ଜ୍ୟ, ପ୍ଲାଷ୍ଟିକ୍ ଓ ଘରୋଇ ଆବର୍ଜନା ଏବେ ବୈଶ୍ୱିକ ଚିନ୍ତାର କାରଣ ପାଲଟିଛି। ଯେଉଁଠାରେ ଦେଖିବ ଏବେ କୁଢ଼ କୁଢ଼ ଅଳିଆ ସାଙ୍ଗକୁ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ ଓ ପଲିଥିନ୍‌ର ବିଶାଳ ପାହାଡ଼। ଏସବୁର ଉପଯୁକ୍ତ ପରିଚାଳନାର ଉଦ୍ଦେଶ୍ୟ ନେଇ ନୀଳିମା ମିଶ୍ର ଆରମ୍ଭ କରିଛନ୍ତି ତାଙ୍କର ଷ୍ଟାର୍ଟ-ଅପ୍ 'ସାଏବା ଗ୍ରିନ୍ ସଲ୍ୟୁସନ୍'।




ଏଥିରେ ସେ ଶୁଖିଲା ଓ ଓଦା ବର୍ଜ୍ୟ ପରିଚାଳନା ନେଇ କାମ କରୁଥିବା ବେଳେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରଛାତ୍ରୀ, କର୍ପୋରେଟ ଅନୁଷ୍ଠାନ ଆଦିକୁ ଯାଇ ଆବର୍ଜନା ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ନୀଳିମା କହିଛନ୍ତି, ୨୦୧୯ ମସିହାରେ ସେ ଉତ୍ତର ମେରୁ ପରିଭ୍ରମଣରେ ଯାଇଥିଲେ। ସେଠାରେ ସେ ପାହାଡ଼ ଭଳି ଆବର୍ଜନା ପଡ଼ିଥିବା ଦେଖିଥିଲେ, ତାହା ତାଙ୍କୁ ବିଚଳିତ କରିଥିଲା। ସେଠାରୁ ଭୁବନେଶ୍ୱର ଫେରିବା ପରେ ସହର ସାରା ଅଳିଆ ଆବର୍ଜନା ପଡ଼ିଥିବା ଦେଖିଥିଲେ। ପୁଣି ଏହାକୁ ଗାଈଗୋରୁ ଖାଇ ମୃତ୍ୟୁମୁଖରେ ପଡ଼ିବା ତାଙ୍କୁ ବ୍ୟଥିତ କରିଥିଲା। ଅନେକ ଏହି ଅଳିଆରେ ନିଆଁ ଲଗାଇ ଦେଉଥିଲେ। ନ ହେଲେ ସେ ଅଳିଆ ରାସ୍ତାରେ ସେମିତି ଗଦା ହୋଇ ରହିବା ଫଳରେ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ମଧ ରହୁଥିଲା।

ଏଣୁ ସହରକୁ ଆବର୍ଜନାମୁକ୍ତ କରିବାକୁ ତଥା ଆବର୍ଜନାର ଉପଯୁକ୍ତ ପରିଚାଳନା ଲାଗି 'ସାଏବା ଗ୍ରିନ୍ ସଲ୍ୟୁସନ୍' ଆରମ୍ଭ କରିଥିଲେ ନୀଳିମା। ଏଥିସହ ସେ ଡୋର୍‌ଷ୍ଟେପ୍ ଡ୍ରାଏ ୱେଷ୍ଟ କଲେକ୍‌ସନ୍ ସର୍ଭିସ୍ ଅର୍ଥାତ୍ ଦ୍ୱାର ଦ୍ୱାର ବୁଲି ଶୁଖିଲା ଅଳିଆ ସଂଗ୍ରହ ସେବା ପାଇଁ ମୋବାଇଲ୍ ଆପ୍ 'ରିସାଇକଲ୍ ପେ'ର ଶୁଭାରମ୍ଭ କରିଛନ୍ତି। ଏହି ଆପ୍ ଦ୍ୱାରା ଜଣେ ନିଜ ଘର ବା କାର୍ଯ୍ୟାଳୟର ଅଳିଆ ଖାଲି କରିବା ସହ ତାହାକୁ ବିକ୍ରି କରିପାରିବ। ସୂଚନା ପାଇବା ପରେ ଏହି ଆପ୍ ପକ୍ଷରୁ ଏକ ଇଲେକ୍ଟ୍ରିକ୍ ଗାଡ଼ି ସହ କିଛି କର୍ମଚାରୀ ଆସି ପୁନଃପ୍ରକ୍ରିୟାକରଣ ଯୋଗ୍ୟ ଆବର୍ଜନାକୁ ବାଛି ନେବେ ଓ ଓଜନ ଅନୁସାରେ ଟଙ୍କା ପୈଠ କରିବେ। ଏହି ସଂଗୃହୀତ ଅଳିଆକୁ ଅନୁଷ୍ଠାନ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରାଧିକୃତ ସଂସ୍ଥାକୁ ପୁନଃପ୍ରକ୍ରିୟାକରଣ ପାଇଁ ପଠାଇ ଦିଆଯାଇଥାଏ। ଏବେ ଏହି ସେବା କଟକ, ଭୁବନେଶ୍ୱର ଓ ପୁରୀ ସହରରେ ସଫ୍ଟ ଲଞ୍ଚ ହୋଇଛି। ଆଗକୁ ଓଡ଼ିଶାର ଅନ୍ୟ ସହରରେ ବି 'ରିସାଇକଲ୍ ପେ' ସେବା ଯୋଗାଇବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।



# ବିପଦରେ ଚନ୍ଦ୍ର!

**ମହାକାଶ ଅନୁସନ୍ଧାନର ଏକ ନୂତନ ଯୁଗ ଆରମ୍ଭ ହେବା ସହିତ ପ୍ରାରମ୍ଭିକ ଚନ୍ଦ୍ର ଅବତରଣର ଭୌତିକ ଅବଶେଷ ଆଜି ବିପଦରେ ପଡ଼ିଛି, ଯାହା ସାମୂହିକ ମାନବ ସଫଳତାର ଏହି ସ୍ଥାୟୀ ପ୍ରତୀକଗୁଡ଼ିକୁ ବିନଷ୍ଟ କରିଦେଇପାରେ।**

ବିଶ୍ୱ ଐତିହ୍ୟ ପାଣ୍ଠି (ଡବଲ୍ୟୁଏମ୍ଏଫ୍) ମହାକାଶ ଐତିହ୍ୟର ପ୍ରତୀକ ଚନ୍ଦ୍ରକୁ ତାହାର ବିପଦପୂର୍ଣ୍ଣ ସ୍ଥାନ ତାଲିକାରେ ସାମିଲ କରିଛି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ବିଲୁପ୍ତପ୍ରାୟ ସାଂସ୍କୃତିକ ଐତିହ୍ୟ ସ୍ଥାନଗୁଡ଼ିକପ୍ରତି ଦୃଷ୍ଟି ଆକର୍ଷଣ କରାଇବା ପାଇଁ ଡବଲ୍ୟୁଏମ୍ଏଫ୍ ଏକ ତାଲିକା ପ୍ରକାଶ କରିଥାଏ। ଚଳିତବର୍ଷ ଏହି ତାଲିକାରେ ସ୍ଥାନ ପାଇଥିବା ଭାରତର ମୂଷିନଦୀ ତଟସ୍ଥ କୋଠାବାଡ଼ି, ଗାଜାର ଫେବ୍ରିକ୍ ଗୃହ ଓ ପର୍ତ୍ତୁଗାଲ୍‌ର ଆଶ୍ରମ ସମେତ ବିଶ୍ୱର ୨୫ଟି ସ୍ଥାନ ମଧ୍ୟରେ ଏକମାତ୍ର ମହାକାଶୀୟ ସ୍ଥଳ ତଥା ଆମର ଏକମାତ୍ର ଉପଗ୍ରହ ଚନ୍ଦ୍ର ମଧ ସ୍ଥାନ ପାଇଛି। ଡବଲ୍ୟୁଏମ୍ଏଫ୍ ଦର୍ଶାଇଛି ଯେ, ମହାକାଶ ଅନୁସନ୍ଧାନର ଏକ ନୂତନ ଯୁଗ ଆରମ୍ଭ ହେବା ସହିତ ପ୍ରାରମ୍ଭିକ ଚନ୍ଦ୍ର ଅବତରଣର ଭୌତିକ ଅବଶେଷ ଆଜି ବିପଦରେ ପଡ଼ିଛି, ଯାହା ସାମୂହିକ ମାନବ ସଫଳତାର ଏହି ସ୍ଥାୟୀ ପ୍ରତୀକଗୁଡ଼ିକୁ ବିନଷ୍ଟ କରିଦେଇପାରେ। ମହାକାଶ ଦୌଡ଼ରେ ସାମିଲ ଥିବା ବିଭିନ୍ନ ଦେଶର ଧନୀକ ଗୋଷ୍ଠୀ ଓ ସରକାରଙ୍କ ମଧ୍ୟରେ ମହାକାଶ ଯାତ୍ରା ପାଇଁ ବଢୁଥିବା ଆଗ୍ରହ ସହିତ ଚନ୍ଦ୍ରପୃଷ୍ଠରେ ମାନବ ଅବଶେଷ ପରିବେଶରେ ଗମ୍ଭୀର କ୍ଷତି ପହଞ୍ଚାଇପାରେ। ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ଆପୋଲୋ-୧୧ ଅବତରଣ କରିଥିବା ତଥା ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ପାଦ ଥାପିଥିବା ପ୍ରଶାନ୍ତ ସ୍ଥଳ (ଟ୍ରାଙ୍କୁଲିଟି ବେସ୍) ସମେତ ୯୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଡବଲ୍ୟୁଏମ୍ଏଫ୍ ସତର୍କ କରାଇ ଦେଇଛି। ଆଗାମୀ ମହାକାଶ ଅଭିଯାନ ଓ ଘରୋଇ ଚନ୍ଦ୍ର ଅନୁସନ୍ଧାନଗୁଡ଼ିକରେ ହେବାକୁ ଥିବା ଶୋଷଣମୂଳକ ପରିଦର୍ଶନ, ସ୍ମୃତିକରଣ ଓ ଲୁଣ୍ଠନ ଆଦି ଶେଷରେ ଏହି ପ୍ରାକୃତିକ ଅନନ୍ୟ ସାଂସ୍କୃତିକ ଐତିହ୍ୟର କ୍ଷତି ପହଞ୍ଚାଇପାରେ, କଳାକୃତିକୁ ଅପସାରଣ କରିପାରେ ଏବଂ ଚନ୍ଦ୍ରପୃଷ୍ଠରୁ ପ୍ରସିଦ୍ଧ ଚିହ୍ନ ଓ ଭୂମିରୂପକୁ ସବୁଦିନ ପାଇଁ ଲିଭାଇଦେଇପାରେ ବୋଲି ଡବଲ୍ୟୁଏମ୍ଏଫ୍ ଆଶଙ୍କା ପ୍ରକଟ କରିଛି। ସୂଚନାଯୋଗ୍ୟ, ଆପୋଲୋ ୧୧ର ମହାକାଶଚାରୀମାନେ ଚନ୍ଦ୍ରରେ ଶାନ୍ତିର ପ୍ରତୀକ ଭାବେ ଏକ ସୁବର୍ଣ୍ଣ ତରୁଶାଖା ଛାଡ଼ିଥିବା ବେଳେ ଗତବର୍ଷ ସ୍ପେସ-ଏକ୍ସର ଏକ ରକେଟ୍ ଶିଳ୍ପୀ ଜେଫ୍ କୁନ୍‌ସଙ୍କ ଦ୍ୱାରା ନିର୍ମିତ ୧୨୫ଟି କ୍ଷୁଦ୍ର ମୂର୍ତ୍ତି ଧରି ଚନ୍ଦ୍ରକୁ ଯାଇଥିଲା।

## ଅଙ୍କୁର ବିଚାର

# ପଲିଥିନ୍ ବ୍ୟବହାର ରୋକିବା



ଗାଁରେ ଆମର ଗୋଟେ ଗାଈ ଅଛି-ନାଁ ତା'ର ମାଣିକ। ସେ ଆମ ସମସ୍ତଙ୍କର ବହୁତ ଗେହ୍ଲା। ସବୁଦିନ ସକାଳୁ ଆଈ ତାକୁ ଖାଇବା ଦେବାପରେ ବାହାରକୁ ଛାଡ଼ିଦିଏ ଚରିବା ପାଇଁ। ଦିନେ ତା'ର ଦେହ ବହୁତ ଖରାପ ହେଲା। ପେଟ ଫୁଲିବାକୁ ଲାଗିଲା। ଡାକ୍ତର ଡାକି ଚିକିତ୍ସା ପରେ ଜଣାପଡ଼ିଲା ଆମ ମାଣିକ ପଲିଥିନ୍ ଖାଇଦେଇଛି। ପ୍ରାୟ ଏକ କେଜି ପଲିଥିନ୍ ତା' ପେଟରୁ ବାହାରିଲା। ଆମେ ସମସ୍ତେ ବହୁ ଚିନ୍ତାରେ ରହିଲୁ ତା'ର ଦେହ ଠିକ୍ ହେବା ଯାଏ। ସେଥିପାଇଁ ମନରେ ସବୁବେଳେ ପ୍ରଶ୍ନ ଆସେ ସରକାରଙ୍କଦ୍ୱାରା ହେଉଥିବା ନିୟମ କ'ଣ କେହି ମାନୁ ନାହାନ୍ତି? ପଲିଥିନ୍ ବ୍ୟାନ୍ ଘୋଷଣା କରାଯାଇଛି ସତ କିନ୍ତୁ ଏହାକୁ କେହି ମାନୁ ନାହାନ୍ତି। ଚାରିଆଡ଼େ ପଲିଥିନ୍ ମାଳ ମାଳ ହୋଇ ପଡ଼ି ରହୁଛି, ଯାହାଦ୍ୱାରା ପଲିଥିନ୍ ପ୍ରଦୂଷଣ ବଢୁଛି। ନଦୀ, ନାଳ, ପଡ଼ିଆ ସବୁଆଡ଼ ପଲିଥିନ୍‌ମୟ। ଲୋକମାନଙ୍କ ଅବହେଳା ଗୋରୁଗାଈଙ୍କ ଦେହକୁ ଅସୁସ୍ଥ କରୁଛି। ଏମିତିକି ବହୁ ପଶୁପକ୍ଷୀ ମୃତ୍ୟୁବରଣ କରୁଛନ୍ତି। ଆମେ କ'ଣ ତା' ବଦଳରେ କାଗଜ ବ୍ୟାଗ୍, କପଡ଼ା ବ୍ୟାଗ୍ ବ୍ୟବହାର କରିପାରିନି କି? ସମସ୍ତେ ଏଥିପ୍ରତି ଟିକେ ସଜାଗ ହେବାକୁ ପଡ଼ିବ। ଆମ ଭଳି ପଶୁପକ୍ଷୀଙ୍କର ମଧ ପିଲାପରିବାର ଅଛନ୍ତି। ସେମାନଙ୍କ କଥାକୁ ଆମକୁ ଚିନ୍ତା କରିବାକୁ ପଡ଼ିବ। ଆଜିଠାରୁ କପଡ଼ା ଓ କାଗଜ ବ୍ୟାଗ ବ୍ୟବହାର କରିବା ଆରମ୍ଭ କରିଦେବା।

**- ସୋନାକ୍ଷୀ ସାମଲ, ଅଷ୍ଟମ ଶ୍ରେଣୀ**
**ଜୟଦେବ ଶିଶୁ ମନ୍ଦିର, ସିଆର୍‌ପି, ଭୁବନେଶ୍ୱର**

# ବିଲୁପ୍ତି ଅଭିମୁଖେ ଜଳଚର ଜୀବ

ପରିବେଶ ପତ୍ରିକା 'ନେଚର୍'ରେ ପ୍ରକାଶିତ ଏକ ପରିସଂଖ୍ୟାନ ଜୀବବିଜ୍ଞାନୀମାନଙ୍କୁ ବିବ୍ରତ କରିଛି। ସଦ୍ୟ ଅନୁଧାନ ଅନୁଯାୟୀ, ପୃଥିବୀର ମଧୁରଜଳରେ ରହୁଥିବା ପ୍ରାୟ ୨୫ ପ୍ରତିଶତ ପ୍ରାଣୀ ବିଲୁପ୍ତ ହୋଇଯିବାର ଆଶଙ୍କା ଦେଖାଯାଇଛି। ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ଦ୍ୱାରା ମାଛ ସମେତ ଚିଙ୍ଗୁଡ଼ି ଓ କଙ୍କଡ଼ା ପରି କଠିନ ଆବରଣଯୁକ୍ତ ଜଳଚର ପ୍ରାଣୀ ଏବଂ କଙ୍କି ପରି ପତଙ୍ଗଙ୍କ ସମେତ ୨୩,୪୯୬ ଜାତିର ଜୀବଙ୍କର ସ୍ଥିତିକୁ ପର୍ଯ୍ୟବେକ୍ଷଣ କରି ଏପରି ନିର୍ଯାସ ମିଳିଛି। ଏହି ଚିନ୍ତାଜନକ ଫଳାଫଳ ପର୍ଯ୍ୟାବରଣ ପ୍ରଣାଳୀର ଏହି ଗୁରୁତ୍ୱପୂର୍ଣ୍ଣ ଜାତିର ସଂରକ୍ଷଣର ଗୁରୁତ୍ୱକୁ ଉତ୍ଥାପନ କରିଛି। ପ୍ରଦୂଷଣ ସାଙ୍ଗକୁ ବନ୍ଧ ଜଳ ନିଷ୍କାସନ ଏବଂ କୃଷିରେ କୀଟନାଶକ ପ୍ରୟୋଗ ଯୋଗୁଁ ୩୦ ପ୍ରତିଶତ କଙ୍କଡ଼ା ଜାତୀୟ ପ୍ରାଣୀ, ୨୬ ପ୍ରତିଶତ ମାଛ ଓ ୧୬ ପ୍ରତିଶତ କଙ୍କିଜାତୀୟ ଉଡ଼ନ୍ତା ପତଙ୍ଗ ସବୁଠୁ ଅଧିକ ବିପନ୍ନ ହୋଇପଡ଼ିଥିବା କୁହାଯାଇଛି। ଏହିସବୁ ପ୍ରାଣୀ ମୁଖ୍ୟତଃ ହ୍ରଦ, ନଦୀ ଓ ଆର୍ଦ୍ରଭୂମି ପରି ମଧୁରଜଳ ଇଲାକାରେ ରହି ଆସୁଥିବା ବେଳେ ୧୯୭୦ ପରଠାରୁ ଏହି ମଧୁରଜଳ ଅଞ୍ଚଳ ଆକାରରେ ପ୍ରାୟ ଏକ-ତୃତୀୟାଂଶ ହ୍ରାସ ଘଟିଛି। ଆଫ୍ରିକାର ଭିକ୍ଟୋରିଆ ହ୍ରଦ ଓ ଦକ୍ଷିଣ ଆମେରିକାର ଟିଟିକାକା ହ୍ରଦ ଏହିସବୁ ବିପନ୍ନ ପ୍ରାଣୀଙ୍କ ମୁଖ୍ୟ ଇଲାକା ହୋଇଥିବା ଜଣାଯାଇଛି। ଉଭୟ ହ୍ରଦରେ ପ୍ରଦୂଷଣ ଓ ମାତ୍ରାଧିକ ମାଛଧରା ଯୋଗୁଁ ଏପରି ଜଳଚର ପ୍ରାଣୀଙ୍କ ପାଇଁ ସଂକଟଜନକ ସ୍ଥିତି ଉପୁଜିଛି। ବିଶେଷ କରି ଅଙ୍ଗାର ଆହରଣ ଓ ଖାଦ୍ୟ ସମ୍ବଳ ପରି ଅତ୍ୟାବଶ୍ୟକ ସେବା ପାଇଁ ଏହି ସବୁ ମଧୁରଜଳ ପ୍ରାଣୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ସେମାନଙ୍କର ଏଭଳି ବିପନ୍ନ ସ୍ଥିତି ପରିବେଶ ସନ୍ତୁଳନରେ ବିଭ୍ରାଟ ଆଣିବ ବୋଲି ଜୀବବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। ସେମାନଙ୍କ ଭିତରୁ ପ୍ରାୟ ୯୦ ପ୍ରକାର ଜାତିର ପ୍ରାଣୀ ବିଲୁପ୍ତ ହୋଇ ସାରିଥିବା ବେଳେ ବଳକା ପ୍ରାଣୀଙ୍କର ସଂରକ୍ଷଣ ଜରୁରି ହୋଇପଡ଼ିଛି।

## ଚରମ ବିପଦରେ ୨୫ ପ୍ରତିଶତ



## ଛୋଟ ଛୋଟ ପରିବର୍ତ୍ତନ ଦ୍ୱାରା ପରିବେଶ ସୁରକ୍ଷା

# ସମୟର ଆହ୍ୱାନ



ଅଙ୍ଗାରକାମ୍ଳ ନିର୍ଗମନ ଦ୍ୱାରା ପ୍ରେରିତ ତାପମାତ୍ରା ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନ ସ୍ଥିତିକୁ କୌଣସିମତେ ଧିମେଇ ଆଣିବା ହେଉଛି ସମୟର ଆହ୍ୱାନ। ସେଥିପାଇଁ ଅଙ୍ଗାରକାମ୍ଳ ନିର୍ଗମନରେ ହ୍ରାସ ନିମନ୍ତେ କିଛି ବ୍ୟକ୍ତିଗତ ଉଦ୍ୟମ ସହାୟକ ହୋଇପାରିବ। ବିଗତ ୨୦୨୪ରେ ପ୍ରଥମଥର ପାଇଁ ପ୍ରାକ୍ ଶିଳ୍ପଯୁଗ ତାପମାତ୍ରା ବୃଦ୍ଧିର ୧.୫ ଡିଗ୍ରି ସେଲସିଅସ୍ ପରି ଚରମ ସୀମାରେଖା ବର୍ଷ ତମାମ ଉଲ୍ଲଂଘନ ହୋଇଛି। ସୁତରାଂ ବିଶ୍ୱସ୍ତରୀୟ ଅଙ୍ଗାରକାମ୍ଳ ନିର୍ଗମନକୁ ଦ୍ରୁତ ବେଗରେ କମାଇବା ଜରୁରି ହୋଇପଡ଼ିଛି। ଅକ୍ଷୟ ଶକ୍ତିର ବୃଦ୍ଧିଠାରୁ ଆରମ୍ଭ କରି ତୈଳ, ଗ୍ୟାସ ଓ କୋଇଲା ଉତ୍ପାଦନ ବନ୍ଦ ଯାଏ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଆବଶ୍ୟକ ହେଉଥିବା ଅନେକ ପଦକ୍ଷେପ ବ୍ୟକ୍ତିଗତ ସ୍ତରରେ ଯଦିଓ ଅସମ୍ଭବ ମନେହୁଏ, ତେବେ କିଛି ବ୍ୟକ୍ତିଗତ କାର୍ଯ୍ୟ ଏ ଦିଗରେ ସକାରାତ୍ମକ ପ୍ରଭାବ ପକାଇବ। ଆକଳନ ଅନୁଯାୟୀ ଆମ ଖାଦ୍ୟରେ ମାଂସର



ଚାହିଦା ଯୋଗୁଁ ୨୦୩୩ ମସିହା ବେଳକୁ ପୃଥିବୀରେ ୨୦୦ କୋଟି ଗୋସମ୍ପଦ, ୧୦୦ କୋଟି ଘୁଷୁରି, ୩,୨୦୦ କୋଟି କୁକୁଡ଼ା ଓ ପାଖାପାଖି ୩୦୦ କୋଟି ଛେଳି ଓ ମେଣ୍ଢାର ଆବଶ୍ୟକତା ପଡ଼ିବ। ପାଖାପାଖି ୩,୮୦୦ କୋଟି ପ୍ରାଣୀଙ୍କ ଦ୍ୱାରା ବିପୁଳ ପରିମାଣର ମିଥେନ୍ ଓ ନାଇଟ୍ରସ୍ ଅକ୍ସାଇଡ୍ ପରି ସବୁଜଗୃହ ବାଷ୍ପ ବାୟୁମଣ୍ଡଳରେ ମିଶିବ, ଯାହା ଅଙ୍ଗାରକାମ୍ଳ ତୁଳନାରେ ଯଥାକ୍ରମେ ୨୮ ଓ ୨୬୫ ଗୁଣ ଅଧିକ ତାପମାତ୍ରା ବଢ଼ାଇବ। ତେଣୁ ଏଥିଜନିତ ବିଶ୍ୱ ଉତ୍ତପ୍ତୀକରଣକୁ ରୋକିବା ପାଇଁ ଆମକୁ ଯଥାସାଧ ନିରାମିଷ ଭୋଜନ ଆପଣେଇବା ଉଚିତ ହେବ। ସାଧାରଣତଃ ଆମିଷାଶୀଙ୍କ ତୁଳନାରେ ନିରାମିଷାଶୀମାନେ କମ୍ ଜଳ ବ୍ୟବହାର କରିଥା'ନ୍ତି ଯାହା ଜୈବବିବିଧତା ପାଇଁ ଅନୁକୂଳ। ସେହିପରି ବିମାନ ଚଳାଚଳ ଯୋଗୁଁ ଅଧିକ ଅଙ୍ଗାର ବାୟୁମଣ୍ଡଳରେ ମିଶୁଛି। ତେଣୁ ବ୍ୟକ୍ତିଗତ ସ୍ତରରେ ବିମାନଯାତ୍ରା କମାଇ ଯଥା ସମ୍ଭବ ଟ୍ରେନ୍ ବା ବସ୍‌ରେ ଯାତ୍ରାକଲେ ସେଥିରୁ ପରିବେଶକୁ କିଛି ମାତ୍ରାରେ ଲାଭ ମିଳିବ। ସେହିପରି ପ୍ରଦୂଷଣ ନିର୍ଗମନର ୮ରୁ ୧୦ ପ୍ରତିଶତ ପାଇଁ ଦାୟୀ ହେଉଛି ଫ୍ୟାସନ୍ ଶିଳ୍ପ। ତଜ୍ଜନିତ ଅଙ୍ଗାର ନିର୍ଗମନ ହ୍ରାସ ପାଇଁ କମ୍ ବସ୍ତ୍ର ବ୍ୟବହାର ଉପରେ ଗୁରୁତ୍ୱ ଦେବା ଉପାଦେୟ। ତେଣୁ ପୁରୁଣା ପୋଷାକକୁ ପ୍ରାଧାନ୍ୟ ଦେଇ ଅଳ୍ପ ନୂତନ ବସ୍ତ୍ର କିଣିବା ଠିକ୍ ହେବ।

ଘରେ ପୋଷାପ୍ରାଣୀ ପାଳିବା ସବୁବେଳେ ପରିବେଶ ଅନୁକୂଳ ନୁହେଁ। କାରଣ ଗୋଟିଏ ପୋଷାଜୀବ ତାହାର ଜୀବନକାଳ ଭିତରେ ହାରାହାରି ୩ ଟନ୍ ଅଙ୍ଗାରକାମ୍ଳ ଛାଡ଼ିଥାଏ। ସେମାନଙ୍କୁ ମାଂସ ଭିନ୍ନ ଅନ୍ୟ ଖାଦ୍ୟରେ ଅଭ୍ୟସ୍ତ କରି ପାରିଲେ ଏହି ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରାଯାଇପାରେ। ସେହିପରି ଘରେ ଗ୍ୟାସ୍ ବା କାଠ ପରି ଜାଳେଣି ବଦଳରେ ସୌରଶକ୍ତି ପରି ବିକଳ୍ପ ଉତ୍ସର ବ୍ୟବହାର କଲେ ମଙ୍ଗଳ ହେବ।

ଜୀବାଶ୍ମ ଜାଳେଣିରୁ ଉତ୍ପନ୍ନ ରାସାୟନିକ ପଦାର୍ଥରେ ହିଁ ୯୯ ପ୍ରତିଶତ ପ୍ଲାଷ୍ଟିକ୍ ପ୍ରସ୍ତୁତ ହୋଇଥାଏ। ତେଣୁ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ୍‌ର ବ୍ୟବହାରକୁ କମାଇ ଦେଇ ମଧ ସେ ଦିଗରେ କିଛି ଲାଭ ମିଳିପାରିବ।

### ନୂତନ ଥାନାଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

# ରାଣୀ ମହୁମାଛିର ଡ୍ରଗସ୍ ଜାଲରେ ବିଞ୍ଝାରପୁର



**ବିଞ୍ଝାରପୁର,୨୯।୫(ସଂଚାର ବ୍ୟୁରୋ):** ବିଞ୍ଝାରପୁରରେ ଦିନକୁ ଦିନ ବୃଦ୍ଧି ପାଉଛି ନିଶା କାରବାର।ନିଶାରେ ବୁଡ଼ି ରହୁଛନ୍ତି ଯୁବକ। ବଢ଼ୁଛି ଚୋରୀ ଆଉ ଉଜୁଡୁଛି ସଂସାର। ଚୋରୀ ଏଭଳି ହେଉଛି କି ଦୁର୍ବୃତ୍ତ ମାନେ ମନ୍ଦିରକୁ ମଧ୍ୟ ଛାଡୁ ନାହାଁନ୍ତି। ଘରେ ବାହାରେ ସବୁଠି ଚୋରି। ରାସ୍ତା ଉପରେ ଚଳନ୍ତା ସାଇକେଲରୁ ମଧ୍ୟ ମୋବାଇଲ ଚୋରି ହେଉଛି। ବେଳ ବୁଡ଼ି ରାତି ଆସିଲେ ଜମୁଛି ନିଶା ବେପାର।ଏହି ଏହି ନିଶା ଦ୍ରବ୍ୟ ଭିତରେ ଏବେ ମୁଖ୍ୟ ସ୍ଥାନରେ ରହିଛି ଧଳା ଜହର ବା ଡ୍ରଗସ୍। ବିଞ୍ଝାରପୁରରେ ଦିନକୁ ଦିନ ବୃଦ୍ଧି ପାଉଛି ଡ୍ରଗସ୍ କାରବାର। ବଜାର ଠୁ ଗାଁ ସବୁଠି ଚାଲିଛି ଏହି ବେପାର। କୁହା ଯାଉଛି ଏହି ଡ୍ରଗସ୍ କାରବାର ରେ ମୁଖ୍ୟ ଭାବେ ସମ୍ପୃକ୍ତ ଅଛି ଜଣେ ମହିଳା।ଆଉ ମହୁମାଛି ରୁପି ସେହି ମହିଳାର ଡ୍ରଗସ୍ ଜାଲରେ ଏବେ ବିଞ୍ଝାରପୁର। ପଶ୍ଚିମବଙ୍ଗ ଏବଂ ସୁଦୂର ବାଲେଶ୍ୱର ଜିଲ୍ଲା ରୁ ଆସୁଛି ଡ୍ରଗସ୍। ଆଉ ସେଠୁ ଏଠାକୁ ଆଣି ବିଞ୍ଝାରପୁରରେ ଡ୍ରଗସ୍ କାରବାରରେ ଯୁବକମାନଙ୍କୁ ଲିପ୍ତ କରାଯାଉଛି। ଛୋଟ ଛୋଟ ପାନ ଦୋକାନରେ ବିକ୍ରି ହେଉଛି ଏହି ଧଳା ଜହର। ସନ୍ଧ୍ୟା ହେଲେ ବିଲ ହେଉ କି ନଦୀ ବନ୍ଧ ଅବା ଫାଙ୍କା ରାସ୍ତାରେ ଧଳା ଜହର ନିଶାରେ ବୁଡ଼ି ରହୁଛନ୍ତି ଯୁବକ।ମହିଳା ମହୁମାଛି ଜଣଙ୍କ ଏ କାରବାର ଦୀର୍ଘ ଦିନ ଧରି କରିଆସୁଥିବା ଚର୍ଚ୍ଚା ହେଉଥିବା ବେଳେ କେବେ ପୋଲିସ୍ ହାତରେ ଏ ଯାଏ ଧରା ପଡ଼ିନି। କେବଳ ସେତିକି ନୁହେଁ ନିଜେ ଘରେ ବସି ଅସାମାଜିକ ଯୁବକଙ୍କ ଦ୍ୱାରା ଏ ବେପାର ଚଳାଉଛି।ଆଉ ଏଭଳି ନିଶାରେ ଯୁଡ ବୁଡ଼ ହେଉଛନ୍ତି ଯୁବକ ଆଉ ବଢ଼ୁଛି ଚୋରୀ।ବିଂଝାରପୁର ରେ ଧଳା ଜହରର କାରବାର ଯେତେ ବଢ଼ୁଛି ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ସେତେ ବଢ଼ୁଛି।ବିଂଝାରପୁର ଥାନାର ନାକ ଆଗରେ ଏ କାରବାର ଚାଲୁଥିବା ମଧ୍ୟ ଅଭିଯୋଗ ହେଉଛି। ଖାଲି ଡ୍ରଗସ୍ ନୁହେଁ ଗଞ୍ଜେଇ, ଚୋରା ମଦର କାରବାର ମଧ୍ୟ ବଢ଼ି ଚାଲିଛି।ଏହି ନିଶା ବେପାରୀ ମାନେ କଲେଜ୍ ପଢ଼ୁଆ ପିଲାମାନଙ୍କୁ ବିଶେଷ ଭାବରେ ଟାର୍ଗେଟ କରୁଛନ୍ତି। କେତେକ ପାନ ଦୋକାନରେ ଆଗରେ ପାନ ମସଲା ରଖି ଭିତରେ ଗୋଗୋ, ଗଞ୍ଜେଇ ଏବଂ ଧଳା ଜହର କାରବାର ହେଉଥିବା ଅଭିଯୋଗ ହେଉଛି। ନିଶବ୍ଦ ରାତିରେ ବୁଲୁଛି ଗାଡ଼ି ବଢ଼ୁଛି ଚୋରୀ। ଖରସ୍ରୋତା ନଦୀ ବନ୍ଧ ଉପରେ ରାତିରେ ହେଉଛି ଡ଼ିଲ।ତେବେ ଏ ନେଇ ବିଞ୍ଝାରପୁର ଥାନାରେ ଯୋଗଦେଇଥିବା ନୂତନ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କୁ ଭେଟିବା ଅବସରରେ ଧଳା ଜହର କାରବାରରେ ବ୍ରେକ ଦେବାକୁ ଦାବି କରିଥିଲେ ଅଞ୍ଚଳବାସୀ।ଆଉ ତାପରେ ଆକ୍ସନ୍ ମୁଡ଼ରେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକ। ଗତ କାଲି ବିଞ୍ଝାରପୁରର ଏକ ସର୍ଭିସିଂ ସେଣ୍ଟର୍ ନିକଟରୁ ଚାରି ଜଣ ସନ୍ଦିଗ୍ଧ ଯୁବକଙ୍କୁ ଉଠାଇ ଆଣିଥିଲା ବିଞ୍ଝାରପୁର ପୋଲିସ୍।ଖାଲି ସେତିକି ନୁହଁ ଚୋରି ଅଭିଯୋଗରେ ମଧ୍ୟ ଦୁଇ ଜଣଙ୍କୁ ଉଠାଇ ଆଣିଥିଲେ ଖୋଦ୍ ଥାନାଧିକାରୀ ରଞ୍ଜନ ମଲ୍ଲିକ। ନୂତନ ଥାନାଧିକାରୀ ଙ୍କ ଏ ତ୍ୱରାନ୍ୱିତ କାର୍ଯ୍ୟାନୁଷ୍ଠାନ ରେ ବିଞ୍ଝାରପୁରବାସୀ କିଛିଟା ଆଶ୍ୱସ୍ତି ପାଇଥିଲେ ହେଁ ଧଳା ଜହର କୁ ନେଇ ଏବେବି ଚିନ୍ତାରେ।ତେବେ ବିଞ୍ଝାରପୁରରେ ଧଳା ଜହର ବା ଡ୍ରଗସର ଜାଲ ବିଛେଇଥିବା ଏହି ରାଣୀ ମହୁମାଛି ପାଖରେ ପୋଲିସ କେବେ ପହଞ୍ଚୁଛି ତାକୁ ସମସ୍ତଙ୍କ ଅପେକ୍ଷା।

## ମନରେଗା ଯୋଜନା କାହିଁକି ଓ କାହାପାଇଁ ?




**ଖପ୍ରାଖୋଲ,୨୯।୫(ସଂଚାର ବ୍ୟୁରୋ):** ଗରିବ ଖଟିଖିଆ ଶ୍ରମିକ, ଚାଷୀ ମାନଙ୍କ ଆର୍ଥିକସ୍ଥିତି କୁ ସ୍ୱଚ୍ଛଳ କରିବା ପାଇଁ ସରକାର ମନରେଗା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ବ୍ଲକ ପଞ୍ଚାୟତ ମାନଙ୍କରେ କୋଟି କୋଟି ଟଙ୍କାର ଉନ୍ନତି ମୂଳକ କାର୍ଯ୍ୟ କରାଯାଉଛି। ଚାଷୀ ମାନଙ୍କୁ ଜମିଉନ୍ନତି ପାଇଁ ଅନୁଦାନ ରାଶି ଯୋଗାଇ ଦିଆଯାଉଛି ହେଲେ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଶ୍ରମିକ ବଦଳରେ ମେସିନ କାମ କରୁଛି କିନ୍ତୁ ଶ୍ରମିକ ମାନଙ୍କୁ କାମ ଯୋଗାଇ ଦିଆଯାଉନାହିଁ କିମ୍ବା କାମ କରିଥିବା ଶ୍ରମିକ ମାନଙ୍କ ଟଙ୍କା ହଡପ କରାଯାଉଛି କିମ୍ବା କାମ କରିନଥିବା ଶ୍ରମିକ ମାନଙ୍କ ଖାତାରେ ଟଙ୍କା ପକାଇ ଚାଲାକି କରି ସମ୍ପୃକ୍ତ କର୍ମଚାରୀ ମାନେ ପକେଟ ଗରମ କରୁଛନ୍ତି। ଚାଷୀ ମାନଙ୍କ ଜମି ଉନ୍ନତି ଟଙ୍କା ହେର ଫେର କରାଯାଉଛି ଫଳରେ ଚାଷୀ ଉପକୃତ ହୋଇ ପାରୁନି। ସେସବୁ ଦୃଷ୍ଟି କୋଣରୁ ଶ୍ରମିକ ମାନେ ଆର୍ଥିକ ଅସୁବିଧା ର ସମ୍ମୁଖୀନ ହେଉଛି ଏପରି ଉଦାହାରଣ ଦେଖା ଦେଇଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ବିଭିନ୍ନ ପଞ୍ଚାୟତ ମାନଙ୍କରେ। ସରକାର ପ୍ରତିବର୍ଷ ଦାଦନ ଶ୍ରମିକ ମାନଙ୍କୁ ସଚେତନ କରିବା ତଥା କାମ ଯୋଗାଇ ଦେବା ପାଇଁ ବ୍ଲକ ରେ ପଞ୍ଚାୟତ ମାନଙ୍କରେ ସଚେତନ ସଭା କରାଯାଉଛି ତଥାପି ଶ୍ରମିକ ମାନେ ବାହାର ରାଜ୍ୟକୁ ପରିବାର ନେଇ ଦାଦନ ଖଟି ଯାଉଛନ୍ତି। ଦାଦନ ଖଟିଯାଇ ନାନା ନିର୍ଯ୍ୟାତନା ସହିବା ମୃତ୍ୟୁ ମୁଖରେ ପଡ଼ିବା ଦାଦନ ସର୍ଦାର ମାନଙ୍କ ଠାରୁ ମାଡ ଗାଳି ଖାଇବା ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି ସେସବୁ ସତ୍ତ୍ୱେ ଖପ୍ରାଖୋଲ ବ୍ଲକ ର ବିଭିନ୍ନ ଗ୍ରାମ ମାନଙ୍କରୁ ଶ୍ରମିକ ମାନେ ଦାଦନ ଖଟି ଯାଉଛନ୍ତି ଏସବୁ ର ଖବର ଖପ୍ରାଖୋଲ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଙ୍କ ପାଖରେ ପହଁଚୁଛି ହେଲେ ଜାଣି ଅଜଣା ହେଉଥିବା ଅଭିନୟ କରି କାଗଜପତ୍ର ହେର ଫେର କରି ମୋଟା ଅଙ୍କର ପାଉଣା ହାତେଇ ହାତ ଗୋଡ ଝାଡ଼ି ନୀରବରେ ନିଜ ଆସନରେ ବସିଛନ୍ତି। ସରକାର ଯେଉଁ ଉଦେଶ୍ୟରେ ମନରେଗା ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାର ସୁଫଳ ଶ୍ରମିକ ପାଇ ପାରୁନି ହେଲେ ଖପ୍ରାଖୋଲ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତାର ସୁଫଳ ପାଇ ମାଲେମାଲ ହେଉଥିବା ଦେଖା ଦେଉଛି ଫଳରେ ଶ୍ରମିକ, ଚାଷୀ ମାନେ ଅଭିଯୋଗ, ଧାରଣା ଦେଉଥିବା ଦେଖା ଦେଉଛି। ସରକାର ଶ୍ରମିକ ମାନଙ୍କ ଦୁଃଖ ବୁଝି ମନରେଗା ଯୋଜନା କୁ ଠିକ ଭାବେ କାର୍ଯ୍ୟକାରୀ କରାଇ ଦୁର୍ନୀତି ଖୋର କର୍ମଚାରୀ ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିଶ୍ଚିତ ଶ୍ରମିକ ମାନେ ଉପକୃତ ହେବେ ଏବଂ ଦାଦନ ସମସ୍ୟା ସମ୍ପୂର୍ଣ୍ଣ ନହେଲେ ମଧ୍ୟ କିଛି ପରିମାଣରେ ଦୂର ହୋଇ ପାରନ୍ତା ବୋଲି ବୁଦ୍ଧିଜୀବି ମହଲରୁ ମତ ପ୍ରକାଶ ପାଉଛି।

## ବିକଶିତ ଗାଁ ବିକଶିତ ଓଡିଶା ଉନ୍ନୟନ ପ୍ରକଳ୍ପ ଉପରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ




**ଭବାନୀପାଟଣା,୨୯।୫(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାର ଗ୍ରାମାଞ୍ଚଳର ଭିତିଭୂମି ର ବିକାଶ ପାଇଁ ଲୋକାଭିମୁଖୀ ବିକଶିତ ଗାଁ ବିକଶିତ ଯୋଜନା ପ୍ରସ୍ତୁତ କରି ରାଜ୍ୟର ପଞ୍ଚାୟତ ସ୍ତରରେ ସମସ୍ତ ପ୍ରକାର ମୌଳିକ ସୁବିଧା କେମିତି ଜନ ସାଧାରଣ ଙ୍କ ନିକଟରେ ପହଞ୍ଚିବ ସେ ନେଇ ବ୍ଲକ ସ୍ତରରେ ନିର୍ବାଚିତ ଜନ ପ୍ରତିନିଧି ଙ୍କୁ ଏହି ଯୋଜନାରେ ସାମିଲ କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କୋକସରା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ କୋକସରା ବିଡିଓ ଡ଼. ହିମାଞ୍ଚଳ ମାଝୀ ଙ୍କ ସଭାପତିତ୍ୱ ରେ ବିକଶିତ ଗାଁ ବିକଶିତ ଓଡିଶା ର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମେତ ୨୨ ଗ୍ରାମ ପଞ୍ଚାୟତ ର ନିର୍ବାଚିତ ସମିତି ଓ ସରପଞ୍ଚ ଉପସ୍ଥିତ ରହିଥିଲେ। ଆର୍ଥିକ ବର୍ଷ ୨୦୨୪/୨୫ ପାଇଁ କୋକସରା ବ୍ଲକ ର ୨୨ ପଞ୍ଚାୟତ କୁ ୨୮୯.୭୫ ଲକ୍ଷ ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅନୁଦାନ ରାଶି ରେ ୨୨ ପଞ୍ଚାୟତ ରେ ଥିବା ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରାଯିବ ଓ ରହି ଯାଇଥିବା ପ୍ରକଳ୍ପ କୁ ପରବର୍ତ୍ତୀ ଅନୁଦାନ ଆସିଲେ କରାଯିବା ନେଇ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ କୁ ଜିପିଡ଼ିଓ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପରିଚାଳନା କରିଥିଲେ।

## ମୁକୁଳା ହୋଇ ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର



**ଗୋଛାପଡ଼ା,୨୯।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ଅଡୁନାଜୁ ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇ ପଡ଼ିରହିଛି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହା ଦେଖୁଥିଲେ ମଧ୍ୟ କିଛି ପ୍ରତିକାର କରୁ ନାହାନ୍ତି ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରାଯାଉଛି ଅଥଚ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଦିଆଯାଉ ନାହିଁ ଲୋକ ଯିବା ଆସିବା ରାସ୍ତା ପାର୍ଶ୍ୱ ନିକଟରେ ଟ୍ରାନ୍ସଫର୍ମର ଥିବାରୁ ଲୋକ ଓ ଗାଈ ଗୋରୁ ପାଇଁ ଏମିତିରେ ମଧ୍ୟ ଗୋଟିଏ ଫିରୋଜ ବେହେରାର ଗୋଟିଏ ଗାଈର ମଧ୍ୟ ବିଦ୍ୟୁତ୍ ଆଘାତରେ ପ୍ରାଣ ଯାଇଛି ମଧ୍ୟ ବିପଦ ଡାକୁଥିବାରୁ ବିଭାଗୀୟ ଅଧିକାରୀଙ୍କୁ କିଛି ଅଘଟଣ ଘଟିବା ପୂର୍ବରୁ ଯଥା ଶୀଘ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଦେବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ସମସ୍ୟାର ସମାଧାନ ନ ହୋଇ ମିଥ୍ୟା ରିପୋଟ୍ର ପ୍ରଦାନ କରୁଛନ୍ତି ବିଦ୍ୟୁତ ବିଭାଗ ଉପରିସ୍ଥ ଅଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ନିରୀହ ଜନ ସାଧାରଣଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି ବିଦ୍ୟୁତ ବିଭାଗ ଅଧିକାରୀ।

## ଆରମ୍ଭରୁ ବନ୍ଦ ପଡ଼ିଛି ଶୌଚାଳୟ

**ସୁବର୍ଣ୍ଣପୁର,୨୯।୫(ସଂଚାର ବ୍ୟୁରୋ):** ସ୍ଥାନୀୟ କଚେରୀ ଛକ ନିକଟରେ ଥିବା ଶୌଚାଳୟ ମୂଳରୁ ବନ୍ଦ ପଡ଼ିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶୌଚାଳୟ ଆରମ୍ଭରୁତାଲା ପଡ଼ିଛି। ବ୍ଲକ ଛକରୁ ଜୟ ଗୁରୁ ମାର୍କେଟ, କଚେରୀ ଛକ ଛକ ଯାଏଁ ଏହା ମୁଖ୍ୟ ରାସ୍ତା ହେଇଥିବା ବେଳେ, ବସଷ୍ଟାଣ୍ଡ ରୁ କଚେରି ଛକ କଡ଼ରେ ଶୌଚାଳୟ ରହିଛି। ଅନେକ ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ପୁଣି ଶୌଚାଳୟ ଅନତି ଦୂରରେ ଅନେକ ସରକାରୀ ଅଫିସ ସାଙ୍ଗକୁ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ସଂପ୍ରତି କଚେରୀ ଛକ ରେ ପ୍ରତ୍ୟେକ ଦିନ ବଲାଙ୍ଗୀର, ସମ୍ବଲପୁର ବସ ଏପଟେ ଦେଇ ଯାଇଥାଏ। କଚେରୀ ଛକ ରେ ୧୫ରୁ ୨୦ ମି ପର୍ଯ୍ୟନ୍ତ ଅପେକ୍ଷା କରିଥାଏ ଯାତ୍ରୀଙ୍କୁ କଚେରୀ ଛକ ରେ ସକାଳ ସମୟରେ ବହୁତ ଭିଡ଼ ଜମେ। ଲୋକେ ଶୌଚ ପାଇଁ ହିନସ୍ତା ହୁଅନ୍ତି। ଅଥଚ ଏହି ଶୌଚାଳୟ ଖୋଲାଯିବା ପରିବର୍ତ୍ତେ ନିର୍ମାଣର ଅନେକ ଦିନପରେ ମଧ୍ୟ ଏହାକୁ ତାଲା ପକାଇ ରଖାଯାଇଛି। ଫଳରେ ଏହା ଲୋକଙ୍କ କାମରେ ଆସୁନାହିଁ। ସେହିପରି ଆମ୍ବେଦକର ଛକ ପାଖରେ ଥିବା ଶୌଚାଳୟଟି ଭାଙ୍ଗି ରୋଜି କରି ପଡ଼ିଛି ତାହା ଶୋଚ କରିବା ଭଳି ସ୍ଥିତ ନାହିଁ। ଏସଂକ୍ରାନ୍ତରେ ପୌର ଅଧିକାରୀ ଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ସାଧାରଣ ରେ ଚର୍ଚ୍ଚା ହେଉଛି ଯେ ଶୋଚାଳୟ କାହାପାଇଁ ତିଆରି ହେଇଛି।




## ନୂତନ ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ



**ଫୁଲବାଣୀ,୨୯।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ନୂତନ ଶିକ୍ଷାଧିକାରୀ ଭାବେ ରାଜେଶ କୁମାର ସ୍ୱାଇଁ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାବେ ପ୍ରଣୟ କୁମାର ନାଏକ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ନୂତନ ଅନୁଦାନ ପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ କନିଷ୍ଠ କିରାଣୀ ସଂଘ ପକ୍ଷରୁ ଉଭୟଙ୍କୁ ବୁଧବାର ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରା ଯାଇଛି। ସଂଘ ଜିଲା ସଭାପତି ଖଗେଶ୍ୱର ସାହୁ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ସାଧାରଣ ସମ୍ପାଦକ କୁମୁଦ ଚନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ପ୍ରକାଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଜୟଦେବ ପ୍ରଧାନ, ଶ୍ରୀନିବାସ ବିଶୋଇ, ଜାନକୀକାନ୍ତ ହୋତା, ଅମରେଶ ଦୟାଲ ସାହୁ, ସନ୍ତୋଷ କୁମାର କହଁର ପ୍ରମୁଖ ଉଭୟଙ୍କୁ ସାକ୍ଷାତ କରି ଫୁଲଗୁଚ୍ଛ, ଉତରୀୟ ପ୍ରଦାନ କରିଥିଲେ। ଏଥିସହ ବିଦ୍ୟାଳୟ କନିଷ୍ଠ କିରାଣୀମାନଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରା ଯାଇଥିଲା।

## ଶ୍ରମିକ ଶିକ୍ଷା ଉନ୍ନୟନ ବୋର୍ଡର ଉପଦେଷ୍ଟା ହେଲେ ବିଶ୍ୱରଞ୍ଜନ



**ବ୍ରହ୍ମପୁର,୨୯।୫(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ଅନ୍ତର୍ଗତ ଦତ୍ତପନ୍ଥ ଠେଙ୍ଗଡ଼ି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ ଉନ୍ନୟନ ବୋର୍ଡର ଆଞ୍ଚଳିକ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି ସୁପ୍ରିମକୋର୍ଟର ଆଇନଜୀବୀ ତଥା ଜଣାଶୁଣା ସମାଜସେବୀ ବିଶ୍ୱରଞ୍ଜନ ଦାଶ। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଆଗାମୀ ଦିନରେ ବିଭିନ୍ନ ଜିଲ୍ଲାର ଶ୍ରମିକ ଓ କୃଷକ ମାନଙ୍କ ସମ୍ମାନ, ସ୍ୱାଭିମାନ ଓ ଅଧିକାର ଅକ୍ଷୁର୍ଣ୍ଣ ରଖିବା ଦିଗରେ ଶ୍ରୀଯୁକ୍ତ ଦାଶଙ୍କ ବଳିଷ୍ଠ ନେତୃତ୍ୱ ଓ ମାର୍ଗଦର୍ଶନ ସହାୟକ ହେବ। ସହର ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ବର୍ଗଙ୍କ ନିକଟରେ ଭାରତ ସରକାରଙ୍କ ସମସ୍ତ ଉପଯୋଗୀ ଯୋଜନା ଗୁଡିକ କିଭଳି ସହଜରେ ପହଞ୍ଚି ପାରିବ, ଯୋଜନା ଗୁଡିକ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିବ ଏବଂ ସରକାରୀ ଯୋଜନା ଗୁଡିକ ମଧ୍ୟ କିଭଳି ସାଧାରଣ ଲୋକଙ୍କ ଲାଗି ଗ୍ରହଣୀୟ ହୋଇପାରିବ ସେହି ଦିଗରେ କାର୍ଯ୍ୟ କରିବାକୁ ନେଇ ପଦକ୍ଷେପ ନେବେ ବୋଲି ବିଶ୍ୱରଞ୍ଜନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଛାତ୍ର ଜୀବନରୁ ତୃଣମୂଳ ସ୍ତରର ଲୋକଙ୍କ ପାଇଁ ନିଷ୍ଠା ଓ ସଚ୍ଚୋଟତାର ସହିତ କରିଥିବା ସେବାକାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରି ଭାରତ ସରକାର ଏହି ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ସେ' ବୋର୍ଡର ଅଧ୍ୟକ୍ଷ ଡ଼ଃ ଭବାନୀ ଶଙ୍କର ଦାଶ, ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.ଏସ.ଅଖତାର, ମୁଖ୍ୟ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଶତପଥୀ, ବରିଷ୍ଠ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାହୁ ତଥା ବୋର୍ଡର ସମସ୍ତ ସମ୍ମାନନୀୟ ଉପଦେଷ୍ଟାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ




**ସୁନ୍ଦରଗଡ,୨୯।୫(ସଂଚାର ବ୍ୟୁରୋ):** କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବବକ୍ଷଣା ପରିଷଦ ଦ୍ୱାରା ଆରମ୍ଭ କରାଯାଇଥିବା ୧୫ ଦିନିଆଁ "ବିକଶିତ କୃଷି ସଂକଳ୍ପ ଅଭିଯାନଦ୍ଧ (ବମ ମାସ ୨୯ ତାରିଖରୁ ଜୁନ ମାସ ୧୨ ତାରିଖ ପଯ୍ୟନ୍ତ) ଭାରତର କୃଷିବେତ୍ରବର ପରିବତ୍ତ୍ନ ଆଣିବ । ଏହି ଅଭିଯାନବର ସୁନ୍ଦରଗଡ଼ ଜିଲ୍ଲାବର ୧୭ଟି ବଲକର ୬୦ ଟି ଗ୍ରାମବର ୧୫୦୦୦ ଚାଷୀଙ୍କୁ ପ୍ରାକ୍ ଖରିଫ୍ କାଯ୍ୟକ୍ରମ ନିମବନ୍ତ ନୂତନ ପ୍ରଯୁକ୍ତି ବିଦୟା, ଓ ସରକାରୀ ବଯାଜନା ସମବନ୍ଧୀୟ ସୂଚନା, ଚାଷୀମାନଙ୍କର ମତାମତ ଓ ସୃଜନଶୀଳତାର ଦସ୍ତାବିଜକରଣ କରାଯିବା ନିମବନ୍ତ କାଯ୍ୟକ୍ରମ ଗ୍ରହଣ କରାଯାଇଅଛି । ୨୯ ତାରିଖ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳଙ୍କ କାଯ୍ୟାଳୟରୁ "ବିକଶିତ କୃଷି ସଂକଳ୍ପ ଅଭିଯାନଦ୍ଧ କୃଷିରଥର ଜିଲ୍ଲାପାଳ ମବନାଜ ସତୟୱ୍ୱାନ ମହାଜନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲ୍ । ଅତିରିକ୍ତ ଜିଲ୍ଲା ମାଜିବେଟ୍ ରବିନାରାୟଣ ସାହୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାଯ୍ୟନିବ୍ୱାହୀ ଅଧିକାରୀ ସୁରଞ୍ଜନ ସାହୁ, ଅଧ୍ୟୋ, ବପୌରପାଳିକା, ସୁନ୍ଦରଗଡ ଶ୍ରୀମତୀ ତନୟା ମିଶ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲ୍ଲାଲ୍ ବିହାରୀ ମଲ୍ଲିକ୍, କୃଷି ବିଜ୍ଞାନ ବକନ୍ଦ୍ରର ବରିଷ୍ଠ ବବୈଜ୍ଞାନିକ ଏବଂ ମୁଖ୍ୟ ଡ଼ଃ. ଲକ୍ଷ୍ମିପ୍ରୀୟା ପ୍ରଧାନ ସବମତ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ସମବାୟ ନିବନ୍ଧକ, ଜିଲ୍ଲା ସୂଚନା ଓ ଜନ ସମ୍ପର୍କ୍ ଅଧିକାରୀ, ଉପ-ଉଦୟାନ କୃଷି ନିର୍ଦ୍ଦେଶ, ଆଞ୍ଚଳିକ କୃଷି ଓ ଗବବକ୍ଷଣା ଉପବକନ୍ଦ୍ର, କିବରଇର ମୁଖ୍ୟ ତଥା ସମସ୍ତ ବବୈଜ୍ଞାନିକ ଏବଂ କମ୍ମତ୍ରାମାବନ ଉପସ୍ଥିତ ଥିବଲ୍ ।

## ଫାର୍ମାସିଷ୍ଟଙ୍କ ବଦଳି ସ୍ଥଗିତ ପାଇଁ ଧାରଣା

**ବାଲିଆପାଳ,୨୯।୫(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦକ୍ଷିଣ ବାଲିଆପାଳ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ଅଟେ।ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ଏକ ଲକ୍ଷ ଲୋକ ନିର୍ଭର କରିଥାନ୍ତି। ଏଠାରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡ଼ାକ୍ତର, ଏମବିବିଏସ, ଫାର୍ମାସିଷ୍ଟ, ଅନ୍ୟ କର୍ମ ଚାରି ନଥିବା ବେଳେ ବୁଧବାର ଦିନ କାର୍ଯ୍ୟରତ ଫାର୍ମାସିଷ୍ଟ ଚନ୍ଦନ ପାତ୍ର ଙ୍କୁ ଅନ୍ୟତ୍ର ବଦଳି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଆସିବା ପରେ ଲୋକମାନଙ୍କ ମଧ୍ୟରେ ତ୍ରୀବ୍ ଅସନ୍ତୋଷ ପ୍ରକାଶ ପାଇଥିଲା।ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଗୁରୁବାର ସକାଳେ ଶତାଧିକ ଲୋକ ଏକତ୍ରିତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏନେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଭାରପ୍ରାପ୍ତ ଅଧିକାରୀ ପ୍ରୀତମ ସାହୁ ଙ୍କୁ ବଦଳି ପ୍ରତ୍ୟାହାର ପାଇଁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଧାରଣା ରେ ବସିବାର ତିନି ଘଣ୍ଟା ବ୍ୟବଧାନରେ ଏହି ବଦଳିକୁ ସ୍ଥଗିତ କରାଯିବା ପରେ ଧାରଣା ସ୍ଥଗିତ ରଖାଯାଇଥିଲା।



## ବଜ୍ରାଘାତରେ ଜଣେ ଚାଷୀ ମୃତ

**ସୁବର୍ଣ୍ଣପୁର,୨୯।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ କୁହିବହାଲ ପଞ୍ଚାୟତ ତଥା ରାମପୁର ଥାନା ଥାନା ଅନ୍ତର୍ଗତ ପଧାନପାଲି ଗ୍ରାମରେ ବଜ୍ରାଘାତ ରେ ଜଣେ ଚାଷୀ ଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରାଜୀବ ପଧାନ (୩୬)। ସୁଚନା ଅନୁସାରେ ମୃତ ରାଜୀବ ଗାଈ ଗୋରୁ କୁ ଘାସ ପାଳ ଦେବାକୁ କୁ ଯାଇଥିବା ବେଳେ ହଠାତ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଠିକ୍ ସେହି ସମୟରେ ତାଙ୍କୁ ବଜ୍ରାଘାତ ହେବାରୁ ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ଦେଖିବା ମାତ୍ରେ ମୃତ ଘୋଷଣା କରିଥିଲେ। ରାମପୁର ପୁଲିସ ଡ଼ାକ୍ତରଖାନକ୍ଷରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବିନିକା ଡାକ୍ତରଖାନାକୁ ପଠାଇଛନ୍ତି। ପ୍ରକାଶ ଥାଉକି ଯେ ସ୍ୱର୍ଗତ ରାଜୀବ ଗତ ବର୍ଷ ବିବାହ କରିଥିବା ବେଳେ ତାଙ୍କର ୩ ମାସର ଏକ ଝିଅ ରହିଛି ।



## ଅବ୍ୟବସ୍ଥା ଘେରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାରଙ୍ଗଗଡ଼

**ଗୋଛାପଡ଼ା,୨୯।୫(ସଂଚାର ବ୍ୟୁରୋ):** ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ଚକ୍ରମଣି କହଁର ଙ୍କ ନିଜ କ ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ରେ ଲହଡ଼ି ମାରୁଛି ବର୍ଷା ଜଳ, ରୋଗୀ ହେଉଛନ୍ତି ହନ୍ତସନ୍ତ। ସ୍ୱାସ୍ଥ୍ୟ ଅବସ୍ଥା ର ବିକଳ ଚିତ୍ର। ପୂର୍ବରୁ ଏକ ୨୪ ବର୍ଷ ର ସ୍ଥିର ସରକାର ଥିଲା କିନ୍ତୁ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭୌଗଳିକ ଅବସ୍ଥିତି ରେ କୌଣସି ପରିବର୍ତ୍ତନ ହୋଇ ପାରିଲା ନାହିଁ। ୫ଟି ଯୋଜନା ମାଧ୍ୟମ ରେ ମେଡ଼ିକାଲ ର ରୂପାନ୍ତରଣ ହେବ ବୋଲି ପ୍ରଚାର ପ୍ରସାର କରାଗଲା କିନ୍ତୁ ବାସ୍ତବ ରୂପ ଟିକେ ଅଲଗା। ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାଖାପାଖି ୪ ଟି ପଞ୍ଚାୟତ ବାସି ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରନ୍ତି କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସି ନିରାଶ ହୁଅନ୍ତି। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି, କିନ୍ତୁ ସାରଙ୍ଗଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅବସ୍ଥା ନ କହିବା ଭଲ ହେବ। ପୁରୁଷ ହଲ, ମହିଳା ହଲ, ସେବିକା କକ୍ଷ, ରକ୍ତ ନମୁନା ପରୀକ୍ଷାଗାର ଏମିତିକି ପ୍ରତୀକ୍ଷା କକ୍ଷ ରେ ଛାତ ରୁ ପାଣି ଗଳୁଛି। ରୋଗୀ ଯଦି ଆସେ ମେଡ଼ିକାଲ ପରିସର ରେ ଏକ ଘଣ୍ଟା ମଧ୍ୟ ରହି ପାରନ୍ତି ନାହିଁ, ନିଜେ ନିଜ ଇଚ୍ଛା ରେ ରେଫର କରିବାକୁ ଅନୁରୋଧ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ନୂତନ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ଏହି ଅଞ୍ଚଳବାସୀ।

## ସାମାନ୍ୟ ବର୍ଷାରେ ମହୁଲପାଟଣା-ମୁଖୀଗୁଡ଼ା ରାସ୍ତା ବେହାଲ

**ଥୁଆମୂଳ ରାମପୁର,୨୯।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲ ପାଟଣା - ମୁଖୀଗୁଡ଼ା ମୁଖ୍ୟ ଘାଟି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାଟି ବିଗତ ଦିନରେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ଅଧୀନରେ ହୋଇଛି ଯାହାକି ବିଭିନ୍ନ ଗେଟ୍ ବା ଜଳଭଣ୍ଡାରକୁ କର୍ମଚାରୀମାନେ ଯିବା ଆସିବା କରିବା ପାଇଁ ପ୍ରୋଜେକ୍ଟ ସମୟରେ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଏହି ରାସ୍ତାଟି ମରଣଯନ୍ତା ପାଲଟିଯାଇଛି। ରାସ୍ତାଟି ଥୁଆମୂଳ ରାମପୁର ବ୍ଲକ ଠାରୁ ଜୟପାଟଣା, କୋକସରା, ଜୁନାଗଡ଼, ଧର୍ମଗଡ଼ ବ୍ଲକ ସମେତ ପଡ଼ୋଶୀ ଜିଲା ନବରଙ୍ଗପୁର ସହିତ ସଂଯୋଗ କରୁଥିବା ରାସ୍ତା ହୋଇଥିବାରୁ ଥୁଆମୂଳ ରାମପୁର ବ୍ଲକର ମହୁଲପାଟଣା, ପାଡ଼େପଦର, ବଡ଼ଛତ୍ରଙ୍ଗ, ଅନ୍ଦ୍ରି, ଗୋପୀନାଥପୁର ସମେତ ମୁଖୀଗୁଡ଼ା, ମଙ୍ଗଳପୁର, ଧନସୁଲି ବଡ଼ କର୍ଲାକୋଟ ଆଦି ପଞ୍ଚାୟତର ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ରାସ୍ତା ଦେଇ ବିଭିନ୍ନ ସମୟରେ ଛୋଟ ବଡ଼ ବ୍ୟବସାୟୀଙ୍କ ଯାନବାହନଠାରୁ ଆରମ୍ଭ କରି ସ୍କୁଲ କଲେଜର ଛାତ୍ରୀ ଛାତ୍ର ଙ୍କ ଜୀବନ ରେଖା ପାଲଟିଛି ଏହି ଘାଟି ରାସ୍ତା ।